ବର୍ଷ-୨୬, ସଂଖ୍ୟା-୩୩
ଭୁବନେଶ୍ୱର
୦୩, ଫେବୃଆରୀ, ୨୦୨୬ ମଙ୍ଗଳବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 33
Bubaneswar
03, February, 2026 Tuesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com
Mahabharat



ବିବାହ ପାଇଁ ପ୍ରସ୍ତୁତି

## ଲୋକସେବା ଭବନର ୧୦ ଅଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ୍

ଭୁବନେଶ୍ୱର, ୨।୨ (ମହାଭାରତ): ଲୋକସେବା ଭବନର ୧୦ ଅଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଛି ଅର୍ଥ ବିଭାଗ । ଅର୍ଥ ବିଭାଗର ୧୦ ଜଣ ଅଧିକାରୀ ବାରମ୍ବାର ବଦଳି ପରେ ବି ପଦ ଛାଡୁ ନ ଥିବାରୁ ବିଭାଗ ପକ୍ଷରୁ ନୋଟିସ୍ ଜାରି ହୋଇଛି। ୭ ଦିନ ମଧ୍ୟରେ ବଦଳି ସ୍ଥାନରେ ଯୋଗ ନ ଦେଲେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ନୋଟିସ୍‌ରେ ଉଲ୍ଲେଖ କରାଯାଇଛି। ୨୦୨୫ ଅକ୍ଟୋବର ୧୬ ଏବଂ ୨୪ରେ ୨ଥର ବଦଳି ବିଜ୍ଞପ୍ତି ଜାରି ହୋଇଥିଲା। ସମ୍ପୃକ୍ତ ଅଧିକାରୀ ନିଜ ସ୍ଥାନ ନଛାଡ଼ିବାରୁ ସରକାରୀ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ସରକାରୀ ବିଶୃଙ୍ଖଳା ଭାବେ କାହିଁକି ଗ୍ରହଣ କରାନଯିବ ଦର୍ଶାଇବାକୁ ନୋଟିସରେ ଉଲ୍ଲେଖ କରାଯାଇଛି।



# ୬ ଦିନିଆ ଓଡ଼ିଶା ଗସ୍ତରେ ରାଷ୍ଟ୍ରପତି

## ଆଜି ଯାଜପୁର ଓ ପୁରୀରେ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୨।୨ (ମହାଭାରତ): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୬ଦିନିଆ ଓଡିଶା ଗସ୍ତରେ ଆସି ପହଞ୍ଚିଛନ୍ତି। ସେ ବାୟୁସେନାର ଏକ ସ୍ୱତନ୍ତ୍ର ବିମାନରେ ଆସି ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିଛନ୍ତି। ମହାମହିମଙ୍କ ସ୍ୱାଗତ ପାଇଁ ରାଜ୍ୟପାଳ ହରିବାବୁ କମ୍ଭମ୍ପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବିଜେପିର ବରିଷ୍ଠ ନେତା ଏବଂ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀ ବିମାନ ବନ୍ଦରରେ ପହଞ୍ଚି ଥିଲେ। ମହାମହିମ ଆଜି ଲୋକଭବନରେ ରାତ୍ରି ଯାପନ କରିବେ।

ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ, ୩ ତାରିଖ ସକାଳେ ବିଜୁ ପଟ୍ଟନାୟକ ବିମାନବନ୍ଦରରୁ ବାୟୁସେନା ହେଲିକପ୍ଟର ଯୋଗେ ଯାଜପୁର ନୂଆ ପ୍ରଶାସନିକ ଭବନ ଗ୍ରାଉଣ୍ଡ ହେଲିପ୍ୟାଡ୍‌ରେ ଅବତରଣ କରିବେ। ସେଠାରୁ ମା' ବିରଜାଙ୍କ ଦର୍ଶନ ପାଇଁ ଯିବେ। ପ୍ରାୟ ଦେଢ଼ ଘଣ୍ଟା ଧରି ମନ୍ଦିରରେ ପୂଜାର୍ଚ୍ଚନା କରିବେ। ସେଠାରୁ ବାଲେଶ୍ୱର ଯାଇ ଫକୀରମୋହନ ବିଶ୍ୱବିଦ୍ୟାଳୟ ସମାବର୍ତ୍ତନ ଉତ୍ସବରେ ଯୋଗଦେବେ। କାର୍ଯ୍ୟକ୍ରମ ଶେଷ ପରେ ଅପରାହ୍ଣ ପ୍ରାୟ ୩ଟା ୫୦ରେ ପୁରୀ ଅଭିମୁଖେ ବାହାରିବେ। ସନ୍ଧ୍ୟାରେ ପୁରୀରେ ପହଞ୍ଚି ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଆଳତି ଦର୍ଶନ ସହ ପିଣ୍ଡଦାନ କରିବେ। ପୁରୀ ଲୋକଭବନରେ ରାତ୍ରିଯାପନ କରିବାର କାର୍ଯ୍ୟକ୍ରମ ରହିଛି। ଫେବୃଆରି ୪ ତାରିଖ ସକାଳ ୯ଟାରେ ପୁରୀ ହେଲିପ୍ୟାଡ୍‌ରୁ ବାହାରି ପୂର୍ବାହ୍ଣ ୧୦ଟା ୪୦ରେ ମୟୂରଭଞ୍ଜଜିଲ୍ଲା ରାଇରଙ୍ଗପୁର ହେଲିପ୍ୟାଡ୍‌ରେ ପହଞ୍ଚିବା ପରେ ମହୁଲଡିହାସ୍ଥିତ ହଲିଡେ ହୋମ୍‌ର ଉଦ୍‌ଘାଟନ କରିବେ। ରାଇରାଙ୍ଗପୁର ମହୁଲଡିହାସ୍ଥିତ ସରକାରୀ ବାଳିକା ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଭଞ୍ଜବୀର ସୁନାରାମ ସୋରେନ୍‌ଙ୍କ ପ୍ରତିମୂର୍ତ୍ତି ଉନ୍‌ମୋଚନ କରିବେ। ସେଠାରେ କ୍ରୀଡା କମ୍ପ୍ଲେକ୍ସ ଲୋକାର୍ପଣ ସହ ଭର୍ଚୁଆଲ୍ ମାଧ୍ୟମରେ ରାଜ୍ୟର ଭିନ୍ନ ପ୍ରକଳ୍ପର ଲୋକାର୍ପଣ କରିବେ। ୬ ତାରିଖରେ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବା ପରେ ଅପରାହ୍ଣରେ ଭୁବନେଶ୍ୱର ଫେରିବା ସହ ହୋଟେଲ ମେ' ଫେୟାରରେ ଆୟୋଜିତ ହେବାକୁ ଥିବା ଏକ କାର୍ଯ୍ୟକ୍ରମରେ ଯୋଗଦେବେ। ୭ ତାରିଖ ସକାଳୁ ଭୁବନେଶ୍ୱରରୁ ଛତିଶଗଡ ଅଭିମୁଖେ ସ୍ୱତନ୍ତ୍ର ବାୟୁସେନା ବିମାନ ଯୋଗେ ଯାତ୍ରା କରିବେ ବୋଲି ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟରୁ ସୂଚନା ମିଳିଛି। ରାଷ୍ଟ୍ରପତିଙ୍କ ଗସ୍ତକୁ ନଜରରେ ରଖି ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି। ଏଥିସହିତ ଟ୍ରାଫିକ୍ କଟକଣା ଜାରି କରାଯାଇଛି।

# ରାୟଗଡାରେ ସୁଭଦ୍ରା ଶକ୍ତିମେଳାର ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

## ଜିଲ୍ଲାପାଇଁ ୬୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ପ୍ରକଳ୍ପ ଭେଟି

ରାୟଗଡ଼ା, ୨।୨ (ମହାଭରତ): ରାୟଗଡା ଜିଲ୍ଲା ଆଜି ସାରା ରାଜ୍ୟ ପାଇଁ ମହିଳା ସଶକ୍ତିକରଣ କ୍ଷେତ୍ରରେ ଉଦାହରଣ ପାଲଟିଛି। ଏହି ଜିଲ୍ଲାରେ ୧୨,୭୮୩ଟି ଏସ୍‌ଏଚ୍‌ଜି ଜରିଆରେ ୧.୫୨ ଲକ୍ଷରୁ ଅଧିକ ମା ଓ ଭଉଣୀମାନେ ସଂଗଠିତ ହୋଇ ନିଜପାଇଁ ସୁନ୍ଦର ଭବିଷ୍ୟତ ଗଢୁଛନ୍ତି। ପୂର୍ବରୁ ଯେଉଁଠି ସୁଯୋଗର ଅଭାବ ଥିଲା, ମହିଳା ମାନଙ୍କ ସକ୍ରିୟ ଯୋଗଦାନ ଫଳରେ ଆଜି ସେଠି ସମ୍ଭାବନାର ନୂଆ ଦ୍ୱାର ଖୋଲିଛି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ସୋମବାର ରାୟଗଡା ଠାରେ ସୁଭଦ୍ରା ଶକ୍ତି ମେଳା ୨୦୨୬ ଉଦ୍‌ଘାଟନ ଅବସରରେ କହିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଜିଲ୍ଲାପାଇଁ ୬୦୦ କୋଟିରୁ ଉର୍ଦ୍ଧ୍ୱଟଙ୍କା ମୂଲ୍ୟର ୧୦୯ଟି ଉନ୍ନୟନ ମୂଳକ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ଏଥିରେ ୨୩୮ କୋଟି ଟଙ୍କାର ୨୨ଟି ପ୍ରକଳ୍ପର ଉଦ୍‌ଘାଟନ ଏବଂ ୩୬୬ କୋଟିରୁ ଉର୍ଦ୍ଧ୍ୱଟଙ୍କାର ୮୭ଟି ପ୍ରକଳ୍ପର ଭିତିପ୍ରସ୍ତର କରାଯାଇଛି। ଏସବୁ ପ୍ରକଳ୍ପ ମଧ୍ୟରେ ସଡକ, ସେତୁ, ସ୍ୱାସ୍ଥ୍ୟସେବା, ବିଦ୍ୟାଳୟ, ମହିଳା ସଶକ୍ତିକରଣ ଭଳି ଅନେକ ଭିତିଭୂମି ଉନ୍ନୟନ ମୂଳକ ପ୍ରକଳ୍ପ ରହିଛି। ଏଥିସହିତ ୩୭ କୋଟି ଟଙ୍କା ବିନିଯୋଗରେ ମା ମଝିଘରିଆଣୀ ମନ୍ଦିରର ଉନ୍ନତି କରଣ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟପାଇଁ ମୁଖ୍ୟମନ୍ତ୍ରୀ ଶିଳାନ୍ୟାସ କରିଛନ୍ତି।

ଆହୁରି ମଧ୍ୟ ମୁଖ୍ୟମନ୍ତ୍ରୀ ଜିଲ୍ଲାର ବିଧାୟକ ଓ ସ୍ଥାନୀୟ ନେତୃବୃନ୍ଦଙ୍କ ଦାବୀ ଅନୁଯାୟୀ ଜିଲ୍ଲାର ସମସ୍ତ ବ୍ଲକରେ ଖୁବ୍ ଶୀଘ୍ର ଇନ୍‌ଡୋର୍ ଷ୍ଟାଡିୟମ୍ କାମ ଆରମ୍ଭ ହେବ, ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ବ୍ୟବସ୍ଥାର ସୁଦୃଢୀକରଣ ହେବ ଏବଂ ରାୟଗଡାରେ ମେଡିକାଲ କଲେଜ୍ ସ୍ଥାପନ ପାଇଁ ପ୍ରସ୍ତାବ ସରକାରଙ୍କ ବିଚାରାଧୀନ ଅଛି ବୋଲି କହିଥିଲେ।



ଉପସ୍ଥିତ ନାରୀ ଶକ୍ତିଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ରାୟଗଡା ଜିଲ୍ଲାରେ ୨୦୨୫-୨୬ ଆର୍ଥିକ ବର୍ଷରେ ୪୨୧୭ଟି ଏସ୍‌ଏଚଜିକୁ ପାଖାପାଖି ୨୦୦ କୋଟି ଟଙ୍କାର ଋଣ ପ୍ରଦାନ କରାଯାଇଛି। ଜିଲ୍ଲାରେ ୯,୩୩୫ ଏସ୍‌ଏଚଜି ପାଇଁ ୧୪ କୋଟି ଟଙ୍କାର ରିଭଲ୍ ଭିଙ୍ଗ ଫଣ୍ଡ ଯୋଗାଇଦିଆଯାଇଛି, ୧୬୪ଟି ଜିପିଏଲ୍‌ଏଫ୍ କୁ ୫୩.୧୪ କୋଟି ଟଙ୍କାର କମ୍ୟୁନିଟି ଇନ୍‌ଭେଷ୍ଟମେଂଟ ଫଣ୍ଡ (ସିଆଇଏଫ) ପ୍ରଦାନ ଏବଂ ୪୧୯୫ଟି ଏସ୍‌ଏଚଜିକୁ ଜୀବନ ଜୀବିକା କାର୍ଯ୍ୟକ୍ରମକୁ ଆଗକୁ ନେବା ପାଇଁ ୩୭.୫୫ କୋଟି ଟଙ୍କାର ଋଣ ପ୍ରଦାନ କରାଯାଇଛି।

ସେ ପୁଣି କହିଥିଲେ, ୨୦୨୬-୨୭ କେନ୍ଦ୍ରୀୟ ବଜେଟ୍ ମହିଳାଙ୍କ ପାଇଁ ଉତ୍ସର୍ଗୀକୃତ ବଜେଟ୍। ମହିଳା ଓ ଶିଶୁଙ୍କ ପାଇଁ ଏଥିରେ ୫ ଲକ୍ଷ କୋଟି ଟଙ୍କାର ପ୍ରାବଧାନ କରାଯାଇଛି । ତୃଣମୂଳ ସ୍ତରରେ ମହିଳା ମାନଙ୍କ ଆର୍ଥିକ ଅଂଶ ଗ୍ରହଣକୁ ଆହୁରି ସୁଦୃଢ କରିବା ପାଇଁ ସ୍ୱୟଂ ସହାୟକ ଉଦ୍ୟୋଗୀ ମାର୍ଟ ପ୍ରତିଷ୍ଠା କରିବା ପାଇଁ ଘୋଷଣା କରାଯାଇଛି।

ମୁଖ୍ୟମନ୍ତ୍ରୀ କହିଥିଲେ ଓଡିଶାରେ ଆଜି ମହିଳା ମାନେ ସବୁ କ୍ଷେତ୍ରରେ ଅଗ୍ରସର ହୋଇ ବିକାଶର ନେତୃତ୍ୱ ନେଉଛନ୍ତି। ଗ୍ରାମାଂଚଳରେ ବିକାଶର ଏହି ଯେଉଁ ଜୟଯାତ୍ରା ଆମେ ଦେଖୁଛୁ, ତାର ନେତୃତ୍ୱ ନେଉଛନ୍ତି ଆମର ଏସ୍‌ଏଚ୍‌ଜି ଗୋଷ୍ଠୀର ମା ମାନେ। ମୋର ଦୃଢ ବିଶ୍ୱାସ ଆଗାମୀ ଦିନରେ ମା ମାନଙ୍କ ସକ୍ରିୟ ଯୋଗଦାନରେ ଓଡିଶା ନିଶ୍ଚିତଭାବରେ ବିକଶିତ ଓଡିଶା ହେବ ଏବଂ ପ୍ରତ୍ୟେକ ମା ଗର୍ବରେ କହିବେ, ଆମେ ହେଉଛୁ ଓଡିଶା ବିକାଶର ଅଂଶୀଦାନ ଏବଂ ସେଥିରେ ମୋର ମଧ୍ୟ ଅବଦାନ ରହିଛି, ଭାଗୀଦାରି ଅଛି। ଉପସ୍ଥିତ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ରାୟଗଡା ଜିଲ୍ଲା ଆଦିବାସୀ ସଂସ୍କୃତି ଓ ସମୃଦ୍ଧ ଐତିହ୍ୟର ଏକ ଅନନ୍ୟ ପ୍ରାଣକେନ୍ଦ୍ର। ଏହି ଜିଲ୍ଲା ତାର ଅନନ୍ୟ ପରମ୍ପରା, ଐତିହ୍ୟ, ପ୍ରାକୃତିକ ସମ୍ପଦ ଓ ସୌନ୍ଦର୍ଯ୍ୟ ପାଇଁ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ସେ ପୁଣି କହିଥିଲେ ୨୦ ମାସର ଆମ ସରକାର ରାଜ୍ୟର ସବୁ ବର୍ଗଙ୍କ ପାଇଁ ଉନ୍ନତି ମୂଳକ କାର୍ଯ୍ୟ କରୁଛନ୍ତି। ଆମ ରାଜ୍ୟର ଏକ ଚତୁର୍ଥାଂଶ ହେଉଛନ୍ତି ଜନଜାତି। ଜନଜାତି ଭାଇ, ଭଉଣୀଙ୍କୁ ବିକାଶର ମୁଖ୍ୟଧାରାରେ ସାମିଲ କରିବା ପାଇଁ ଚଳିତ ବର୍ଷ ବଜେଟ୍ ରେ ୬୮,୮୮୧ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ସେମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ଜୀବନ ଜୀବିକା, ସୁରକ୍ଷା ଓ ଜଙ୍ଗଲ ଅଧିକାର ପାଇଁ ଏହି ଟଙ୍କା ଖର୍ଚ୍ଚ କରାଯାଉଛି। ଖଣି ଖାଦାନ ଭରା ରାୟଗଡା ମାଟିରେ ଉତ୍କଳ ଆଲୁମିନା, ଆଦିତ୍ୟ ଆଲୁମିନା, ଇମ୍ପା, ଜେକେ ପେପର ମିଲ୍ ଭଳି ଶିଳ୍ପାନୁଷ୍ଠାନ ରହିଛି। ସୁଦୃଢ ରେଳ ଭିତିଭୂମି ଯୋଗୁ ରାୟଗଡା ଅଂଚଳ ଖୁବଶୀଘ୍ର ଏକ ଆଧୁନିକ ଶିଳ୍ପାଂଚଳରେ ପରିଣତ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଜିଲ୍ଲାବାସୀଙ୍କୁ ସେ ପୁଣି କହିଥିଲେ, ଆଗାମୀ ଦିନରେ ହିଣ୍ଡାଲ୍‌କୋ ୧୫ ହଜାର କୋଟି ଟଙ୍କାର ପୁଞ୍ଜି ବିନିଯୋଗରେ ଏହାର ସମ୍ପ୍ରସାରଣ କରିବାକୁ ଯାଉଛି। ୨୫ ହଜାର କୋଟି ଟଙ୍କା ନିବେଶରେ ବେଦାନ୍ତ ଆଲୁମିନା ରିଫାଇନାରୀ, ୭୬୫୩ କୋଟି ଟଙ୍କା ବିନିଯୋଗରେ ଉତ୍କଳ ଆଲୁମିନା ଇଂଟରନ୍ୟାସନାଲ ଭଳି ଅନେକ ପ୍ରକଳ୍ପ ରାୟଗଡା ଜିଲ୍ଲାରେ ପ୍ରତିଷ୍ଠା ପାଇବାକୁ ଯାଉଛି। ଏଥି ସହିତ ଅନ୍ୟାନ୍ୟ ସେକ୍ଟରରେ ମଧ୍ୟ ଆହୁରି ଶିଳ୍ପାନୁଷ୍ଠାନ ରାୟଗଡା ଜିଲ୍ଲାରେ ପ୍ରତିଷ୍ଠା ପାଇବାକୁ ଯାଉଛି। ଏସବୁ ଶିଳ୍ପାନୁଷ୍ଠାନ ମାଧ୍ୟମରେ ରାୟଗଡା ଜିଲ୍ଲାରେ ପର୍ଯ୍ୟାପ୍ତ ନିଯୁକ୍ତି ସୁଯୋଗ ସୃଷ୍ଟିହେବ। ଏହି ସମସ୍ତ ଶିଳ୍ପାନୁଷ୍ଠାନରେ ସ୍ଥାନୀୟ ଯୁବଗୋଷ୍ଠୀଙ୍କ ପାଇଁ ୮୦ ପ୍ରତିଶତ ନିଯୁକ୍ତି ସଂରକ୍ଷଣ ରଖିବା ପାଇଁ ମୁଖ୍ୟମନ୍ତ୍ରୀ କଡା ନିର୍ଦ୍ଦେଶ ଦେଇଥିଲେ। ସେ କହିଥିଲେ ଯେ, ଶିଳ୍ପ ଗୁଡିକ ହେଉଛି ସମୃଦ୍ଧିର ସ୍ତମ୍ଭ।

## ଲଘୁ ଖଣିଜ ଉପରେ ଅତିରିକ୍ତ ଶୁଳ୍କ

### ବାଲି ଓ ପଥର ମାଫିଆଙ୍କୁ ସରକାରଙ୍କ ଶକ୍ତ ଝଟକା

ଭୁବନେଶ୍ୱର, ୨/୨ (ମହାଭାରତ): ବାଲି ଓ ପଥର ମାଫିଆ ।ଙ୍କୁ ସରକାରଙ୍କ ଶକ୍ତ ଝଟକା। ଲଘୁ ଖଣିଜ ଉପରେ ବଢ଼ିଲା 'ଅତିରିକ୍ତ ଶୁଳ୍କ । ରାଜ୍ୟରେ ବେଆ ।ଇନ ଖଣି ଖନନ ଉପରେ ରୋକ ଲଗାଇବା ଏବଂ ରାଜସ୍ବ ବୃଦ୍ଧି ପାଇଁ ଓଡ଼ିଶା ସରକାର ଏକ ବଡ଼ ପଦକ୍ଷେପ ନେଇଛନ୍ତି। ଓଡ଼ିଶା ଲଘୁ ଖଣିଜ ରିହାତି ନିୟମ, ୨୦୧୬ ଅନୁଯାୟୀ, ରାଜ୍ୟ ସରକାର 'ଅତିରିକ୍ତ ଶୁଳ୍କ'କୁ ରୟାଲଟିର ଦୁଇ ଗୁଣ କରିବାକୁ ନିଷ୍ପତ୍ତି ନେଇଛନ୍ତି । ବେଆ ।ଇନ ଖଣି କାରବାର ଓ ତଥ୍ୟ ଲୁଚାଇବା: ବାଲି, ପଥର, ମୋରମ ଓ ଲାଟେରାଇଟ୍ ଭଳି ଲଘୁ ଖଣିଜ କ୍ଷେତ୍ରରେ ହେଉଥିବା ଚୋରା କାରବାର ଏବଂ ରୟାଲଟି ଫାଙ୍କିବା ପ୍ରଥାକୁ ରୋକିବା ପାଇଁ ଏହି କଠୋର ନିୟମ ଅଣାଯାଇଛି । ପୂର୍ବରୁ କୌଣସି ଶକ୍ତ ଆ ।ର୍ଥିକ ଜରିମାନା ନଥିବାରୁ ଉଲ୍ଲଂଘନକାରୀମାନେ ବାରମ୍ବାର ନିୟମ ଭାଙ୍ଗୁଥିଲେ ଲଘୁ ଖଣିଜ କ୍ଷେତ୍ରରୁ ହେଉଥିବା ରାଜସ୍ କ୍ଷୟକୁ ରୋକିବା ପାଇଁ ସରକାର ଏହି ଟାର୍ଗେଟ୍ ରଖିଛନ୍ତି ନୂଆ। ଶୁଳ୍କ ଲାଗୁ ହେବା ପରେ ରାଜ୍ୟ କୋଷାଗାରକୁ ଅଧିକ ଅର୍ଥ ଆ ।ସିବ ।

## ୨୦୨୬ ସୁଦ୍ଧା ଖୋର୍ଦ୍ଧା ସହ ଯୋଡି ହେବ ବଲାଙ୍ଗୀର

ଭୁବନେଶ୍ୱର, ୨।୨ (ମହାଭାରତ) : ୨୦୨୬ ଶେଷ ସୁଦ୍ଧା ଖୋର୍ଦ୍ଧା ସହ ଯୋଡି ହେବ ବଲାଙ୍ଗୀର । ଏହି ସୂଚନା ଦେଇଛନ୍ତି ପୂର୍ବତଟ ରେଳବାଇ ମହା ପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ। ସେ କହିଛନ୍ତି ଯେ ଖୋର୍ଦ୍ଧା - ବଲାଙ୍ଗୀର ରେଳପଥର ୨୨୬ କିମି ରେଳ ଲାଇନ ତିଆରି ସରିଛି । ବାକି ୭୫ କିମି ରେଳ ଲାଇନ ପାଇଁ ୭ ଟି ଟନେଲ କାମ ସରିଛି । ୨୦୨୬ ଶେଷ ସୁଦ୍ଧା ପୁରା କାର୍ଯ୍ୟ ସରିବ ।ଅନ୍ୟପକ୍ଷରେ ରାଜ୍ୟର ୩ ଅମୃତ ଷ୍ଟେସନ କାର୍ଯ୍ୟ ସମାପ୍ତ ହୋଇଛି। ପାରଳାଖେମୁଣ୍ଡି, ତାଳଚେର, ବରପାଲି ଷ୍ଟେସନ କାର୍ଯ୍ୟ ସରିଛି । ଅନ୍ୟ ଷ୍ଟେସନ ନବୀକରଣ କାର୍ଯ୍ୟ ୨୦୨୬ ଡିସେମ୍ବର ସୁଦ୍ଧା ସାରିବାକୁ ଲକ୍ଷ୍ୟ ରଖା ଯାଇଛି।

## ରାହୁଲଙ୍କ ଭାଷଣକୁ ନେଇ ହଙ୍ଗାମା

ନୂଆଦିଲ୍ଲୀ, ୨।୨ (ମହାଭାରତ): ସୋମବାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଲୋକସଭାରେ ପୂର୍ବତନ ସେନା ମୁଖ୍ୟ ଜେନେରାଲ ମନୋଜ ମୁକୁନ୍ଦ ନରୱାଣେଙ୍କ ଅପ୍ରକାଶିତ ପୁସ୍ତକ ଉପରେ ଏକ ପତ୍ରିକା ଲେଖା ଉଠାଇବାକୁ ଚେଷ୍ଟା କରିଥିଲେ। ଶାସକ ଦଳର ବିରୋଧ ଏବଂ ବାଚସ୍ପତିଙ୍କ ରୁଲିଂ ସତ୍ତ୍ୱେ, ରାହୁଲ ଗାନ୍ଧୀ ଏହି ପ୍ରସଙ୍ଗକୁ ବାରମ୍ବାର ଉଠାଇବା ଫଳରେ ଦୁଇଥର ମୁଲତବୀ ଏବଂ ପରବର୍ତ୍ତୀ ସମୟରେ ଦିନକ ପାଇଁ ମୁଲତବୀ କରାଯାଇଥିଲା।

ଲୋକସଭା ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଉପରେ ଆଲୋଚନା ଆରମ୍ଭ କରିଥିଲା। ଆଲୋଚନାରେ ଅଂଶଗ୍ରହଣ କରି ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ପୂର୍ବ ଲଦାଖ ସୀମାରେ ଭାରତ ଏବଂ ଚୀନ୍ ମଧ୍ୟରେ ୨୦୨୦ ସାମରିକ ଗତିରୋଧ ପ୍ରସଙ୍ଗ ଉଠାଇଥିଲେ। ସେ ସେତେବେଳେ ସେନା ମୁଖ୍ୟ ଥିବା ଜେନେରାଲ ନରୱାଣେଙ୍କ ଅପ୍ରକାଶିତ ପୁସ୍ତକ ଉପରେ ଏକ ପତ୍ରିକା ଲେଖା ଆଧାରରେ ଶାସକ ଦଳକୁ ଟାର୍ଗେଟ କରିଥିଲେ। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏଥିରେ ଆପତି କରିଥିଲେ।

ପ୍ରତିରକ୍ଷା ମନ୍ତ୍ରୀଙ୍କ ଆପତି ଥିଲା ଯେ ରାହୁଲ ଗାନ୍ଧୀ ଏକ ଅପ୍ରକାଶିତ ପୁସ୍ତକ ଉଦ୍ଧୃତ କରୁଥିଲେ ଯାହା ଯାଂଚ କରାଯାଇ ପାରିବ ନାହିଁ। ଲୋକସଭା ବାଚସ୍ପତି ମଧ୍ୟ ରାହୁଲ ଗାନ୍ଧୀଙ୍କୁ ଗୃହରେ କେବଳ ସେହି ଜିନିଷ ଉପସ୍ଥାପନ କରିବାକୁ କହିଥିଲେ ଯାହାକୁ ସେ ଯାଂଚ କରିପାରିବେ। ଏହା ସତ୍ତ୍ୱେ, ରାହୁଲ ଗାନ୍ଧୀଙ୍କ ପ୍ରସଙ୍ଗ ଉଠାଇବା ଯୋଗୁଁ, ଗୃହ କାର୍ଯ୍ୟ ପ୍ରଥମେ ଅପରାହ୍ଣ ୩ଟା ପର୍ଯ୍ୟନ୍ତ ଏବଂ ପରେ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ମୁଲତବୀ ରଖାଯାଇଥିଲା। ଦୁଇ ଥର ମୁଲତବୀ ହେବା ପରେ, ରାହୁଲ ଗାନ୍ଧୀ ପୁଣି ଥରେ ପ୍ରସଙ୍ଗ ଉଠାଇବାକୁ ଚେଷ୍ଟା କରିଥିଲେ, କହିଥିଲେ ଯେ ସେ ଏକ ଜାତୀୟ ସୁରକ୍ଷା ପ୍ରସଙ୍ଗ ଉଠାଉଥିଲେ ଏବଂ ତେଣୁ ତାଙ୍କୁ କହିବାକୁ ଅନୁମତି ଦିଆଯାଉନାହିଁ। ତା'ପରେ କାର୍ଯ୍ୟ ମଙ୍ଗଳବାର ପର୍ଯ୍ୟନ୍ତ ମୁଲତବୀ ରଖାଯାଇଥିଲା

# ମହିଳା ସଶକ୍ତିକରଣରେ ନୂଆ ଅଧ୍ୟାୟ

ଭୁବନେଶ୍ୱର, ୨।୨ (ମହାଭରତ): ମହିଳାଙ୍କୁ ଆର୍ଥିକ ଭାବେ ସଶକ୍ତ କରିବା ହେଉଛି ଓଡିଶାର ସାମଗ୍ରିକ ବିକାଶର ମୁଖ୍ୟ ଆଧାର। ଏହି ଲକ୍ଷ୍ୟକୁ ଆଗେଇ ନେବା ପାଇଁ ରାଜ୍ୟ ସରକାର ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ପାଇଁ ବ୍ୟାଙ୍କ ଋଣ ଉପରେ ସୁଧ ଫେରସ୍ତ କରି ମହିଳାମାନଙ୍କ ଜୀବନଜୀବିକାରେ ସକାରାତ୍ମକ ପରିବର୍ତ୍ତନ ଆଣୁଛନ୍ତି। ସୋମବାର ମିଶନ ଶକ୍ତି ଭବନ, ଭୁବନେଶ୍ୱର ଠାରେ "ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ସୁଧ ଫେରସ୍ତ" କାର୍ଯ୍ୟକ୍ରମର ଚତୁର୍ଥ ପର୍ଯ୍ୟାୟ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା, 'ମହିଳାଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ରାଜ୍ୟ ସରକାର ଜୀବିକାମୂଳକ ଓ ଦୀର୍ଘକାଳୀନ ଆର୍ଥିକ ମଡେଲ୍ ଉପରେ କାମ କରୁଛନ୍ତି ବୋଲି ମତବ୍ୟକ୍ତ କରିଛନ୍ତି । ଏକ ଐତିହାସିକ ଘୋଷଣା କରି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା କହିଛନ୍ତି ୪୬ ହଜାରରୁ ଉର୍ଦ୍ଧ୍ୱ ସିଆରପି ଭଉଣୀମାନଙ୍କୁ ସ୍ମାର୍ଟ ଫୋନ, ସମସ୍ତ କମ୍ୟୁନିଟି ସପୋର୍ଟ ଷ୍ଟାଫଙ୍କୁ ନୂଆ ୟୁନିଫର୍ମ ଏବଂ ପରିଚୟ ମିଳିବ ।



ବ୍ୟାଙ୍କ ଋଣ ମାଧ୍ୟମରେ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାମାନେ ନିଜ ଉଦ୍ୟୋଗକୁ ଆଗେଇ ନେଇପାରୁଛନ୍ତି। ଏହା ସହ ଋଣରେ ସୁଧ ଭାର କମିଥିବାରୁ ସେମାନଙ୍କ ଆୟ ଓ ବ୍ୟବସାୟ ବୃଦ୍ଧି ପାଉଛି। ରାଜ୍ୟ ସରକାର ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବ୍ୟାଙ୍କ ଋଣରେ ବାର୍ଷିକ ସୁଧ ହାରକୁ ଶୂନ୍ୟ ପ୍ରତିଶତ କରି ଏହାର ସମ୍ପୂର୍ଣ୍ଣ ସୁଧ ରାଶି ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାମାନଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ଭାବେ ଫେରସ୍ତ କରୁଛନ୍ତି। କାର୍ଯ୍ୟକ୍ରମରେ ଉପ ମୁଖ୍ୟମନ୍ତ୍ରୀ ୨,୮୦,୫୮୬ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୧୯୭.୬୬ କୋଟି ଟଙ୍କାରୁ ଅଧିକ ସୁଧ ଫେରସ୍ତ ରାଶି ପ୍ରଦାନ କରିଥିଲେ। ୨୦୨୫-୨୬ ଆର୍ଥିକ ବର୍ଷରେ ବର୍ତ୍ତମାନ ସୁଦ୍ଧା ୫୧୫ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ସୁଧ ଫେରସ୍ତ କରାଯାଇଛି। ଏହି ପଦକ୍ଷେପ ମହିଳା-ନେତୃତ୍ୱାଧୀନ ଉଦ୍ୟୋଗମାନଙ୍କୁ ଆର୍ଥିକ ଭାବେ ଅଧିକ ସଶକ୍ତ କରିବା ସହ ରାଜ୍ୟର ଆର୍ଥିକ ପ୍ରଗତିରେ ମହିଳାମାନଙ୍କ ଅବଦାନକୁ ଆହୁରି ସୁଦୃଢ଼ କରିଛି।

କେନ୍ଦ୍ର ସରକାର ବଜେଟରେ ଲକ୍ଷପତି ଦିଦି ଯୋଜନାର ସଂପ୍ରସାରଣ ଓ ଏସଏଚଇ ମାର୍ଟ ଉପରେ ଗୁରୁତ୍ୱ ଦେଇ କ୍ଲଷ୍ଟର ଲେବଲରେ ମହିଳା ସଶକ୍ତିକରଣକୁ ଏକ ସୁଦୃଢ ଓ ଶକ୍ତିଶାଳୀ କର୍ମଦକ୍ଷ ଭାବେ ରୂପାନ୍ତରିତ ହେବ ବୋଲି କରିଥିବା ଘୋଷଣାର ସେ ପୁନରାବୃତି କରିଛନ୍ତି। ଏହି କାର୍ଯ୍ୟକ୍ରମରେ ମିଶନ ଶକ୍ତି ବିଭାଗ, ଓଡିଶା ଜୀବିକା ମିଶନର ବରିଷ୍ଠ ଅଧିକାରୀମାନେ ଓ ବିଭିନ୍ନ ବ୍ୟାଙ୍କର ପ୍ରତିନିଧିମାନେ ଉପସ୍ଥିତ ଥିଲେ ।ଜିଲ୍ଲା ଓ ବ୍ଲକ ସ୍ତରୀୟ ସମସ୍ତ ଅଧିକାରୀ ଓ ସ୍ୱଂୟ ସହାୟକ ଗୋଷ୍ଠୀର ମା ମାନେ ଆଭାଷୀ ମାଧ୍ୟମରେ ଯୋଗ ଦେଇଥିଲେ । ମିଶନ ଶକ୍ତି ବିଭାଗର ଏହି ପଦକ୍ଷେପ ମହିଳାମାନଙ୍କୁ ସ୍ୱାବଲମ୍ବୀ, ସକ୍ଷମ ଓ ସଶକ୍ତ କରିବା ପ୍ରତି ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତାକୁ ସ୍ପଷ୍ଟ ଭାବରେ ପ୍ରକାଶ କରିଛି।

# ଓଡିଶାରେ ରେଳ ଭିତିଭୂମି ବିକାଶ ପାଇଁ ଐତିହାସିକ ୧୦,୯୨୮ କୋଟିର ଅନୁଦାନ

ଭୁବନେଶ୍ୱର, ୦୨।୨ (ମହାଭରତ): ୨୦୨୬-୨୭ କେନ୍ଦ୍ରୀୟ ବଜେଟରେ ଓଡିଶା ରେଳ ଭିତିଭୂମିର ବିକାଶ ପାଇଁ ଐତିହାସିକ ପ୍ରୋତ୍ସାହନ ରାଶି ପାଇଛି , ଯାହା ପୂର୍ବ ଭାରତରେ ରେଳ ପରିଚାଳିତ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ଭାରତ ସରକାରଙ୍କ ଦୃଢ଼ ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ ବୋଲି କେନ୍ଦ୍ର ରେଳ ମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି।

ରେଳ ମନ୍ତ୍ରୀ ସୂଚନା ଦେଇଛନ୍ତି ଯେ ଓଡିଶା ପାଇଁ ବାର୍ଷିକ ହାରାହାରି ରେଳ ବଜେଟ ଆବଂଟନ ୨୦୦୯-୧୪ ଅବଧିରେ ଏହା ୮୩୮ କୋଟିରୁ ବୃଦ୍ଧି ପାଇ ୨୦୨୬-୨୭ ମସିହାରେ ୧୦,୯୨୮ କୋଟିକୁ ଅଭୂତପୂର୍ବ ଭାବେ ବୃଦ୍ଧି ପାଇଛି, ଯାହା ପ୍ରାୟ ୧୩ ଗୁଣ ଅଧିକ ।

ସେ କହିଥିଲେ ଯେ ଏହି ନିରନ୍ତର ନିବେଶ ଫଳରେ ସମଗ୍ର ରାଜ୍ୟରେ ରେଳ ଭିତିଭୂମିର ବ୍ୟାପକ ପରିବର୍ତ୍ତନ ଆସିଛି, ବର୍ତ୍ତମାନ ୯୦,୬୫୯ କୋଟିରୁ ଅଧିକ ମୂଲ୍ୟର କାର୍ଯ୍ୟ ଜାରି ରହିଛି। ଏଥିରେ ନୂତନ ଲାଇନ ନିର୍ମାଣ, ଦୋହରୀକରଣ ଏବଂ କ୍ଷମତା ବୃଦ୍ଧି, ଷ୍ଟେସନ ପୁନଃବିକାଶ ଏବଂ ଗୁରୁତ୍ୱପୂର୍ଣ୍ଣ ସୁରକ୍ଷା ବୃଦ୍ଧି, ଓଡ଼ିଶାର ସମସ୍ତ ଅଞ୍ଚଳରେ ସମାବେଶୀ ଅଭିବୃଦ୍ଧି ଏବଂ ଉନ୍ନତ ସଂଯୋଗୀକରଣ ସୁନିଶ୍ଚିତ କରିବା ସହିତ ଜଡିତ ପ୍ରକଳ୍ପଗୁଡ଼ିକ ଅନ୍ତର୍ଭୁକ୍ତ ।ଯାତ୍ରୀ କୈନ୍ଦ୍ରିକ ପଦକ୍ଷେପ ଉପରେ ଆଲୋକପାତ କରି ଶ୍ରୀ ବୈଷ୍ଣବ କହିଥିଲେ ଯେ ଅମୃତ ଷ୍ଟେସନ ଯୋଜନା ଅଧୀନରେ, ୨,୪୩୯ କୋଟି ଟଙ୍କାର ମୋଟ ବିନିଯୋଗରେ ଓଡ଼ିଶାରେ ୫୯ଟି ଷ୍ଟେସନକୁ ବ୍ୟାପକ ପୁନଃବିକାଶ ପାଇଁ ଚିହ୍ନଟ କରାଯାଇଛି। କଟକ (ଦ୍ୱିତୀୟ ପ୍ରବେଶଦ୍ୱାର), ବାରିପଦା, ବରପାଲି, ବିମଳଗଡ଼, ପାରଳାଖେମୁଣ୍ଡି ଏବଂ ତାଳଚେର ଭଳି ଛଅଟି ଷ୍ଟେସନରେ କାର୍ଯ୍ୟ ସମାପ୍ତ ହୋଇସାରିଛି ଯାହା ଯାତ୍ରୀ ସୁବିଧା ଏବଂ ଷ୍ଟେସନ ସୌନ୍ଦର୍ଯ୍ୟକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିଛି।





ରେଳମନ୍ତ୍ରୀ ଆହୁରି ଉଲ୍ଲେଖ କରିଥିଲେ ଯେ ଆଧୁନିକ ଟ୍ରେନ୍ ସେବା ପ୍ରଚଳନ ସହିତ ରାଜ୍ୟରେ ରେଳ ସଂଯୋଗ ଏକ ଗୁଣାତ୍ମକ ପରିବର୍ତ୍ତନ ଦେଖିଛି। ବର୍ତମାନ, ଓଡ଼ିଶାରେ ଛଅ ଯୋଡ଼ା ବନ୍ଦେ ଭାରତ ଏକ୍ସପ୍ରେସ୍ ଏବଂ ଅମୃତ ଭାରତ ଏକ୍ସପ୍ରେସ୍ ଟ୍ରେନ୍ ଚଳାଚଳ କରୁଛି, ଯାହା ଦ୍ରୁତ, ସୁରକ୍ଷିତ ଏବଂ ଅଧିକ ଆରାମଦାୟକ ଯାତ୍ରା ବିକଳ୍ପ ପ୍ରଦାନ କରୁଛି ।ଶ୍ରୀ ବୈଷ୍ଣବ ମଧ୍ୟ ଗୁରୁତ୍ୱାରୋପ କରିଥିଲେ ଯେ ନେଟୱର୍କ ସମ୍ପ୍ରସାରଣ ଏକ ପ୍ରମୁଖ ଫୋକସ୍ କ୍ଷେତ୍ର ହୋଇ ରହିଛି। ୨୦୧୪ ମସିହାରୁ ଓଡ଼ିଶାରେ ପ୍ରାୟ ୨,୨୦୦ କିଲୋମିଟର ନୂତନ ରେଳ ଟ୍ରାକ୍ ନିର୍ମାଣ କରାଯାଇଛି, ଯାହା ମାଲେସିଆର ସମଗ୍ର ରେଳ ନେଟୱାର୍କ ଠାରୁ ଅଧିକ। ସେ ଆହୁରି ମଧ୍ୟ କହିଛନ୍ତି ଯେ ରାଜ୍ୟ ୧୦୦ ପ୍ରତିଶତ ବିଦ୍ୟୁତୀକରଣ ହାସଲ କରିଛି, ଏହି ସମୟ ମଧ୍ୟରେ ୧,୫୫୯ କିଲୋମିଟର ରେଳ ଲାଇନ ବିଦ୍ୟୁତୀକରଣ ହୋଇଛି, ଯାହା ଶକ୍ତି ସଞ୍ଚୟ ଏବଂ ଉତମ ପରିବେଶ ପାଇଁ ଗୁରୁତ୍ୱପୂର୍ଣ୍ଣ ଭାବେ ସହାୟତା କରିଛି ।ଏହାବ୍ୟତୀତ, ସୁରକ୍ଷା ବୃଦ୍ଧି ଏବଂ ନିରବଚ୍ଛିନ୍ନ ସଡ଼କ ରେଳ ଚଳାଚଳ ସୁନିଶ୍ଚିତ କରିବା ପାଇଁ ୬୩୨ ଟି ସଡ଼କ ଓଭରବ୍ରିଜ୍ ଏବଂ ଅଣ୍ଡରପାସ୍ ନିର୍ମାଣ କରାଯାଇଛି। ରେଳମନ୍ତ୍ରୀ କହିଛନ୍ତି ଯେ ଏହି ଐତିହାସିକ ପଦକ୍ଷେପଗୁଡ଼ିକ ବିଶ୍ୱସ୍ତରୀୟ ରେଳ ଭିତିଭୂମି, ଉନ୍ନତ ଯାତ୍ରୀ ଅଭିଜ୍ଞତା ଏବଂ ବର୍ଦ୍ଧିତ ଲଜିଷ୍ଟିକ୍ସ କ୍ଷମତା ମାଧ୍ୟମରେ ଓଡ଼ିଶାକୁ ଏକ ପ୍ରମୁଖ ବିକାଶ ଇଞ୍ଜିନରେ ପରିଣତ କରିବା ପାଇଁ ରେଳବାଇର ଦୃଷ୍ଟିକୋଣକୁ ରେଖାଙ୍କିତ କରୁଛି, ଯାହା ରାଜ୍ୟର ଦୀର୍ଘକାଳୀନ ସାମାଜିକ ଆର୍ଥିକ ବିକାଶ ପାଇଁ ପଥ ପ୍ରଶସ୍ତ କରିବ।

## ପ୍ରଧାନମନ୍ତ୍ରୀ, ଅର୍ଥମନ୍ତ୍ରୀ, ରେଳମନ୍ତ୍ରୀଙ୍କୁ ଧନ୍ୟବାଦ ଦେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨।୨ (ମହାଭାରତ): ଓଡ଼ିଶାର ରେଳ ଭିତିଭୂମିର କାୟାକଳ୍ପ ପାଇଁ ଚଳିତ ବଜେଟ୍‌ରେ ରେକର୍ଡ ୧୦,୯୨୮ କୋଟି ଟଙ୍କା ବରାଦ କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି , କେନ୍ଦ୍ର ଅର୍ଥ ମନ୍ତ୍ରୀ ଶ୍ରୀମତୀ ନିର୍ମଳା ସୀତାରମଣ ଏବଂ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଓଡ଼ିଶାବାସୀଙ୍କ ପକ୍ଷରୁ ଅଶେଷ ଧନ୍ୟବାଦ ବୋଲି ଏକ୍ସରେ ପୋଷ୍ଟ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

ଏକ୍ସରେ ମୁଖ୍ୟମନ୍ତ୍ରୀ ଲେଖିଛନ୍ତି ଓଡ଼ିଶାର ପ୍ରଗତି ପ୍ରତି କେନ୍ଦ୍ର ସରକାରଙ୍କ ଏହି ଦୂରଦୃଷ୍ଟିସମ୍ପନ୍ନ ପଦକ୍ଷେପ 'ସମୃଦ୍ଧ ଓଡ଼ିଶା' ଗଠନ ସଂକଳ୍ପକୁ ଆହୁରି ସୁଦୃଢ଼ କରିଛି। ବର୍ତମାନ ରାଜ୍ୟରେ ପ୍ରାୟ ୯୦,୬୫୯ କୋଟି ଟଙ୍କା ବ୍ୟୟରେ ବିଭିନ୍ନ ରେଳ ପ୍ରକଳ୍ପ କାର୍ଯ୍ୟକାରୀ ହେଉଥିବା ବେଳେ ଗତ ୧୧ ବର୍ଷ ମଧ୍ୟରେ ୨,୨୦୦ କିଲୋମିଟର ନୂତନ ରେଳ ଲାଇନ ସ୍ଥାପିତ ହେବା ଆମ ବିକାଶ ଯାତ୍ରାର ଏକ ଗୌରବମୟ ସଫଳତା। ଏହା ସହ ରାଜ୍ୟରେ ୬ଟି ବନ୍ଦେ ଭାରତ ଏବଂ ୬ଟି ଅମୃତ ଭାରତ ଟ୍ରେନର ସଫଳ ଚଳାଚଳ ଯୋଗାଯୋଗ ବ୍ୟବସ୍ଥାକୁ ଉନ୍ନତ କରିବା ସହ ସାଧାରଣ ଜନତାଙ୍କ ଯାତ୍ରାକୁ ଅଧିକ ସୁଗମ ଓ ଆରାମଦାୟକ କରିଛି ।ଚଳିତ ବଜେଟରେ ଅନୁମୋଦିତ 'ପୂର୍ବ-ପଶ୍ଚିମ ପରିବହନ କରିଡର' ଓଡ଼ିଶାର ଶିଳ୍ପ ଓ ବାଣିଜ୍ୟିକ କ୍ଷେତ୍ରରେ ଏକ ନୂତନ ଯୁଗର ସୂତ୍ରପାତ କରିବ ବୋଲି ମୋର ଦୃଢ଼ ବିଶ୍ୱାସ ।କେବଳ ଭିତିଭୂମି ନୁହେଁ, ବରଂ ପରିବେଶ ଓ ବନ୍ୟପ୍ରାଣୀ ସଂରକ୍ଷଣ କ୍ଷେତ୍ରରେ ମଧ୍ୟ ଅଭିନବ ପଦକ୍ଷେପ ଗ୍ରହଣ କରାଯାଇଛି। ରେଳ ପଥରେ ହାତୀ ମୃତ୍ୟୁ ରୋକିବା ପାଇଁ ଏଆଇ-ଭିତିକ ଥର୍ମାଲ କ୍ୟାମେରା ଓ ଓଏଫସି ପ୍ରଯୁକ୍ତିବିଦ୍ୟାର ବ୍ୟବହାର ବନ୍ୟଜନ୍ତୁଙ୍କ ସୁରକ୍ଷା ଦିଗରେ ଏକ ଆଦର୍ଶ ସୃଷ୍ଟି କରିବ।

## ଦହି ପୋଦିନା ମାଛ

**ଆବଶ୍ୟକ ସାମଗ୍ରୀ:** ରୋହି ମାଛ-୧ କିଲୋ, ଦହି-୧ କପ୍, ସୋରିଷ ବଟା-୧ କପ୍, ୧/୨ ଚାମଚ ହଳଦି ଗୁଣ୍ଡ, ପୋଦିନା ବଟା- ୧କପ୍, ୨ ଚାମଚ କଟା ପିଆଜ, କଞ୍ଚା ଲଙ୍କା ୩ରୁ ୪ଟି, ଶୁଖିଲା ଲଙ୍କା-୩ରୁ ୪ଟି, ସ୍ୱାଦ ଅନୁଯାୟୀ ଲୁଣ ଓ କିଛି ଫୁଟଣ। ପୋଦିନା ପତ୍ର, କଞ୍ଚା ଲଙ୍କା, ଦହି ଓ ରସୁଣ ମିଶାଇ ପୋଦିନା ପେଷ୍ଟ ତିଆରି କରନ୍ତୁ। ସେହିପରି ସୋରିଷ, ରସୁଣ ଓ କଞ୍ଚାଲଙ୍କା ମିଶାଇ ସୋରିଷ ବଟା ତିଆରି କରନ୍ତୁ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ମାଛକୁ ଭଲ ଭାବେ ଧୋଇ ଦିଅନ୍ତୁ। ଏହାପରେ ସେଥିରେ ଦହି, ସୋରିଷ ବଟା, ହଳଦି ଗୁଣ୍ଡ, ପୋଦିନା ବଟା, କଟା ପିଆଜ, କଞ୍ଚା ଲଙ୍କା, ୨ରୁ ୩ ଚାମଚ ତେଲ ଓ ସ୍ୱାଦ ଅନୁସାରେ ଲୁଣ ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ଏହାପରେ ଗ୍ୟାସ୍ ଅନ୍ କରି କଡେଇ ବସାନ୍ତୁ। ସେଥିରେ ୩ରୁ ୪ ଚାମଚ ତେଲ ପକାନ୍ତୁ। ତେଲ ଗରମ ହେବା ପରେ ସେଥିରେ ଫୁଟଣ ପକାନ୍ତୁ ଓ ତା'ପରେ ଶୁଖିଲା ଲଙ୍କା ପକାନ୍ତୁ। ଏହାପରେ ମାଛର ମିଶ୍ରଣକୁ ସେଥିରେ ପକାଇ ଅଳ୍ପ ଗୋଳାଇ ଢ଼ାଙ୍କି ଦିଅନ୍ତୁ। ୧୫ରୁ ୨୦ ମିନିଟ୍ ପରେ ପ୍ଲେଟକୁ କାଢ଼ି ଗରମ ଗରମ ପରଷନ୍ତୁ ଦହି ପୋଦିନା ମାଛ।



ଖବର

# ସୋନମଙ୍କ ଅଜବ ଲୁକ



ବଲିଉଡ ଫ୍ୟାଶନ ଆଇକନ ତଥା ଷ୍ଟାଇଲ କୁଇନ ସୋନମ କପୁର ଆଜିକାଲି ଜୀବନର ଏକ ସୁନ୍ଦର ପର୍ଯ୍ୟାୟ ଦେଇ ଗତି କରୁଛନ୍ତି। ସେ ଖୁବଶୀଘ୍ର ଦ୍ୱିତୀୟ ସନ୍ତାନ ଜନ୍ମ ଦେବାକୁ ଯାଉଛନ୍ତି। ବେବି ବମ୍ପ ସହ ସୋନମ ଆହୁରି ସୁନ୍ଦର ଲାଗୁଛନ୍ତି।ନିକଟରେ ସୋନମ ମୁମ୍ବାଇରେ ନଜର ଆସିଥିଲେ। ସେ ତାଙ୍କ ଲୁକ୍ ସହିତ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସେ ଏକ ଖୋଲା ଶର୍ଟ ପିନ୍ଧି ବେବି ବମ୍ପ ଦେଖାଉଥିବା ନଜର ଆସିଛନ୍ତି। ସବୁବେଳେ ପରି ସୋନମ ପ୍ରମାଣ କରିଛନ୍ତି ଯେ, ଫ୍ୟାଶନ ତାଙ୍କ ପାଇଁ କେବଳ ପୋଷାକ ନୁହେଁ, ବରଂ ତାଙ୍କ ଆତ୍ମବିଶ୍ୱାସ ଏବଂ ମନୋଭାବର ଏକ ଅଂଶ। କୁହାଯାଉଛି ଯେ, ଚଳିତବର୍ଷ ମାର୍ଚ୍ଚରେ ସେ ତାଙ୍କର ଦ୍ୱିତୀୟ ସନ୍ତାନକୁ ଜନ୍ମ ଦେବେ। ବ୍ୟବସାୟୀ ଆନନ୍ଦ ଆହୁଜାଙ୍କୁ ବିବାହ କରିଥିବା ସୋନମଙ୍କ ପୂର୍ବରୁ ଏକ ପୁଅ ଅଛି।

## ରାଧାଙ୍କୁ କୃଷ୍ଣଙ୍କ ଉପହାର



କୃଷ୍ଣଙ୍କ ଗୋପଲୀଳା ବିଷୟରେ ତ ଅଳ୍ପ-ବହୁତ ଜ୍ଞାନ ନିଶ୍ଚୟ ଥିବ। ସାରା ଗୋପବାସୀଙ୍କୁ ନିଜର ସ୍ନେହରେ ବାନ୍ଧି ଦେବା ପରେ ଗୋପ ଛାଡ଼ି ମଥୁରା ଯିବା ବେଳେ କୃଷ୍ଣଙ୍କୁ ଝୁରି ଖାଲି ଗୋପବାସୀ କାହିଁକି, ଯମୁନା ଓ କଦମ୍ବ ବି ଲୁହ ଝରାଉଥିଲେ। ମାମୁ କଂସ ମଥୁରାରେ ଧନୁଯାତ୍ରା କରି କପଟରେ ଭଣଜା କୃଷ୍ଣଙ୍କୁ ଯାତ ଦେଖି ଯିବାକୁ ଡକାଇ ପଠାଇଥିଲେ। ମାମୁ ଡାକରା ପାଇବା ମାତ୍ରେ ଗୋପଛାଡ଼ି ମଥୁରା ଯିବାକୁ ପ୍ରସ୍ତୁତ ହେଉଥାନ୍ତି କୃଷ୍ଣ। କୃଷ୍ଣଙ୍କ ବହାରିବା ମାତ୍ରେ ସାରା ଗୋପବାସୀ କୃଷ୍ଣଙ୍କ ପଥ ଅବରୋଧ କରି ଅଟକାଇବାକୁ ଲାଗିଲେ। ମାତ୍ର ସେମାନଙ୍କ ମେଳରେ ରାଧା ନ ଥିଲେ। ରାଧାଙ୍କୁ ମନେ ମନେ ଖୋଜୁଥିଲେ ମୁରଲୀଧର। ଅଧାବାଟ ଯିବା ପରେ ବାଟରେ ଠିଆ। ହୋଇଥିଲେ ରାଧା । ହାତରେ ଧରି ଥିଲେ ଅର୍ଘ୍ୟ ଥାଳି। କୃଷ୍ଣଙ୍କୁ ବନ୍ଦାପନା କରି ବିଦା ଦେବା ବେଳେ କୃଷ୍ଣ ରାଧାଙ୍କୁ କହିଲେ କି, ତୁମେ ମୋତେ ଅଟକାଇବନି ତ ରାଧେ? ରାଧା ଯାହା କହିଥିଲେ କୃଷ୍ଣ ସେଥିରେ ଖୁବ୍ ଆନନ୍ଦିତ ହୋଇଥିଲେ। ରାଧା କହିଥିଲେ କି, "ସଂକୀର୍ଣ୍ଣ ସ୍ୱାର୍ଥଠାରୁ ସମୂହ ସ୍ୱାର୍ଥ ମହାନ ହୋଇଥାଏ। ମୋ ଖୁସି ପାଇଁ ମୁଁ ଜଗତ ମଙ୍ଗଳ ପାଇଁ ବାହାରୁଥିବା କୃଷ୍ଣଙ୍କୁ ଅଟକାଇବି ନାହିଁ। ଜଗତ କଲ୍ୟାଣ ପାଇଁ ଯାହାଙ୍କ ଜନ୍ମ ସେ କଲ୍ୟାଣ ହିଁ କରନ୍ତୁ। ମୋ ପ୍ରେମ ପାଇଁ ମୁଁ ସ୍ୱାର୍ଥୀ ହୋଇପାରିବି ନାହିଁ।' ରାଧାଙ୍କ ମୁହଁରୁ ଏକଥା ଶୁଣିବା ପରେ କୃଷ୍ଣ ଅତ୍ୟନ୍ତ ଖୁସି ହୋଇ ଯାଇଥିଲେ। ସେ ତାଙ୍କୁ ଏକ ସୁନ୍ଦର ଉପହାର ଦେଇଥିଲେ। ଯାହା ଆଜି ବି ରାଧାଙ୍କ ସହ ରହିଛି। କୃଷ୍ଣ ଦେଇଥିବା ଉପହାରଟି ହେଉଛି ତାଙ୍କ ନାମ। କୃଷ୍ଣଙ୍କ କହିଥିଲେ , "ହେ ରାଧେ ଅ।ଜିଠାରୁ ମୋ ନାମ ପୂର୍ବରୁ ଲୋକେ ତୁମ ନାମ ନେବେ। ମୋ ନାମ ସହ ତୁମ ନାମ ବି ଅମର ହେବ। ଆଜିଠାରୁ ଲୋକେ କୃଷ୍ଣ-ରାଧା ନୁହେଁ ବରଂ ରାଧା-କୃଷ୍ଣ କହିବେ। ମୋଠାରୁ ଆଗ ତୁମେ ଆସିବ।' ବିଶ୍ୱାସ କରାଯାଏ ସେଦିନ ଠାରୁ ଉଭୟଙ୍କ ନାମକୁ ଯେତେବେଳେ ବି ଏକତ୍ର ଉଚ୍ଚାରଣ କରାଯାଏ, ପ୍ରଥମେ କୃଷ୍ଣଙ୍କ ନାମ ବଦଳରେ ରାଧାଙ୍କ ନାମ ନିଆଯାଏ।

## ଲୁଣ ସହ ଜଡିତ ଏହି ଉପାୟ; ସୌଭାଗ୍ୟରେ ବଦଳିବ ଦୁର୍ଭାଗ୍ୟ

ଅନେକ ଥର ବାରମ୍ବାର ଚେଷ୍ଟା କରିବା ସ□ଉ ସଫଳତା ମିଳିପାରିନଥାଏ। ଟଙ୍କା ସଞ୍ଚୟ ହୋଇ ପାରିନଥାଏ। ଲୁଣ ବିନା ଖାଦ୍ୟ ସ୍ୱାଦହୀନ। ମାତ୍ର କେବଳ ଖାଦ୍ୟ ପ୍ରସ୍ତୁତି ପାଇଁ ନୁହେଁ ବରଂ ବାସ୍ତୁ ଶାସ୍ତ୍ରରେ ଲୁଣ ସହ ଜଡିତ ଅନେକ ଉପାୟ ମଧ୍ୟ ବର୍ଣ୍ଣନା କରାଯାଇଛି। ଲୁଣ ସହ ଜଡିତ ଅନେକ ଉପାୟ ବର୍ଣ୍ଣନା କରାଯିବା ସହ ଏହାର ପାଳନ କରିବା ଦ୍ୱାରା ଜୀବନରେ ଥିବା ଅନେକ ସମସ୍ୟା ଦୂର ହୋଇଥାଏ।

ପାଣିରେ ଲୁଣ ପକାଇ ଘର ପୋଛା ମାରିବା ଦ୍ୱାରା ଘରୁ ନକରାତ୍ମକ ଶକ୍ତିଦୂର ହୋଇଥାଏ। ଘରେ କଳହ ହୋଇନଥାଏ୍ୟ ସଫଳତା ପାଇବାକୁ ଇଚ୍ଛା ଥିଲେ, ପାଣିରେ ଲୁଣ ପକାଇ ନିଶ୍ଚୟ ପୋଛନ୍ତୁ।



ଏହାଦ୍ୱାରା ଦୁର୍ଭାଗ୍ୟ ଦୂର ହୋଇଥାଏ।

ଘରେ ଅଧିକ ଦିନ ଯାଏଁ ପରିବାର ସଦସ୍ୟଙ୍କ ରୋଗ ଲାଗି ରହୁଥିଲେ। ସେହି ବ୍ୟକ୍ତିଙ୍କ ବିଛଣା ତଳେ ଏକ କାଚ ବୋତଲରେ ପାଣିରେ ଲୁଣ ପକାଇ ରଖନ୍ତୁ।

ଲୁଣ ଡବାରେ ଏକ ଲବଙ୍ଗ ପକାଇ ରଖନ୍ତୁ। ଏହି ଉପାୟକୁ ଆପଣାଇବା ଦ୍ୱାରା ଘରେ ସୁଖସମୃଦ୍ଧି ବୃଦ୍ଧି ହୋଇଥାଏ। ଆର୍ଥିକ ସମସ୍ୟା ମଧ୍ୟ ଦୂର ହୋଇଥାଏ।

ସ୍ନାନ କରିବା ସମୟରେ ସାମାନ୍ୟ ଲୁଣ ପାଣିରେ ପକାଇ ସ୍ନାନ କରିବା ଦ୍ୱାରା ଆଳସ୍ୟ ଦୂର ହୋଇଥାଏ। ସତେଜ ଅନୁଭବ ହେବା ସହ କାର୍ଯ୍ୟ କରିବାକୁ ଆଗ୍ରହ ହୋଇଥାଏ।

ପତି-ପତ୍ନୀଙ୍କ ମଧ୍ୟରେ କଳହ ହେଉଥିଲେ,ଘରେ ଅଶାନ୍ତି ଲାଗି ରହୁଥିଲେ ଏକ କାଚପାତ୍ର କିମ୍ବା ଗ୍ଲାସରେ ଲୁଣ ରଖି ଏହାକୁ ଶୟନ କକ୍ଷରେ ରଖନ୍ତ। ଏହାଦ୍ୱାରା ଘରୁ ନକରାତ୍ମକ ଶକ୍ତି ଦୂର ହେବା ସହ ଘରେ ସୁଖଶାନ୍ତି ବୃଦ୍ଧି ହୋଇଥାଏ। ଦମ୍ପତିଙ୍କ ମଧ୍ୟରେ କଳହ ହୋଇନଥାଏ।



# ହୃଦଘାତର ଆଶଙ୍କା କମାଏ ଆଭୋକାଡୋ, ଡାଏଟରେ କରିପାରିବେ ସାମିଲ୍



ସୁସ୍ଥ ରହିବା ପାଇଁ ସନ୍ତୁଳିତ ଆହାର ଜରୁରି । ସେଥିପାଇଁ ଖାଦ୍ୟରେ ବିଭିନ୍ନ ପ୍ରକାରର ଫଳ ଓ ପନିପରିବାକୁ ସାମିଲ୍ କରିବାକୁ କୁହାଯାଇଥାଏ । ପ୍ରତ୍ୟେକ ଫଳର କିଛି ନା କିଛି ବିଶେଷତ୍ୱ ରହିଥାଏ, ଯଦ୍ୱାରା ଏହା ଲୋକମାନେ ଏହାକୁ ପସନ୍ଦ କରିଥାନ୍ତି । ସେମିତି ଏକ ଫଳ ହେଉଛି ଆଭୋକାଡୋ, ଯାହା ଶରୀର ପାଇଁ ଖୁବ୍ ଲାଭଦାୟକ । ଏହା ପୋଷକତତ୍ୱ□ରେ ଭରା, ଯାହା ପାଚନ ତନ୍ତ୍ରଠାରୁ ଆରମ୍ଭ କରି ମଧୁମେହ ଓ ହୃଦ୍ଘାତ ତଥା ମସ୍ତିଷ୍କ ପାଇଁ ମଧ୍ୟ ବେଶ ଉପକାରୀ । ଚାଲନ୍ତୁ ଜାଣିବା ଆଭୋକାଡୋ ଶରୀରକୁ କେତେ ସୁସ୍ଥ ରଖିଥାଏ।

**ସୁସ୍ଥ ରଖେ ହୃଦୟ**

ଆଭୋକାଡୋ ଲିପଡ୍ ପ୍ରୋଫାଇଲରେ ସୁଧାର ଆଣିବା ସହ ହୃଦୟକୁ ସୁରକ୍ଷାତ୍ମକ ବଳୟ ଦେଇଥାଏ । ନିୟମିତ ୫ ସପ୍ତାହ ଆଭୋକାଡୋ ଖାଇବା ଦ୍ୱାରା ବଢିଥିବା ଲିପିଡ୍ ପ୍ରୋଫାଇଲ୍ସ୍ତରକୁ କମ୍ କରାଯାଇପାରେ। ଟ୍ରାଇଗ୍ଲିସରାଇଡସ୍ ଏବଂ ଏଲଡିଏଲ୍କୁ କମ୍ କରି ଏଚଡିଏଲ୍କୁ ବଢାଇଥାଏ ।

**ଶର୍କରାସ୍ତରକୁ ନିୟନ୍ତ୍ରିତ ରଖେ**

ଡାଏଟରେ ଆଭୋକାଡୋକୁ ସାମିଲ୍ କରିବା ଦ୍ୱାରା ରକ୍ତରେ ଶର୍କରା ସ୍ତର ଅଧିକ ବଢି ନଥାଏ । ଦିନକୁ ଅଧା ଆଭୋକାଡୋ ଖାଇବା ଦ୍ୱାରା ଶର୍କରାର ବୃଦ୍ଧିକୁ ନିୟନ୍ତ୍ରିତ କରାଯାଇପାରିବ ।ନିୟମିତ ଖାଇବା ଦ୍ୱାରା ଏହା ପେଟର ଚର୍ବି ଓ ଅନ୍ତଃନଳୀରେ ଜମୁଥିବା ଚର୍ବିକୁ ମଧ୍ୟ କମ୍ କରିଥାଏ । ଅନ୍ତଃନଳୀରେ ଜମୁଥିବା ଚର୍ବି ମଧୁମେହର କାରଣ ସାଜିଥାଏ ।

**ଶରୀରରେ ପୋଷକ ତ□ର ଅଭାବକୁ ଦୂରାଏ**

ଅନ୍ୟାନ୍ୟ ସମସ୍ତ ଖାଦ୍ୟ ଅପେକ୍ଷା ଆଭୋକାଡୋ ଅଧିକ ଆଣ୍ଟି ଅକ୍ସିଡାଣ୍ଟ ଅବଶୋଷଣ କରିଥାଏ । ଆଭୋକାଡ୍ ସହ ଟମାଟୋ ସସ୍ ଓ ଗାଇଜର ମିଶାଇ ଖାଇବା ଦ୍ୱାରା ଭିଟାମିନ୍ ଏ'ର ଅବଶୋଷଣ ବଢିଥାଏ, ଯାହା ଚର୍ମ, ଦୃଷ୍ଟିଶକ୍ତି ଓ ରୋଗ ପ୍ରତିରୋଧକ ଶକ୍ତିପାଇଁ ମହ□ପୂର୍ଣ୍ଣ।



## ମାତାଙ୍କ ଆଦର୍ଶ

ସବୁକିଛି ନିଷ୍ଫଳ ସାବ୍ୟସ୍ତ ହେଲା । କୃଷ୍ଣ ନିରାଶ ହୋଇ କୁନ୍ତୀଙ୍କ ନିକଟକୁ ଗଲେ । ସବୁ କଥା ଶୁଣି କୁନ୍ତୀ ନିରୁତ୍ସାହିତ ହେଲେ ନାହିଁ । ସେ କୃଷ୍ଣଙ୍କୁ କହିଲେ, "ଯୁଧିଷ୍ଠିରକୁ କହିବ ସେ ନିଶ୍ଚୟ ଯୁଦ୍ଧ କରୁ । ତା'କୁ କହିବ ଯେ ବିଦୁଲାର ପୁତ୍ର ଯେତେବେଳେ ଯୁଦ୍ଧରେ ପରାଜିତ ହୋଇ ନିଜ ମାତାଙ୍କ ନିକଟକୁ ମୁହଁ ଲୁଚାଇବାକୁ ଆସିଥିଲା, ମା' ତା'କୁ ପୁଣିଥରେ ଯୁଦ୍ଧ କରିବା ଲାଗି ପଠାଇଥିଲା। ସେ ଯୁଦ୍ଧରେ ଲଢ଼ି ବୀରଗତି ପ୍ରାପ୍ତ କରିବା ପରେ ମାତା ପରମସନ୍ତୋଷ ଲାଭ କରିଥିଲେ । ମୁଁ ମଧ ସେହିପ୍ରକାରେ ନିଜ ପୁତ୍ରମାନଙ୍କୁ ଅନ୍ୟାୟ ଏବଂ ଅତ୍ୟାଚାର ବିରୋଧରେ ଲଢ଼ି ମରୁଥିବା ଦେଖିବାକୁ ଅଧିକ ପସନ୍ଦ କରିବି । ଭୟଭୀତ ହୋଇ ସେମାନେ ବଞ୍ଚିଲେ ମୋତେ ଅଧିକ କଷ୍ଟ ହେବ"। କର୍ମଯୋଗୀ ଭଗବାନ କୃଷ୍ଣ କୁନ୍ତୀଙ୍କ ଏହି ବାଣୀକୁ ଗୀତାରେ କର୍ମଯୋଗର ଆଧାର କରିଥିଲେ । ରାଷ୍ଟ୍ରଭକ୍ତି ସବୁଠୁ ବଡ଼ ଧର୍ମ । ଏଥିପାଇଁ କିଛି ବି ବଳିଦାନ ଦିଆଯାଇପାରେ । ଯୁଦ୍ଧ ଅବଶ୍ୟମ୍ଭାବୀ, ଏଣୁ ମୃତ୍ୟୁର ଚିନ୍ତା ନକରି ସେ ଅତ୍ୟାଚାରୀମାନଙ୍କୁ ଦଣ୍ଡ ଦେଉ । ଧର୍ମ ଏବଂ କର୍ତ୍ତବ୍ୟର ବେଦୀ ଉପରେ ଆତ୍ମ-ତ୍ୟାଗ କରିବାର ଦିନ ଆସି ପହଞ୍ଚିଯାଇଛି । ବିପତ୍ତି କାଳରେ ବୀର ପୁରୁଷମାନେ ଅଣ୍ଟା ଭିଡ଼ି ବିପଦର ମୁକାବିଲା କରିଥାନ୍ତି



# ଦେଶପ୍ରେମ ଓ ଐକ୍ୟ ଯୁବ ସଂକଳ୍ପର ପ୍ରତୀକ



**ଭୁବନେଶ୍ୱର,୨।୨ (ମହାଭାରତ):** ବିକଶିତ ଭାରତ ଅଭିମୁଖେ ଭାରତର ଯାତ୍ରା କେବଳ ନୀତି ଓ ଯୋଜନା ଉପରେ ନିର୍ଭର କରେ ନାହିଁ, ବରଂ ଏହା ଦେଶର ଯୁବବର୍ଗଙ୍କ ଚରିତ୍ର, ଦକ୍ଷତା ଏବଂ ପ୍ରତିବଦ୍ଧତା ଉପରେ ନିର୍ଭର କରେ। ଏହି ପରିପ୍ରେକ୍ଷୀରେ ଦେଶ ନିର୍ମାଣରେ ଯୁବବର୍ଗଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ରାଜ୍ୟପାଳ ଡ଼ ହରି ବାବୁ କମ୍ଭମପାଟି କହିଛନ୍ତି ଓ ନୂଆ ଦିଲ୍ଲୀ ଠାରେ ୭୭ତମ ଗଣତନ୍ତ୍ର ଦିବସ ପରେଡ୍ ରେ ଅଂଶଗ୍ରହଣ କରିଥିବା ଓଡ଼ିଶା ଜାତୀୟ କ୍ୟାଡେଟ୍ କର୍ପ୍ସ (ଏନ୍‌ସିସି) ଦଳ ସହିତ ଶନିବାର ଦିନ ଲୋକ ଭବନର ନ୍ୟୁ ଅଭିଷେକ ହଲ ରେ ଅନୁଷ୍ଠିତ ହୋଇଥିବା 'ଆଟ-ହୋମ୍' ରେ ଯୋଗ ଦେଇ କ୍ୟାଡେଟମାନଙ୍କ ସହିତ ଭାବବିନିମୟ କରିବା ଅବସରରେ ରାଜ୍ୟପାଳ ଏହା କହିଛନ୍ତି।

ଏହି କାର୍ଯ୍ୟକ୍ରମରେ ଉତ୍ସାହୀ ଓ ଶୃଙ୍ଖଳାବଦ୍ଧ ଏନ୍‌ସିସି କ୍ୟାଡେଟ୍ ମାନଙ୍କୁ ସ୍ୱାଗତ କରି ରାଜ୍ୟପାଳ କହିଥିଲେ ଯେ, ଏହି ଅବସର ଦେଶପ୍ରେମ, ଐକ୍ୟ ଏବଂ ଯୁବ ସଂକଳ୍ପର ପ୍ରତୀକ। ସେମାନେ କେବଳ କ୍ୟାଡେଟ୍ ନୁହନ୍ତି ବରଂ ଭାରତର ଗୌରବର ଆଲୋକବର୍ତିକା ଏବଂ ଆମ ଦେଶର ଭବିଷ୍ୟତର ଜୀବନ୍ତ ପ୍ରତିଶ୍ରୁତି। ଗଣତନ୍ତ୍ର ଦିବସ ପରେଡ୍ ରେ ସେମାନଙ୍କ ଅଂଶଗ୍ରହଣକୁ ଉଲ୍ଲେଖ କରି ରାଜ୍ୟପାଳ କହିଥିଲେ ଯେ ଏହା କ୍ୟାଡେଟ୍ ମାନଙ୍କର ନିଷ୍ଠା, ଶିଷ୍ଟାଚାର ଏବଂ ଜାତୀୟ ସେବା ପ୍ରତି ପ୍ରତିବଦ୍ଧତାର ପ୍ରତୀକ। ସେମାନଙ୍କର ସୁନ୍ଦର ପରିଧାନ, ନିର୍ଭୁଲ ଡ୍ରିଲ୍ ଏବଂ ଅଦମ୍ୟ ଉତ୍ସାହ କେବଳ ବ୍ୟକ୍ତିଗତ ଉତ୍କର୍ଷତା ନୁହେଁ, ବରଂ ଏନ୍ ସିସିର ଚିରସ୍ଥାୟୀ ମୂଲ୍ୟବୋଧକୁ ପ୍ରଦର୍ଶନ କରିଥିଲା। ସେମାନେ ପ୍ରମାଣ କରିଛନ୍ତି ଯେ ଶୃଙ୍ଖଳାବଦ୍ଧ ଯୁବବର୍ଗ ଏକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟରେ ଏକତ୍ରିତ ହୋଇ ଦେଶ ପାଇଁ କ'ଣ ହାସଲ କରିପାରିବେ। ଏନ୍‌ସିସିର ନୀତିବାକ୍ୟ 'ଐକ୍ୟ ଏବଂ ଶିଷ୍ଟାଚାର'କୁ ଉଲ୍ଲେଖ କରି ରାଜ୍ୟପାଳ କହିଥିଲେ ଯେ ଏହି ନୀତିଗୁଡ଼ିକ ଆଜୀବନ ପଥପ୍ରଦର୍ଶକ ଭାବରେ କାମ କରେ। ଏନ୍ ସିସି ତାଲିମ କ୍ୟାମ୍ପ ଓ ପରେଡ୍ ରେ ସୀମିତ ନ ରହି ଏହା ଚରିତ୍ର ଗଠନ, ନେତୃତ୍ୱକୁ ସୁଦୃଢ଼ କରିବା ଏବଂ ସମାଜ ପ୍ରତି ଗଭୀର ଦାୟିତ୍ୱବୋଧ ସୃଷ୍ଟି କରେ ବୋଲି ରାଜ୍ୟପାଳ ଅବତାରଣା କରିଥିଲେ। ସତ୍ୟନିଷ୍ଠାର ସହ ନେତୃତ୍ୱ ନେବା, କରୁଣା ମନୋଭାବ ନେଇ ସେବା କରିବା ଏବଂ ନୀତିବାନ ନାଗରିକଙ୍କୁ ଗଢ଼ି ତୋଳିବା ହେଉଛି ଏନ୍ ?ସିସିର ପ୍ରକୃତ ସଫଳତା ବୋଲି ରାଜ୍ୟପାଳ କହିଥିଲେ। ଦ୍ରୁତ ପ୍ରଯୁକ୍ତିବିଦ୍ୟା ଓ ସାମାଜିକ ପରିବର୍ତନ ମଧ୍ୟରେ ଯୁବବର୍ଗ ଚିନ୍ତାଧାରାରେ ସଚେତନ ରହିବାକୁ ଏବଂ ମୂଲ୍ୟବୋଧରେ ଦୃଢ଼ ରହିବାକୁ ରାଜ୍ୟପାଳ ଆହ୍ୱାନ ଦେଇଥିଲେ। ଏହି ଯାତ୍ରାରେ ସେମାନେ କେବଳ ଦର୍ଶକ ନୁହନ୍ତି ବରଂ ଏହାର ରୂପକାର ଓ ଆତ୍ମନିର୍ଭର ଭାରତର ଦୃଷ୍ଟିକୋଣ ଆତ୍ମବିଶ୍ୱାସ ଏବଂ ନୈତିକ ଆଚରଣରୁ ଆରମ୍ଭ ହୁଏ ବୋଲି ରାଜ୍ୟପାଳ କହିଥିଲେ।

ରାଜ୍ୟପାଳ ଏନ୍‌ସିସି କ୍ୟାଡେଟ୍ ମାନଙ୍କ ସହିତ ଭାବ ବିନିମୟ କରିଥିଲେ ଏବଂ ସେମାନଙ୍କର ଆକାଂକ୍ଷା ଯଥା ପ୍ରତିରକ୍ଷା ସେବାରେ ଯୋଗଦାନ, ସରକାରୀ ଚାକିରି ଏବଂ ଉଚ୍ଚଶିକ୍ଷା ବିଷୟରେ ପଚାରି ବୁଝିଥିଲେ। କ୍ୟାଡେଟ୍‌ମାନେ ସକ୍ରିୟଭାବେ ଏହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଓଡ଼ିଶା ଏନ୍‌ସିସି ନିର୍ଦ୍ଦେଶାଳୟର ଉପ ନିର୍ଦ୍ଦେଶକ କମୋଡୋର ବିକ୍ରମ ସିଂ ମଧ୍ୟ ବକ୍ତବ୍ୟ ପ୍ରଦାନ କରିଥିଲେ । କ୍ରୀଡ଼ା ଓ ଯୁବ ସେବା ବିଭାଗର କମିଶନର-ତଥା-ଶାସନ ସଚିବ ଶ୍ରୀ ସଚିନ ରାମଚନ୍ଦ୍ର ଜାଧ୍ୱ ମଧ୍ୟ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ପରିବେଷଣ କରାଯାଇଥିଲା।

# କୋଟିଆରେ ପ୍ରଶାସନିକ ଅଧିକାରୀ

**ଭୁବନେଶ୍ୱର,୨।୨ (ମହାଭାରତ):** କୋଟିଆ ସୀମାନ୍ତ ଅଂଚଳର ବାସିନ୍ଦାଙ୍କ ଅନ୍ତର୍ଭୁକ୍ତିମୂଳକ ବିକାଶ ଏବଂ କଲ୍ୟାଣ ପ୍ରତି ଓଡ଼ିଶା ସରକାରଙ୍କ କେନ୍ଦ୍ରିତ ଆଭିମୁଖ୍ୟକୁ ଜାରି ରଖି, କୋଟିଆର ବିଭିନ୍ନ ସୀମାନ୍ତ ଗ୍ରାମଗୁଡ଼ିକୁ ଏକ ମିଳିତ କ୍ଷେତ୍ର ପରିଦର୍ଶନ କରାଯାଇଥିଲା। ବ୍ଲକ ଉନ୍ନୟନ ଅଧିକାରୀ ରାମକୃଷ୍ଣ ନାୟକ, ତହସିଲଦାର ପୋଟାଙ୍ଗୀ ଦେବେନ୍ଦ୍ର ଧରୁଆ, ସ୍ୱତନ୍ତ୍ର କର୍ତବ୍ୟ ଅଧିକାରୀ (ଓଏସଡି), କୋଟିଆ ସୌରଭ ଦାଶ ଏବଂ କୋଟିଆ ଗ୍ରାମ ପଂଚାୟତର ସରପଂଚ ଲିଉ ଜେମେଲଙ୍କ ସହିତ ଏହି ପରିଦର୍ଶନ କରାଯାଇଥିଲା। ପରିଦର୍ଶନ ସମୟରେ, କୋଟିଆର ସରପଞ୍ଚଙ୍କ ଦ୍ୱାରା ନେରିଡିଭାଲସାରେ ଥିବା କମ୍ୟୁନିଟି ହଲ୍ ଉଦ୍ଘାଟନ କରାଯାଇଥିଲା। ଏହି ସୁବିଧା ଏକ ଗୁରୁତ୍ୱପୂର୍ଣ୍ଣ ସାମୁହିକ ସମ୍ପତି ଭାବରେ କାର୍ଯ୍ୟ କରିବ, ଯାହା ଗ୍ରାମବାସୀମାନଙ୍କୁ ସାମାଜିକ, ସାଂସ୍କୃତିକ ଏବଂ ବିକାଶମୂଳକ କାର୍ଯ୍ୟକଳାପ ଆୟୋଜନ କରାଯାଇପାରିବ ଏବଂ ଏହି ଦୂରବର୍ତୀ ସୀମାନ୍ତ ଅଞ୍ଚଳରେ ସାମୂହିକ ଅଂଶଗ୍ରହଣର ମନୋଭାବକୁ ସୁଦୃଢ଼ କରିବ ବୋଲି ଆଶା କରାଯାଉଛି। ପରିଦର୍ଶକ ଅଧିକାରୀମାନେ ନେରିଡିଭାଲସା, ଧୂଳିପଦର ଏବଂ ଉପର ସେମ୍ବିରେ ଥିବା ସ୍କୁଲ ଏବଂ ଅଙ୍ଗନୱାଡି କେନ୍ଦ୍ରର ଛାତ୍ର ଏବଂ ପିଲାମାନଙ୍କ ସହିତ ମଧ୍ୟ ଆଲୋଚନା କରିଥିଲେ। ସୀମାନ୍ତ ଏବଂ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ରହୁଥିବା ପିଲାମାନଙ୍କ ଆବଶ୍ୟକତା ପ୍ରତି ବିଶେଷ ଧ୍ୟାନ ଦେଇ ଗୁଣାତ୍ମକ ଶିକ୍ଷା, ପୁଷ୍ଟିସାର, ସ୍ୱାସ୍ଥ୍ୟ ଏବଂ ସାମଗ୍ରିକ ଶିଶୁ ବିକାଶ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଚ୍ୟାଲେଞ୍ଜିଂ ଭୌଗୋଳିକ ପରିସ୍ଥିତିରେ କାର୍ଯ୍ୟ କରୁଥିବା ଶିକ୍ଷକ ଏବଂ ଅଙ୍ଗନୱାଡି କର୍ମୀଙ୍କ ପ୍ରୟାସକୁ ପ୍ରଶଂସା କରାଯାଇଥିଲା। ଏହି କ୍ଷେତ୍ର ପରିଦର୍ଶନ ଶେଷ ମାଇଲ ପର୍ଯ୍ୟନ୍ତ ସରକାରୀ ସେବା ଯୋଗାଣକୁ ସୁଦୃଢ଼ କରିବା, ସାର୍ବଜନୀନ ଭିତିଭୂମିରେ ଉନ୍ନତି ଆଣିବା।

### ମହାଶିବରାତ୍ରୀରେ ସମୀକ୍ଷା ବୈଠକ

# ଭୋର ୩ଟାରୁ ଖୋଲିବ ଶ୍ରୀଲିଙ୍ଗରାଜଙ୍କ ଦ୍ୱାର

**ଭୁବନେଶ୍ୱର,୨।୨ (ମହାଭାରତ):** ଲିଙ୍ଗରାଜ ମହାପ୍ରଭୁଙ୍କ ଚଳିତ ବର୍ଷ ପ୍ରସିଦ୍ଧ ମହାଶିବ ରାତ୍ରି ପର୍ବ ଅବସରରେ ଖୋର୍ଦ୍ଧା ଜିଲ୍ଲାପାଳ ଅମ୍ରିତ ରତୁରାଜଙ୍କ ଅଧ୍ୟକ୍ଷତାରେ ଏକ ସମନ୍ୱୟ କମିଟି ବୈଠକ ସର୍କିଟ ହାଉସରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୁବନେଶ୍ୱର-ଏକାମ୍ର ବିଧାୟକ ବାବୁ ସିଂ, ଭୁବନେଶ୍ୱର ମହାନଗର ମେୟର ସୁଲୋଚନା ଦାସ, ସେବାୟତ, ମନ୍ଦିର ପ୍ରଶାସନ, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ଏବଂ ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକ ପ୍ରାରମ୍ଭରେ ଭୁବନେଶ୍ୱର ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ଜେନା ସମସ୍ତଙ୍କୁ ସ୍ୱାଗତ କରିବା ସହ ସମନ୍ୱୟ ବୈଠକରେ ଚିଠା ପ୍ରସ୍ତାବ ଉପସ୍ଥାପନ କରିଥିଲେ। ଆସନ୍ତା ୧୫ ତାରିଖରେ ଜାଗର ପଡୁଥିବା ବେଳେ ଉକ୍ତ ଦିନ ପ୍ରାତଃ ୩ ଘଟିକା ସମୟରେ ମନ୍ଦିର ଖୋଲାଯାଇ ଆବଶ୍ୟକୀୟ ନୀତି କରାଯିବା ପାଇଁ ସମୟ ନିର୍ଦ୍ଧାରଣ କରାଯାଇଛି। ଏଥିପାଇଁ ଧାର୍ଯ୍ୟ ସମୟରେ ନୀତି ସମ୍ପାଦନ କରିବା ପାଇଁ ସମ୍ପୃକ୍ତ ସେବାୟତ ମାନଙ୍କ ସହଯୋଗ ଲୋଡ଼ାଯାଇଛି। ଭକ୍ତ ମାନଙ୍କ ସୁବିଧା ପାଇଁ ବ୍ୟାରିକେଡିଂ, ସୌନ୍ଦର୍ଯ୍ୟକରଣ ବ୍ୟବସ୍ଥା କାର୍ଯ୍ୟ ପ୍ରତ୍ନତତ୍ୱ ବିଭାଗ ଉପରେ ନ୍ୟସ୍ତ କରାଯାଇଛି।



# ନୀଳ ଓ ସବୁଜ ଅର୍ଥନୀତି ଉପଯୋଗିତା ବୃଦ୍ଧି କର୍ମଶାଳା

**ଭୁବନେଶ୍ୱର,୨।୨ (ମହାଭାରତ):** ରାଜ୍ୟର ବିକାଶର ଧାରାକୁ ଏକ ସ୍ଥାୟୀ, ସୁଦୃଢ଼ ଓ ନିରନ୍ତରତା ଭିତ୍ତିରେ ଆଗକୁ ନେବା ଉଦ୍ଦେଶ୍ୟରେ ନୀଳ ଓ ସବୁଜ ଅର୍ଥନୀତି କ୍ଷେତ୍ରରେ ରହିଥିବା ସୁଯୋଗର ଉପଯୋଗିତା ବୃଦ୍ଧି ଉଦ୍ଦେଶ୍ୟରେ ଏକ ଦୁଇ ଦିନିଆ କର୍ମଶାଳା ଗୁରୁବାର ଠାରୁ ଆରମ୍ଭ ହୋଇଛି । ରାଜ୍ୟ ଯୋଜନା ଓ ସଂଯୋଜନ ବିଭାଗ ସମନ୍ୱିତ ବିକାଶ ଲକ୍ଷ୍ୟ ସେଲ୍ (ଏସ୍ ?ଡିଜି ସେଲ) ଆନୁକୂଲ୍ୟରେ ଆୟୋଜିତ ଏହି କର୍ମଶାଳାକୁ ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଂଜନ କୁମାର ସିଂ ଯୋଗ ଦେଇ ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ଉନ୍ନୟନ କମିଶନରନୀଳ ଓ ସବୁଜ ଅର୍ଥନୀତି କ୍ଷେତ୍ରରେ କାର୍ଯ୍ୟ କରୁଥିବା ସମସ୍ତ ଅଂଶୀଦାର ମାନଙ୍କୁ ଏ କ୍ଷେତ୍ରରେ ସମ୍ଭାବନାର ଦିଗ ପ୍ରତି ଭଲଭାବେ ବୁଝିବା, ଏହାର ସୁଯୋଗ କିଭଳି ନିର୍ଭର କରୁଥିବା ଜନସାଧାରଣ ନେଇପାରିବେ ଓ ତାହା ରାଜ୍ୟର ଆର୍ଥିକ ଅଭିବୃଦ୍ଧିରେ ସହାୟକ ହେବ, ସେ ଦିଗରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ । ପରିବେଶ ସୁରକ୍ଷା ପ୍ରତି ଧ୍ୟାନ ଦେଇ ବିକାଶକୁ ସାଥିରେ ନେବା ପାଇଁ ସେ ପ୍ରକାଶ କରିବା ସହ ଏହି କର୍ମଶାଳା ସମସ୍ତଙ୍କ ପାଇଁ ଉପଯୋଗୀ ସାବ୍ୟସ୍ତ ହେବ ବୋଲି ସେ ଆଶା ପ୍ରକାଶ କରିଛନ୍ତି। କର୍ମଶାଳାରେ ଯୋଜନା ଓ ସଂଯୋଜନ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଟି. ଆଓ ସ୍ୱାଗତ ଭାଷଣ ପ୍ରଦାନ କରି କର୍ମଶାଳାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସଂପର୍କରେ ଆଲୋକପାତ କରିଥିଲେ । ଓଡ଼ିଶାର ଜଙ୍ଗଲ, ପ୍ରାକୃତିକ ସଂପଦ, ନଦୀ, ସୁଦୀର୍ଘ ସାମୁଦ୍ରିକ ଉପକୂଳ ଆଦି ରହିଛି । ମତ୍ସ୍ୟ ଚାଷ, ଜଳ ଚାଷ, ସାମୁଦ୍ରିକ ବାଣିଜ୍ୟ, ସମୁଦ୍ରଭିତିକ ନବୀକରଣ ଯୋଗ୍ୟ ଶକ୍ତି, ଜୈବ ପ୍ରଯୁକ୍ତି, ପରିବେଶ ଓ ହେନ୍ତାଳ ବଣର ସୁରକ୍ଷା ଆଧାରରେ ନୀଳ ଓ ସବୁଜ ଅର୍ଥନୀତିର ଉପଯୋଗିତା ପାଇଁ ବ୍ୟାପକ ସୁଯୋଗ ରହିଛି । ଆୟୋଜିତ ଏହି କର୍ମଶାଳାରେ ଏ କ୍ଷେତ୍ରରେ ନୀତି ନିର୍ଦ୍ଧାରଣ, ଗବେଷଣା ଓ ବୈଶ୍ୱିକ ଅଭିଜ୍ଞତା ଏବଂ ଗୋଷ୍ଠୀଗତ ଶ୍ରେଷ୍ଠ ଅଭ୍ୟାସ ଆଦି ସଂପର୍କରେ ବିସ୍ତୃତ ଆଲୋଚନା ହେବ ବୋଲି ଜଣାଯାଇଛି । କର୍ମଶାଳାରେ ମିଳିତ ଜାତି ସଂଘ ବିକାଶ କାର୍ଯ୍ୟକ୍ରମ(ଭାରତ)ର ଶକ୍ତି ଓ ସହନଶୀଳତା ସ୍ତମ୍ଭ ପରିବେଶ ମୁଖ୍ୟ ଡଃ ଆଶିଷ ଚତୁର୍ବେଦୀ ଯୋଗଦେଇ ନୀଳ ଓ ସବୁଜ ଅର୍ଥନୀତି କ୍ଷେତ୍ରରେ ମିଳିତ ଜାତିସଂଘର ନିରନ୍ତର ବିକାଶ ଲକ୍ଷ୍ୟ ପ୍ରତି ରହିଥିବା ପ୍ରତିବଦ୍ଧତା ସଂପର୍କରେ ଆଲୋକପାତ କରିଥିଲେ । ଏ କ୍ଷେତ୍ରରେ ଭାରତରେ ତଥା ଓଡ଼ିଶାରେ ସାମାଜିକ ଅନ୍ତର୍ଭୁକ୍ତିକରଣର ଗୁରୁତ୍ୱ, ଖାଦ୍ୟ ନିରାପତା, ଦକ୍ଷତା ବୃଦ୍ଧି, ନିଯୁକ୍ତି ସୁଯୋଗ, ପୁଞ୍ଜି ନିବେଶର ଆବଶ୍ୟକତା ଆଦି ଉପରେ ସେ ଆଲୋକପାତ କରିଥିଲେ। ଏହି ଅବସରରେ ଓଡ଼ିଶାରେ ନିରନ୍ତର ବିକାଶ ଲକ୍ଷ୍ୟ କାର୍ଯ୍ୟକ୍ରମ ଓ ଆହ୍ୱାନ ସଂପର୍କିତ ଏକ ବୃତଚିତ୍ର ପ୍ରଦର୍ଶିତ ହୋଇଥିଲା । ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ଆକାଂକ୍ଷୀ ଜିଲ୍ଲା ଓ ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମର ସଫଳତାର କାହାଣୀର ଦ୍ୱିତୀୟ ଭାଗ ଉନ୍ମୋଚିତ ହୋଇଥିଲା ।




# କୁଷ୍ଠରୋଗର ଆରୋଗ୍ୟ ସମ୍ଭବ : ବିଶେଷଜ୍ଞ

**ଭୁବନେଶ୍ୱର,୨।୨ (ମହାଭାରତ):** ଯଦିଓ ଭୟସଙ୍କୁଳ ତଥାପି କୁଷ୍ଠରୋଗ ଏଭଳି ଏକ ବ୍ୟାଧି ଯେଉଁଥିରୁ ସମ୍ପୂର୍ଣ୍ଣ ଭାବେ ଆରୋଗ୍ୟ ହେବାର ସମ୍ଭାବନା ରହିଛି। ତେବେ ଏଥି ନିମନ୍ତେ ଆଗୁଆ ରୋଗ ଚିହ୍ନଟ ଏବଂ ନିୟମିତ ଭାବେ ରୋଗୀକୁ ମଲ୍ଟିଡ୍ରଗ ଥେରାପି ଚିକିତ୍ସାର ଆବଶ୍ୟକତା ରହିଛି ବୋଲି ବିଶେଷଜ୍ଞ ସୂଚନା ଦେଇଛନ୍ତି। ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ ହସ୍ପିଟାଲ୍-୧ ପକ୍ଷରୁ ବିଶ୍ୱ କୁଷ୍ଠରୋଗ ଦିବସ ପାଳନ ଅବସରରେ ଶୁକ୍ରବାର ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଶେଷଜ୍ଞ ଏହି ସୂଚନା ଦେଇଛନ୍ତି।

କୁଷ୍ଠରୋଗର ଆଗୁଆ ପରୀକ୍ଷଣ ଏବଂ ଉପଯୁକ୍ତ ଚିକିତ୍ସା ଦ୍ୱାରା ରୋଗୀ କେବଳ ଆରୋଗ୍ୟ ଲାଭ କରେ ନାହିଁ ବରଂ ଅକର୍ମଣ୍ୟ ହେବାରୁ ମଧ୍ୟ ମୁକ୍ତି ପାଇଥାଏ। ଏହି ବାର୍ତା ସମାଜରେ ପହଂଚାଇବା ଆମର ଲକ୍ଷ୍ୟ। ସେହିପରି ଏହି ରୋଗକୁ ନେଇ ଯେଉଁ କ୍ରୁର ମନୋଭାବ ରହିଛି ତାକୁ ମଧ୍ୟ ବିରୋଧ କରିବାର ଆବଶ୍ୟକତା ରହିଛି ବୋଲି କହିଛନ୍ତି ହସ୍ପିଟାଲ୍‌ର ମେଡିକାଲ୍ ସୁପରିଟେଣ୍ଡେଂଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାର। କୁଷ୍ଠରୋଗ ଏକ ସଂକ୍ରମଣ ଦ୍ୱାରା ବିସ୍ତାର ହେଉଥିବା ରୋଗ ଯାହାକି ମାଇକୋବ୍ୟାକ୍ଟେରିୟମ୍ ଲେପ୍ରା ବ୍ୟାକ୍ଟେରିଆ ଦ୍ୱାରା ଆରମ୍ଭ ହୋଇଥାଏ। କିନ୍ତୁ ଏମ୍‌ଡିଟି ପ୍ରୟୋଗରେ ଆଗୁଆ ଚିକିତ୍ସା ଦ୍ୱାରା ରୋଗର ଅଗ୍ରଗତିକୁ ପ୍ରତିରୋଧ କରାଯିବା ସହ କୌଣସି ପ୍ରକାର ସ୍ନାୟୁର କ୍ଷତିକୁ ରୋକାଯାଇପାରିବ। ଏହା ଦ୍ୱାରା ଅକର୍ମଣ୍ୟ ହେବାରୁ ରୋଗୀ ରକ୍ଷା ପାଇପାରିବ ବୋଲି ସେ କହିଛନ୍ତି। କୁଷ୍ଠରୋଗ ଏତେ ସହଜରେ ବ୍ୟାପି ନଥାଏ। ମାତ୍ର ଲୋକମାନେ କୁଷ୍ଠରୋଗୀଙ୍କ ପ୍ରତି ହୀନମନ୍ୟ ଆଚରଣ କରୁଥିବାରୁ ରୋଗୀଟି ଉପଯୁକ୍ତ ସମୟରେ ପରୀକ୍ଷଣ ଓ ଚିକିତ୍ସାକୁ ଡାକ୍ତରୀ ସାହାଯ୍ୟ ନେବାକୁ ଭୟ କରିଥାଏ। ଏହା ରୋଗର ସଂକ୍ରମଣକୁ ବଢ଼ାଇଥାଏ ବୋଲି ପ୍ରଫେସର ସାମନ୍ତସିଂହାର କହିଛନ୍ତି। ଚଳିତ ବର୍ଷ ବିଶ୍ୱ କୁଷ୍ଠରୋଗ ଦିବସର ପ୍ରସଙ୍ଗ ରହିଛି "ଲେପ୍ରସି ଇଜ୍ କ୍ୟୁରେବୁଲ, ଦ ରିୟଲ ଚ୍ୟାଲେଞ୍ଜ ଇଜ୍ ଷ୍ଟିଗ୍ମା"। ଏହି ଅବସରରେ ସମ ହସ୍ପିଟାଲ୍ ପକ୍ଷରୁ ଆୟୋଜିତ ଏକ ୱାକାଥନ୍‌ରେ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡକ୍ଟର ସଞ୍ଜୟ ରାୟ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡକ୍ଟର ରାଜେନ୍ଦ୍ର ମଲ୍ଲିକ ଏବଂ ଜିଲ୍ଲା କୁଷ୍ଠରୋଗ ଉପଦେଷ୍ଟା ଡକ୍ଟର ସୌମ୍ୟକାନ୍ତ ଯୋଗ ଦେଇଥିଲେ। ଆଇଏମଏସ୍ ଆଣ୍ଡ ସମ ହସ୍ପିଟାଲ୍‌ର ଇନ୍‌ଫେକ୍ସିୟସ୍ ଡିଜିଜେସ୍ ବିଭାଗ ଏବଂ ସ୍କିନ୍, ଭେନେରୋଲୋଜି ଆଣ୍ଡ ଡର୍ମାଟୋଲୋଜି ବିଭାଗ ପକ୍ଷରୁ ମିଳିତ ଭାବେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନେକ ଡାକ୍ତର, ନର୍ସ ଓ ଚିକିତ୍ସିତ ହେଉଥିବା ରୋଗୀମାନେ ଯୋଗ ଦେଇଥିଲେ। ଏହି ଅବସରରେ ଡାକ୍ତର ରାୟ ସମସ୍ତଙ୍କୁ ଏକତ୍ରିତ ହୋଇ କୁଷ୍ଠରୋଗ ବିରୁଦ୍ଧରେ ଲଢ଼େଇ କରି ରୋଗର ନିରାକରଣର ଲକ୍ଷ୍ୟ ପୂରଣ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ସରକାରଙ୍କ ପକ୍ଷରୁ କୁଷ୍ଠରୋଗ ନିରାକରଣ ନେଇ ମାଗଣା ଏମ୍‌ଡିଟି ଔଷଧ ପ୍ରଦାନ କରାଯାଉଥିବା ସେ କହିଥିଲେ। ଏହି ଅବସରରେ ଆଇଏମ୍‌ଏସ୍ ଆଣ୍ଡ ସମ ହସ୍ପିଟାଲ୍‌ର ଆଡିସ୍‌ନାଲ୍ ଡିନ୍ ତଥା ସ୍କିନ୍ ଆଣ୍ଡ ଭିଡି ବିଭାଗର ପ୍ରଫେସର ଡାକ୍ତର ଅଜୟ ଜେନା ଓ ଇନ୍‌ଫେକ୍ସିୟସ୍ ଡିଜିଜେସ୍ ବିଭାଗର ଡାକ୍ତର ଶୁଭଶ୍ରୀ ସାମନ୍ତରାୟ ଓ ଡାକ୍ତର ସତୀଶ ସ୍ୱାଇଁ ଉପସ୍ଥିତ ଥିଲେ।



# ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ହୋଟେଲ ଓ ଲଜିଙ୍ଗ ଚେକିଂ

**ଭୁବନେଶ୍ୱର,୨।୨ (ମହାଭାରତ):** ଭାରତର ରାଷ୍ଟ୍ରପତିଙ୍କ ପୁରୀ ଗସ୍ତ ଅବସରରେ ସୁରକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ପାଇଁ ପୁରୀ ପୋଲିସ ପକ୍ଷରୁ ବ୍ୟାପକ ରାତ୍ରିକାଳୀନ ଚେକିଂ ଓ ସତର୍କତା ଅଭିଯାନ ଶନିବାର ରାତିରୁ ଚାଲୁରହିଛି। ସହରର ସମସ୍ତ ଗୁରୁତ୍ୱପୂର୍ଣ୍ଣ ସ୍ଥାନ, ବିଶେଷକରି ହୋଟେଲ ଓ ଲଜ୍ ଗୁଡ଼ିକୁ ନଜରରେ ରଖି ପୁଲିସ ଚେକିଂ କାର୍ଯ୍ୟ ସଂପାଦନ କରିଛନ୍ତି। ଏହି ବିଶେଷ ଅଭିଯାନଟି ସିଟି ଡିଏସପି ରଶ୍ମି ରଞ୍ଜନ ମହାପାତ୍ରଙ୍କ ନେତୃତ୍ୱରେ ଚାଲିଥିଲା। ତାଙ୍କ ସହ ସମନ୍ୱୟରେ ସୀବିଚ ଥାନା ଆଇଆଇସି, ବାଲିଆପାଣ୍ଡା ଥାନା ଆଇଆଇସି, ଟାଉନ ଥାନା ଆଇଆଇସି, ବାସେଳୀସାହିଥାନା ଆଇଆଇସି ଏବଂ କୁମ୍ଭାରପଡା ଥାନା ଆଇଆଇସି ଓ ସେମାନଙ୍କର ପୋଲିସ ଷ୍ଟାଫ ରାତି ସମୟରେ ବିଭିନ୍ନ ହୋଟେଲରେ ଅଚମ୍ଭା ଚେକିଂ କରିଥିଲେ। ଚେକିଂର ଉଦ୍ଦେଶ୍ୟ ମାନ୍ୟବର ରାଷ୍ଟ୍ରପତିଙ୍କ ଗସ୍ତ ସମୟରେ ସହରର ସୁରକ୍ଷା ସ୍ଥିତି ସର୍ବୋଚ୍ଚ ସ୍ତରରେ ରହିବା ନିଶ୍ଚିତ କରିବା ହେଉଛି ଏହି ଅଭିଯାନର ପ୍ରମୁଖ ଲକ୍ଷ୍ୟ। ପୁରୀ ଏକ ଜାତୀୟ ଓ ଆନ୍ତର୍ଜାତୀୟ ମାନଚିତ୍ରରେ ପରିଚିତ ଧାର୍ମିକ ପର୍ଯ୍ୟଟନ କେନ୍ଦ୍ର ଥିବାରୁ, ଏଠାରେ ବହୁ ସଂଖ୍ୟକ ଭକ୍ତ, ପର୍ଯ୍ୟଟକ ଓ ଅତିଥିମାନେ ରହୁଛନ୍ତି।ସେହିପରିସ୍ଥିତିରେ, ସହରରେ କୌଣସି ସନ୍ଦିଗ୍ଧ ବ୍ୟକ୍ତି ବା ଅବୈଧ କାର୍ଯ୍ୟକଳାପ ହେଉନାହିଁ ବୋଲି ପୂର୍ବ ହୁସିଆରୀ ଭାବେ ଏହି ତଦନ୍ତ କାର୍ଯ୍ୟ କରାଯାଇଛି। ଯେପରିକି ହୋଟେଲ ରେଜିଷ୍ଟର ଓ ଗେଷ୍ଟ ଏଣ୍ଟ୍ରି ବିବରଣୀ, ରହୁଥିବା ଅତିଥିମାନଙ୍କର ପରିଚୟ ପତ୍ର ଯାଞ୍ଚ, ସିସିଟିଭି କ୍ୟାମେରା ସଠିକ୍ ଭାବେ କାମ କରୁଛି କି ନାହିଁ, ସନ୍ଦିଗ୍ଧ ବ୍ୟକ୍ତି ବା ଚଳଚଳା ଉପରେ ନଜର, ହୋଟେଲ ପରିସରର ସୁରକ୍ଷା ବ୍ୟବସ୍ଥା, କିଛି ହୋଟେଲରେ ରେକର୍ଡ ଠିକ୍ ଭାବେ ରଖାଯାଇନଥିବା ଦେଖାଯାଇଥିଲା। ସେମାନଙ୍କୁ କଡା ସତର୍କବାଣୀ ଦିଆଯାଇଥିଲା ଏବଂ ତତ୍କ୍ଷଣାତ୍ ସଠିକ୍ ତଥ୍ୟ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ହୋଟେଲ ମାଲିକ ଓ ପ୍ରବନ୍ଧକମାନଙ୍କୁ ଆଗାମୀ ଦିନରେ ସମସ୍ତ ଅତିଥିଙ୍କର ଠିକ୍ ପରିଚୟ ଯାଞ୍ଚ କରିବା ଓ ରେକର୍ଡ ସଂରକ୍ଷଣ କରିବାକୁ କହାଯାଇଛି। ସୁରକ୍ଷା ପ୍ରତି ପୁରୀ ପୋଲିସର ସଂକଳ୍ପ

ପୁରୀ ଜିଲ୍ଲା ପୋଲିସ ସର୍ବଦା ଜନସାଧାରଣଙ୍କ ସୁରକ୍ଷା ପ୍ରତି ପ୍ରତିବଦ୍ଧ। ମାନ୍ୟବର ରାଷ୍ଟ୍ରପତିଙ୍କ ଭ୍ରମଣ ସମୟରେ ସହରରେ କୌଣସି ଅନିଷ୍ଟ ଘଟଣା ନ ଘଟେ ଏବଂ ସମଗ୍ର କାର୍ଯ୍ୟକ୍ରମ ଶାନ୍ତିପୂର୍ଣ୍ଣ ଓ ସୁସଂଘଟିତ ଭାବେ ସମ୍ପନ୍ନ ହେଉ, ଏହା ପାଇଁ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କରାଯାଇଛି।ସହରରେ ନିୟମିତ ପେଟ୍ରୋଲିଂ, ଚେକ୍ ପୋଷ୍ଟ ତଦନ୍ତ, ଡଗ୍ ସ୍କ୍ୱାଡ଼ ଓ ବମ୍ବ ସ୍କ୍ୱାଡ଼ ମୋତାୟନ, ସହିତ ଇଣ୍ଟେଲିଜେନ୍ସ ନଜରଦାରୀକୁ ଆହୁରି ଜୋରଦାର କରାଯାଇଛି।

# ନବୀନଙ୍କୁ ଭେଟିଲେ ୧୫ ପୌର ପରିଷଦ ଚେୟାରମ୍ୟାନ



**ଭୁବନେଶ୍ୱର,୨।୨ (ମହାଭାରତ):** ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନାଙ୍କ ନେତୃତ୍ୱରେ ଓଡିଶା ରାଜ୍ୟ ପୌର ପରିଷଦ ମହାସଂଘ ପକ୍ଷରୁ ୧୫ଟି ପୌର ପରିଷଦର ଅଧ୍ୟକ୍ଷ/ଅଧ୍ୟକ୍ଷା ମାନେ ଆଜି ପୂର୍ବାହ୍ନରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ଭେଟି ବିଭିନ୍ନ ବିକାଶ ଓ କଲ୍ୟାଣ କାର୍ଯ୍ୟକୁ କାର୍ଯ୍ୟକାରୀ କରିବାରେ ସେମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ବିଶେଷ କରି ରାଜ୍ୟ ସରକାରଙ୍କ ନୂତନ ପ୍ରଶାସନିକ ନିର୍ଦ୍ଦେଶମାମା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ବିଭିନ୍ନ ପୌର ଅଧ୍ୟକ୍ଷ ମାନଙ୍କ କ୍ଷମତା ସଂକୁଚିତ କରାଯାଇଥିବାରୁ ଲୋକଙ୍କ ଆଶା ଆକାଂକ୍ଷା ପୂରଣ କରିବାରେ ସେମାନେ କିପରି ଅସୁବିଧାର ସମ୍ମୁଖୀନ ହେଉଛନ୍ତି ସେ ବିଷୟରେ ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ଶ୍ରୀ ପଟ୍ଟନାୟକଙ୍କୁ ଅବଗତ କରିଥିଲେ। ନିର୍ବାଚିତ ପୌର ପ୍ରତିନିଧି ମାନଙ୍କ କ୍ଷମତାକୁ ପ୍ରଶାସନିକ ଆଦେଶ ବଳରେ ରାଜନୈତିକ ସୁବିଧା ପାଇଁ କ୍ଷୁର୍ଣ୍ଣ କରିବା ପାଇଁ ସରକାରଙ୍କ ନିଷ୍ପତ୍ତିକୁ ଶ୍ରୀ ପଟ୍ଟନାୟକ ନାପସନ୍ଦ କରିଥିଲେ। ସମଗ୍ର ପ୍ରତିକୂଳ ପରିସ୍ଥିତିରେ ଲୋକଙ୍କ ସହ ରହି ଲୋକଙ୍କ କାମ ଜାରି ରଖିବା ପାଇଁ ଶ୍ରୀ ପଟ୍ଟନାୟକ ସେମାନଙ୍କୁ ପରାମର୍ଶ ଦେଇଥିଲେ।

# କିଟ୍‌ରେ ୪ ହଜାର ୟୁନିଟ୍ ରକ୍ତ ସଂଗ୍ରହ

**ଭୁବନେଶ୍ୱର,୨।୨ (ମହାଭାରତ):** କିଟ୍ ପକ୍ଷରୁ ଶନିବାର ଏକ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଆର୍ଟ ଅଫ୍ ଗିଭିଂର ଅନ୍ୟତମ ପ୍ରୟାସ ଭାବେ ଏହି ରକ୍ତଦାନ ପ୍ରତିବର୍ଷ ଆୟୋଜନ କରାଯାଇଥାଏ। ସକାଳ ୭ଟାରୁ ହଜାର ହଜାର କିଟ୍, କିସ୍ ଓ କିମ୍‌ସର ଛାତ୍ରଛାତ୍ରୀ ଓ କର୍ମଚାରୀ ସ୍ୱେଚ୍ଛାକୃତ ରକ୍ତଦାନ ନିମନ୍ତେ ପହଞ୍ଚିଥିଲେ। ରକ୍ତଦାନ ଶିବରକୁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଉଦ୍‌ଘାଟନ କରିଥିଲେ। ରକ୍ତଦାନ ଶିବିରକୁ ଉଦ୍‌ଘାଟନ କରି ଶ୍ରୀ ସାମନ୍ତ ସମସ୍ତ ସ୍ୱେଚ୍ଛାସେବୀଙ୍କୁ ଶୁଭେଚ୍ଛା ସହ ଧନ୍ୟବାଦ ଜଣାଇଥିଲେ। ଏହି ଶିବିର ଅପରାହ୍ନ ୫ଟା ପର୍ଯ୍ୟନ୍ତ ଚାଲିଥିଲା। ଏଥିରେ ମୋଟ ୪ ହଜାର ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। କାର୍ଯ୍ୟକ୍ରମରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, ଉପକୁଳପତି ପ୍ରଫେସର ଡା. ସିବିକେ ମହାନ୍ତି, ପ୍ରଫେସର କେ ଡ଼ି ରାଜୁ, କିମ୍‌ସ ମେଡିକାଲ କଲେଜ ଅଧ୍ୟକ୍ଷ ପ୍ରଫେସର ଆର ସି ଦାସ, କିମ୍‌ସ ମେଡିକାଲ ଅଧୀକ୍ଷକ ଡା. ମାନସ ବେହେରା, କିଟ୍ ବିଶ୍ୱବିଦ୍ୟାଳୟ କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି, କିମ୍‌ସ ଗ୍ରୁପ୍ ଡାଇରେକ୍ଟର ଡ. ଦିଲ୍ଲୀପ ପଣ୍ଡାଙ୍କ ସମେତ କିଟ୍ ଓ କିମ୍‌ସର ବହୁ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ। ଏଥିରେ କିଟ୍ ଅନୁଷ୍ଠାନ ସମୂହ ଓ କିସ୍‌ର ଛାତ୍ରଛାତ୍ରୀ ଓ କର୍ମଚାରୀ ସ୍ୱେଚ୍ଛାକୃତ ଭାବେ ରକ୍ତ ଦାନ କରିଥିଲେ। ଗୋଟିଏ ଦିନରେ ରେକର୍ଡ ସଂଖ୍ୟକ ରକ୍ତଦାନ ହୋଇପାରିଛି। ସ୍ୱେଚ୍ଛାକୃତ ରକ୍ତଦାନକାରୀମାନେ ଯେପରି ଶୃଙ୍ଖଳିତର ସହ ରକ୍ତଦାନ କରିପାରିବେ ସେଥିପାଇଁ କିମ୍‌ସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା।



# ପୁଣି ବିମାନ ଦୁର୍ଘଟଣା

ଉପ-ମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ଆକସ୍ମିକ ଦେହାନ୍ତ ଏକ ଅତ୍ୟନ୍ତ ଦୁଃଖଦ ଘଟଣା। ଶାସକ ଏନଡିଏର ଏକ ପ୍ରମୁଖ ଅଂଶୀଦାର ଦଳ ଏନସିପିର ସେ ଥିଲେ ଟାଣୁଆ ନେତା। ମହାରାଷ୍ଟ୍ରରେ ମହାୟୁତି ସରକାର ଗଠନ ଏବଂ ଗତ ବିଧାନସଭା ନିର୍ବାଚନରେ ମେଣ୍ଟର ବିପୁଳ ବିଜୟରେ ତାଙ୍କର ଭୂମିକା ଥିଲା ଗୁରୁତ୍ୱପୂର୍ଣ୍ଣ। ନିଜ ଦାଦା ଶରଦ ପାୱାରଙ୍କ ହାତ ଧରି ସେ ରାଜନୀତିରେ ପ୍ରବେଶ କରିଥିଲେ ଏବଂ ତାଙ୍କଠାରୁ ଶିକ୍ଷାଲାଭ କରି ସେ ନିଜକୁ ଜଣେ ପ୍ରବୀଣ ନେତାଭାବେ ପ୍ରତିଷ୍ଠିତ କରିପାରିଥିଲେ। ଏନସିପିର ବିଭାଜନ କରି ସେ ନିଜର ଏକ ସ୍ୱତନ୍ତ୍ର ଦଳ ଗଠନ କରିଥିଲେ ଯାହାକୁ ଭାରତର ନିର୍ବାଚନ କମିଶନ ମୂଳ ଏନସିପି ଭାବେ ସ୍ୱୀକୃତି ଦେଇଥିଲେ। ୬ଷ୍ଠ ଥର ପାଇଁ ସେ ହୋଇଥିଲେ ଉପ-ମୁଖ୍ୟମନ୍ତ୍ରୀ। ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ଭିସଙ୍କର ସେ ଥିଲେ ଅତ୍ୟନ୍ତ ବିଶ୍ୱସ୍ତ ସହଯୋଗୀ। ଅନ୍ୟତମ ଉପ-ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କୁ ଚେକ ଦେବା ଲାଗି ଅଜିତ ପାୱାର ଥିଲେ ଫଡ଼ଭିସଙ୍କର ମୁଖ୍ୟ ସୈନିକ। ରାଜ୍ୟରେ ଲାଡଲି ବହେନ ଯୋଜନା କାର୍ଯ୍ୟକାରୀ କରିବାରେ ସେ ମୁଖ୍ୟ ଭୂମିକା ନେଇଥିଲେ ଏବଂ ଏହା ହିଁ ଗତ ବିଧାନସଭା ନିର୍ବାଚନରେ ନିର୍ଣ୍ଣାୟକ ହୋଇଥିଲା। ତାଙ୍କ ନେତୃତ୍ୱାଧିନ ଏନସିପି ଧିରେ ଧିରେ ଶକ୍ତିଶାଳି ଏବଂ ପ୍ରଭାବଶାଳି ହେଉଥିଲା। ଏହାକୁ ଏକ ଜାତୀୟ ଦଳ ଭାବେ ପ୍ରତିଷ୍ଠିତ କରାଇବା ଥିଲା ତାଙ୍କର ଲକ୍ଷ୍ୟ। କିନ୍ତୁ ତାହା ହେବା ପୂର୍ବରୁ ସେ ଚାଲିଗଲେ। ଅଜିତ ଦାଦା ଭାବେ ପରିଚିତ ଶ୍ରୀ ପାୱାର ଦିନେ ମୁଖ୍ୟମନ୍ତ୍ରୀ ହେବେ ବୋଲି ଫଡ଼ନଭିସ ଭବିଷ୍ୟବାଣୀ କରିଥିଲେ। କିନ୍ତୁ ତାହା ହୋଇପାରିଲା ନାହିଁ। ଯାହା ବି ହେଉ ଏହା ଶାସକ ମେଣ୍ଟ ପାଇଁ ଏକ ଦାରୁଣ ଖବର। ଅନେକ ଅଜିତ ପାୱାରଙ୍କୁ ଜଣେ କ୍ଷମତାଲିପ୍ସୁ, ଦଳବଦଳକାରୀ ଭାବେ ବର୍ଣ୍ଣନା କରୁଥିଲେ। କିନ୍ତୁ ସେ ଦଳବଦଳ କରିନଥିଲେ। କେବଳ ଶରଦ ପାୱାରଙ୍କ ସହ ମତ ପାର୍ଥକ୍ୟ ହେତୁ ତାଙ୍କ ହାତ ଛାଡ଼ି ଦେଇଥିଲେ। ସମୟର ଆବ୍ୟାକତାକୁ ସେ ଅନୁଭବ କରି ସଠିକ ସମୟରେ ସଠିକ ନିଷ୍ପତ୍ତି ନେଉଥିଲେ। ଦାଦା ଶରଦ ପାୱାରଙ୍କୁ ସେ କେବେ ଅସମ୍ମାନ କରି ନାହାଁନ୍ତି କିମ୍ବା ତାଙ୍କ ଜୀବନରେ ଶରଦଙ୍କ ପ୍ରଭାବକୁ କେବେ ଅସ୍ୱୀକାର କରିନଥିଲେ। କଠିନ ପରିଶ୍ରମ କରି ସେ ନିଜ ଦଳକୁ ଗଠନ କରି ସଫଳତା ହାସଲ କରିଥିଲେ। ତାଙ୍କ ବିୟୋଗରେ ମହାରାଷ୍ଟ୍ର ରାଜନୀତିରେ ଏକ ବିରାଟ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି ଯାହା କେବେ ବି ପୂରଣ ହୋଇପାରିବ ନାହିଁ। ତାଙ୍କ ପରେ ଏନସିପିର କିଏ ନେତୃତ୍ୱ ନେବ, କିଏ ଦଳକୁ ସମ୍ଭାଳିବ ତାହା ଏକ ବଡ଼ ପ୍ରଶ୍ନ। ତାଙ୍କ ପରିବାରରେ କେହି ସେପରି ନାହାଁନ୍ତି ଯିଏ କି ଏନସିପିକୁ ସଫଳତାର ସହ ନେତୃତ୍ୱ ଦେବ। ତାଙ୍କ ପୁଅ ବିରୋଧରେ ଜମି କେଲେଙ୍କରୀ ଅଭିଯୋଗ ରହିଛି। ଅଜିତ ପାଓ୍ୱାରଙ୍କ ଅକାଳ ବିୟୋଗ ଯେତିକି ଦୁଃଖଦ, ସେତିକି ସନ୍ଦେହଜନକ। ତାଙ୍କ ବିମାନ ଦୁର୍ଘଟଣାର କାରଣ କ'ଣ ଥିଲା ତାହାର ଉଚ୍ଚସ୍ତରୀୟ ତଦନ୍ତ ହେବା ଉଚିତ। ଅଜିତ ଷଡ଼ଯନ୍ତ୍ରର ଶିକାର ହୋଇଥିବା ଅସମ୍ଭବ ନୁହେଁ। କାରଣ ତାଙ୍କ ରାଜନୈତିକ ପ୍ରଭାବ ଓ ଉତଥାନ ଅନେକଙ୍କ ପାଇଁ ଅସହ୍ୟ ଥିଲା। ତାଙ୍କର ଅନେକ ଶତ୍ରୁ ଥିଲେ। ମୁମ୍ବାଇରେ ମାଫିଆଙ୍କ ସଂଖ୍ୟା କିଛି କମ ନଥିଲା। ତେଣୁ କେଉଁ ପରିସ୍ଥିତିରେ ଅଜିତ ପାୱାରଙ୍କ ବିମାନ ଦୁର୍ଘଟଂଣା ହେଲା ତାହାର ତଦନ୍ତ ହେବା ଉଚିତ। ଏତେ ତାଙ୍କ ପରିବାର ଓ ଦଳକୁ ରକ୍ଷା କରିବା ଦାୟିତ୍ୱ ଏନସିପି ନେତା ଓ କର୍ମୀଙ୍କର। ତାଙ୍କ ସ୍ଥାନରେ ଦଳର କେହି ଜଣେ ଟାଣୁଆ ନେତା ଏନସିପିର ସଭାପତି ହେବା ଉଚିତ ଏବଂ ଜଣେ ନୂଆ ନେତା ଅଜିତ ପାୱାରଙ୍କ୍ ସ୍ଥାନରେ ଉପ-ମୁଖ୍ୟମନ୍ତ୍ରୀ ହେବା ଉଚିତ।

# ଦେଖିବାକୁ ସୁନାପରି

॥ ଅଜୟ କୁମାର ବେହେରା ॥

*ଏବେ ଅନେକ ପ୍ରକାର ରଙ୍ଗର*
*ହାଟ ଲୁଗା ରଙ୍ଗିଲା ଗାଡ଼ି ମଟର*
*ରଙ୍ଗିଲା। ବ୍ୟବହାର୍ଯ୍ୟ ଦ୍ରବ୍ୟ*
*ରଙ୍ଗିଲା। ଆଖିକୁ ସୁନ୍ଦର*
*ଦେଖାଗଲା ଏକ ଯାନ*
*କିଣାଗଲା। ଆଣୁ ଆଣୁ ଅନେକ*
*ଯତ୍ନ ପୋଛା ପୋଛି ହିଫାଜତ*
*ମାତ୍ର କିଛି ବର୍ଷ ପରେ ବାହ୍ୟରଙ୍ଗ*
*ଠିକ ଥିଲେ ବି ଗାଡ଼ିର ଇଞ୍ଜିନ*
*ଖରାପ ଚକା ଫାଟିବା ଆଦି*
*ଘଟେ ଭିତର ସିଟ ଫାଟେ ଏପରି*
*ଗାଡ଼ି ଦୂରରୁ ପୂର୍ବପରି*
*ଦେଖାଗଲେ ବି ପ୍ରକୃତିରେ*
*ପୂର୍ବପରି ମୂଲ୍ୟବାନ ଓ ସଚଳ*
*ହୋଇନପାରେ ସେ ରଙ୍ଗ ତକ୍ରାଳ*
*ଦେଖିବାକୁ ସୁନାପରି।*

ଗଙ୍ଗଠାରୁ ଅର୍ଥ ସୁନା, ସୁନା ପୁଅ ସୁନାର ସଦୃଶ। ଏହି ଶବ୍ଦର ବହୁ ପ୍ରଚଳନ ତେଲଗୁ ରାଜ୍ୟ ଆମେ ଜାଣିଛେ ମହୀଶୂର ରାଜ୍ୟରେ କୋଲାର ସୁନାଖଣି ଅଛି। ମହୀଶୂରର ରାଜଧାନୀ ବାଙ୍ଗାଲୋର ଏହା ସୁନା ଶବ୍ଦ ସହିତ ହୁଏତ ଜଡ଼ିତ। ଦକ୍ଷିଣରେ ସୁନାର ଲଙ୍କା ଥିଲା। ରାବଣ ଜଳ ବେଷ୍ଟିତ ଗଡ଼ରାଜ୍ୟ। ଯାହା ଏକ ସମୃଦ୍ଧ ସୁନ୍ଦର ରାଜ୍ୟ। ଶ୍ରୀରାମ ଦୂତ ଏହି ଗଡ଼ରେ ପଶି ଶିକ୍ଷା ଦେବାପାଇଁ ସୁନ୍ଦର ଦିଶିବା ଘର ଗୁଡ଼ିକ ଅଗ୍ନୀରେ ଦାହ କରିଥିଲେ। ଅଗ୍ନୀର ପ୍ରବଳ ଦାହିବା ଶକ୍ତି ଯେପରି ସବୁ ଧାତୁକୁ ତରଳାଏ ସେପରି ସୁନାକୁ ବି ତରଳାଏ। ସୁନା ତରଳି ଗଲେ ଜଳର ଧର୍ମରୁ ଏକ ରୂପ ଉଚ୍ଚରୁ ନିମ୍ନକୁ ଗଡ଼େ। ଅତଏବ ସୁନା ରୂପ ବଦଳିଯାଏ ସିନା ମୂଳ ଧର୍ମ କେବେ ହରାଏ ନାହିଁ। ପୁଣି ସୁନା ଠାରୁ ସୁନା ଭସ୍ମ ବହୁ ଗୁଣ ଦାମୀ। ହନୁମାନ ଲଙ୍କାର ଜନବାସ ହାନି ଫଳ ଜଙ୍ଗଲ ନଷ୍ଟହାନି କଲେ ବି ମହାବାତ୍ୟା ପରେ ପୁନଃ ଜନବାସ ନିର୍ମାଣ ହୋଇଗଲା ପରି ଲଙ୍କାର ପୁନଃ ନିର୍ମାଣ ହୋଇଥିଲା।

ହନୁମାନ କାଞ୍ଚନ ବରନ, ଅର୍ଥାତ୍ ସୁନାର ରଙ୍ଗ ଦୁର୍ଗାଙ୍କ ରଙ୍ଗ ସୁନାର ରଙ୍ଗ ମହାଲକ୍ଷ୍ମୀ ତ ଖୋଦ ସୁନା ଅଳଙ୍କରଣ ଭୂଷିତା, ସ୍ୱର୍ଣ୍ଣ ରଙ୍ଗ ସ୍ୱର୍ଣ୍ଣ ଦାନକାରିଣୀ। ହରିଣୀଟିଏ ସୁନାରେ କେବେ ହୋଇନପାରେ ମହାବିଦୁଷୀ ଜନକ ନନ୍ଦିନୀ ସୀତା ଠାକୁରାଣୀ ଏକଥା ଜାଣିଛନ୍ତି। ତାଙ୍କ ଘରକୁ କେବେ ସାଧୁ ସନ୍ନ୍ୟାସୀ ମୁନୀ ଋଷି ଆସୁନଥିବେ। ପ୍ରମାଣିକ ପୁସ୍ତକ ଏବେ ମିଳୁଛି। ଅଷ୍ଟବକ୍ରୀ ଗୀତା ସଂହିତା ଯେ ଜନକଙ୍କ ରାଜସଭାରେ ଖୋଦ ଅଷ୍ଟବକ୍ର ବୟାନ କରିଛନ୍ତି। ଏପରି ଜ୍ଞାନୀଙ୍କ ସହଚର୍ଯ୍ୟା ସତସଙ୍ଗରେ ରହି ପୁଣି ରାଜମହଲର ଝିଅ ରାଜମହଲର ବୋହୁ ହୋଇ ସୁନାର ଅଭାବ ଅନୁଭବ ନକରି ଶେଷରେ ସ୍ୱାମୀଙ୍କ ଜଙ୍ଗଲ ଯିବ ବେଳେ ତାକୁ ଚାହିଁ ନଥିଲେ ଲୋଭାସକ୍ତ ହୋଇନଥିଲେ ସେ ସ୍ୱାମୀଙ୍କୁ ହୀଟକକର ଶ୍ରେଷ୍ଠ ସ୍ୱର୍ଣ୍ଣ ପୁରୁଷ ଭାବି ତାଙ୍କ ସହିତ ଜଙ୍ଗଲକୁ ଯାଇ ରାଜମହଲର ରାଣୀ ହଂସପୁରର ଶୟନକକ୍ଷ ଛାଡ଼ି ପର୍ଣ୍ଣକୁଟୀରରେ ବାସ କଲେ ସେ ସୁନାକୁ ତୁଚ୍ଛ କରିଥିଲେ ପୁଣି ଏମିତି ହେଲା ସୁନା ହରିଣୀରେ ଭ୍ରମ ହେଲା ବାସ ସ୍ୱାମୀ ଦେବର ବିଚ୍ଛେଦ ପରେ ପରେ। ଏହି ଦେଖିବାକୁ ସୁନା ପରି ହରିଣୀ କଣ ନାଟ ନକଲା? ହିରଣ୍ୟ ଅର୍ଥ ସୁନା ହରିଣ୍ୟଗର୍ଭ ଅର୍ଥ ପୃଥିବୀ ପୁଣି ଭଗବାନ ଆଉ ହରିଣ୍ୟକସିପୁ, ହରିଣାକ୍ଷ ଦୁଇଟି ଅସୁର। ହରିଣ୍ୟରେ ସଦା ଆଖି ସଦା ହିରଣ୍ୟ ଓ କାମିନୀ ଏଇ ଦୁଇଟି ହାସଲ ଚିନ୍ତାରେ ଏହି ଦୁଇଜଣ ଥିଲେ। ହିରଣ୍ୟକସିପୁ ତାଙ୍କର ମତକୁ ଦୃଢ଼ ପାଇଁ ବିଦ୍ୱାନ ପୁତ୍ରକୁ ମଧ ହଠାଇ ତାଙ୍କ ପଥ ପରିଷ୍କାର ଚିନ୍ତା କରୁଥିଲେ। ଶେଷର ସେହି ବିଷ୍ଣୁଙ୍କର ନୃସିଂହ ଅବତାର ଆସିଲେ ସେ ହିରଣ୍ୟକସିପୁକୁ ଶେଷ କଲେ। ହିରଣ୍ୟାକ୍ଷଙ୍କର ବି ବିଷ୍ଣୁ ଶେଷ କରିଛନ୍ତି। ସୂର୍ଯ୍ୟ ଠାରୁ ବହୁ ମୂଲ୍ୟବାନ ଭଗବାନ ଏକଥା ସେମାନେ ଭୁଲି ଥିଲେ। ପାପ ପ୍ରଶାସନର ଧାରା ପ୍ରହ୍ଲାଦ ହିଁ ଭଗବାନଙ୍କର ରହସ୍ୟ ଜାଣି ବଦଳାଇଥିଲେ, ମାନବ (ପ୍ରଜା) ସେବା ମାଧବ ସେବା, ଏକଥା ହିରଣ୍ୟ କଶିପୁ ଜାଣି ନଥିଲେ। ଆହ୍ଲାଦିନୀ ଶକ୍ତିରେ ବିଶେଷ ପ୍ରଭାବିତ ପ୍ରହ୍ଲାଦ ଜାଣି ଶାସନ କରିବା ଆରମ୍ଭ କରିଥିଲେ। ସାତ୍ତ୍ୱିକ ପ୍ରେମାନନ୍ଦରେ ଦେବତା ଶାନ୍ତି ହୁଅନ୍ତି। ପ୍ରହ୍ଲାଦ ଭକ୍ତ ଶିରୋମଣୀ ତାଙ୍କ ପାଇଁ ଦଶ ଅବତାରରେ ଭକ୍ତରକ୍ଷକ ଭଗବାନ ହୁଅନ୍ତି ଏହା ପ୍ରଥମ ଉଦାହରଣ ଥିଲା। ଅନେକ ଭକ୍ତିର ଛଳନା କରି ରୋଜଗାରକ୍ଷମ ଅର୍ଜନକ୍ଷମ ହାସଲକ୍ଷମ ଏମାନେ ଦେଖିବାକୁ ସୁନାପରି।

ଏବେ ଅନେକ ପ୍ରକାର ରଙ୍ଗର ହାଟ ଲୁଗା ରଙ୍ଗିଲା ଗାଡ଼ି ମଟର ରଙ୍ଗିଲା। ବ୍ୟବହାର୍ଯ୍ୟ ଦ୍ରବ୍ୟ ରଙ୍ଗିଲା। ଆଖିକୁ ସୁନ୍ଦର ଦେଖାଗଲା ଏକ ଯାନ କିଣାଗଲା। ଆଣୁ ଆଣୁ ଅନେକ ଯତ୍ନ ପୋଛା ପୋଛି ହିଫାଜତ ମାତ୍ର କିଛି ବର୍ଷ ପରେ ବାହ୍ୟରଙ୍ଗ ଠିକ ଥିଲେ ବି ଗାଡ଼ିର ଇଞ୍ଜିନ ଖରାପ ଚକା ଫାଟିବା ଆଦି ଘଟେ ଭିତର ସିଟ ଫାଟେ ଏପରି ଗାଡ଼ି ଦୂରରୁ ପୂର୍ବପରି ଦେଖାଗଲେ ବି ପ୍ରକୃତିରେ ପୂର୍ବପରି ମୂଲ୍ୟବାନ ଓ ସଚଳ ହୋଇନପାରେ ସେ ରଙ୍ଗ ତକ୍ରାଳ ଦେଖିବାକୁ ସୁନାପରି। ପରୀମାନେ ଭାରି ସୁନ୍ଦର କଳ୍ପନା କରି ଚିତ୍ରକର ବା ମୂର୍ତ୍ତିକାର ଏପରି ମୂର୍ତ୍ତି କରନ୍ତି। ସିନେମା ଷ୍ଟାରମାନେ ବଛାଇ ହୋଇ ନିଆଯାଇଥାନ୍ତି। ସେମାନେ ଯୁବତୀ କଳାରେ ଦର୍ଶକ ମୋହକ ହୋଇଥାନ୍ତି। ତାଙ୍କର ଜୀବ ଅସାନ ହେଲେ ତାଙ୍କର ସିନେମା ଅବସାନ ହୋଇନଥାଏ। ଲୋକେ ଯୁବାବସ୍ଥାରେ ସେ ଛବି ବି ଦେଖିଥିବେ ମାତ୍ର ସେହି ଦର୍ଶକ ବୃଦ୍ଧ ହୋଇ ଯଦି ସେ ଛବିମାନ ଦେଖିଲେ ବିରକ୍ତବୋଧ କରିଥାନ୍ତି। ହେଲେ ସବୁକାଳର ଯୁବକଙ୍କ ପାଇଁ ସେହିପରି ସୁନ୍ଦରୀଙ୍କ ସବୁ ଦେଖିବାକୁ ସୁନାପରି। ପାଠ ଠିକ ପଢ଼ିଲେ ବି ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟର ଡିଗ୍ରୀଧାରୀ ଅନେକ ନୁହଁନ୍ତି। ପୁଣି ଏଥିରେ ଠିକ କୋର୍ସ ସାରି ସମୟ ବିତାଇ ପରୀକ୍ଷା ଦେଇ ଭଲ ଡିଗ୍ରୀ ହାସଲ ସାର୍ଟିଫିକେଟ ହାସଲ କରିଛନ୍ତି ମାତ୍ର କୌଣସି କର୍ମ ମୁତୟନ ପାଇଁ କିଛି ସମସ୍ୟାରେ ଏମାନେ ପଡୁଛନ୍ତି କାରଣ ଏକାପରି ସାର୍ଟିଫିକେଟ ପାଠ ନଥାଏ କେହି ଜାଲପଥରେ ହାସଲ କରି କର୍ମ ମୁତୟନ କର୍ତ୍ତାଙ୍କର ପାଖଲୋକ ସୁପାରିଶରେ ହାସଲ କରିବା ଦେଖାଯାଉଛି। ସଠିକ ସାର୍ଟିଫିକେଟ ଓ ନକଲି ସାର୍ଟିଫିକେଟ ଠିକ ଏକାପରି ଏହା ବି ଦେଖିବାକୁ ସୁନାପରି ଧାରାରେ ଆସୁଛି। ପୋଲିସ ବାବୁମାନେ ସୁନା ବିସ୍କୁଟ ଜବତ କରୁଛନ୍ତି ଏହା ଲେଖା ଯାଉଛି ମାତ୍ର ଚୋର ଠାରୁ ଚୋରୀ ସୁନା ଅଳଙ୍କାର ଜବତ କଲେ ସେମାନେ ଲେଖନ୍ତି ଦେଖିବାକୁ ସୁନାପରି କାରଣ ସୁନା ବିସ୍କୁଟରେ ଏପରି ଲେବଲ ଥାଏ ଯାହା ଅସଲି ପ୍ରମାଣିତ କରୁଥାଏ। ମାତ୍ର ସୁନା ଅଳଙ୍କାରରେ ଅନେକ ଭେଜାଲ ଅଛି ଏହା ସୁନା ଲେଖିଲେ ଜବତକାରୀ ଅଫିସର ପରେ ହଇରାଣରେ ପଡ଼ି ପାରନ୍ତି। ବୟସ ବଢ଼ିଲେ ବାର୍ଦ୍ଧକ୍ୟରେ ଅଜା ଆଇ, ଜେଜେମା, ମାଉସୀ, ଖୁଡ଼ି ମାଇଁ ପରି ଡାକକୁ ଆସିଥାନ୍ତି। ସମ୍ପର୍କ ଦୁଇ ପ୍ରକାର ଏକ ପ୍ରତ୍ୟକ୍ଷ ଆଉ ଏକ ଅପ୍ରତ୍ୟକ୍ଷ। ଅପ୍ରତ୍ୟକ୍ଷ ରିସ୍ତା ବୟସର ଚିହ୍ନରୁ ଧରାଯାଏ ଏବେ ସମସ୍ତେ କେଲ କଲର କରୁଛନ୍ତି ଚୁଟ ପାଚିଗଲାଣି ରଙ୍ଗ କରାଯାଉଛି। ଏଥିରେ କେମିତି ସେ ଯୁବକ ବା ଯୁବତୀ ଅବସ୍ଥାରେ ରହିବେ ଏ ଅବଚେଷ୍ଟା ଫଳରେ ଅଙ୍କଲ ଆଣ୍ଟି ନଶୁଣି ଭାଇ, ଭାଉଜ ଭାବରେ ସମୟ ବିତାଇବାକୁ ଚାହୁଁଛନ୍ତି। ଏଯୁଗ ଏପରି ମନୁଷ୍ୟ ବୟସ ଲୁଚାଉଛି ଓ ଭାଇ ଭାଉଜ ବା ଭାଇ ଭଉଣୀ ପଦକୁ ଦେଖିବାକୁ ସୁନାପରି କରୁଛି।

'ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩

# ବାର୍ଦ୍ଧକ୍ୟର ଗତିରୋଧ

॥ ପ୍ରଫୁଲ୍ଲ କୁମାର ଦାସ ॥

ଚଳିତ ଚର୍ମ, ହ୍ରାସ ପାଉଥିବା ସ୍ମୃତି ଶକ୍ତି, କର୍କଟ ଓ ହୃଦରୋଗର ଭୟ ସହ ବାର୍ଦ୍ଧକ୍ୟର ସ୍ପର୍ଶ ଆମ ସମସ୍ତଙ୍କ ଜୀବନରେ ଅବସମ୍ଭାବୀ। ଯେଉଁଥିରୁ ବର୍ତ୍ତିବା ଅସମ୍ଭବ ନିଶ୍ଚୟ। ତଥାପି ହଜାର ହଜାର ବର୍ଷ ଧରି ମାନବ ଚେଷ୍ଟା କରି ଆସୁଛି ଏହି ବାର୍ଦ୍ଧକ୍ୟକୁ ଦୂରେଇ ରଖିବା ପାଇଁ। ଆମ ଦୈନନ୍ଦିନ ଜୀବନର ଆହାରର ମାତ୍ରାଧିକ ପ୍ରଭାବ ବାର୍ଦ୍ଧକ୍ୟର ଆଗମନ ଉପରେ ପ୍ରଭାବ ରଖିଛି ବୋଲି ଗବେଷଣାରୁ ଜଣାପଡ଼ିଛି। ଜଣେ ବୟସ୍କ ବ୍ୟକ୍ତି ନିଜ ଦୈନନ୍ଦିନ ଆହାରରେ ବାର୍ଦ୍ଧକ୍ୟର ପ୍ରଭାବକୁ କିଛିଟା ପ୍ରତିହତ କରିପାରିବ ବୋଲି ଗବେଷକମାନେ ମତ ଦେବା ଆରମ୍ଭ କଲେଣି। ଆମ ଖାଦ୍ୟରେ ଥିବା ପୃଷ୍ଟିସାର ବା ପ୍ରୋଟିନ ଆମ ମଧ୍ୟରେ ବୃଦ୍ଧାବସ୍ଥାର ସଙ୍କେତ ଗୁଡ଼ିକୁ ଆଣିବାରେ ସହାୟକ ହୋଇଥାଏ ବୋଲି କିଛି ଦିନ ତଳେ କୋଲକାତା ବିଶ୍ୱବିଦ୍ୟାଳୟର ଜନୈକ ବାୟୋକେମେଷ୍ଟ୍ରି ବିଭାଗର ପ୍ରଫେସର ମ୍ରିଣାଳକାନ୍ତି ପୋଦ୍ଦାର ନିଜ ଗବେଷଣାରୁ ଜାଣିପାରିଛନ୍ତି। ଏହି ଖବର ନିକଟରେ ଇଣ୍ଟରନେଟରେ ସବିଶେଷ ସୂଚୀତ ହୋଇଛି। ପୋଦ୍ଦାର ହେଉଛନ୍ତି ପ୍ରଥମ ବୈଜ୍ଞାନିକ ଯିଏ ହେଉଛନ୍ତି ଆମ ଖାଦ୍ୟରେ ଥିବା ପ୍ରୋଟିନ, ଆମ ହରମୋନ, ସ୍ନାୟୁତନ୍ତୁ ତଥା ରୋଗପ୍ରତିରୋଧକ ଶକ୍ତି ମଧ୍ୟରେ ଥିବା ନିବିଡ଼ ଗୁଢ଼ ସମ୍ପର୍କକୁ ସୂଚାଇ ପାରିଛନ୍ତି ବୈଜ୍ଞାନିକ ଭିତ୍ତିରେ। ତାଙ୍କ ଗବେଷଣାରଲବ୍ଧ ତଥ୍ୟ ସୂଚୀତ କରୁଛି କି ଯେ ଖାଦ୍ୟରେ ଅତ୍ୟଧିକ ପ୍ରୋଟିନର ଅବସ୍ଥିତି ବାର୍ଦ୍ଧକ୍ୟର ସଙ୍କେତ ଗୁଡ଼ିକର ଦ୍ରୁତ ଆଗମନରେ ସହାୟକ ହୁଏ। ଜୀବିତ ପ୍ରାଣୀମାନଙ୍କ ଦେହ ଉପରେ ପ୍ରୋଟିନର ପ୍ରଭାବ ବିଚିତ୍ର। ପରୀକ୍ଷାରୁ ଜଣାପଡ଼ିଛି ଖାଦ୍ୟରେ ଅଧିକ ପରିମାଣର ପ୍ରୋଟିନ ତରୁଣ ମୂଷା ମାନଙ୍କ ରୋଗପ୍ରତିରୋଧକ ଶକ୍ତିକୁ ବଢ଼ାଇଥାଏ କିନ୍ତୁ ବୟସ୍କ ମୂଷା ମାନଙ୍କ କ୍ଷେତ୍ରରେ ଆହାରରେ ଅଧିକ ପରିମାଣର ପ୍ରୋଟିନ ରୋଗପ୍ରତିରୋଧକ ଶକ୍ତିକୁ ହ୍ରାସ କରାଏ। କିଛି ମୂଷାଙ୍କୁ ଅଲଗା ଅଲଗା ଭାବରେ ମାତ୍ରାଧିକ ପ୍ରୋଟିନ, ସନ୍ତୁଳିତ ପ୍ରୋଟିନ ଓ ଅଳ୍ପ ପ୍ରୋଟିନ ସମ୍ବଳିତ ଖାଦ୍ୟ ଦେଇ କିଛି ଦିନ ରଖାଯାଇଥିଲା। ତାହାପରେ ସେ ମୂଷା ମାନଙ୍କ ଦେହରେ ଥିବା କର୍ଟିକଷ୍ଟେରୋନ ନାମକ ଆଡ୍ରେନାଲ ହରମୋନର ମାତ୍ରାକୁ ଅନୁଧ୍ୟାନ କରାଯାଇଥିଲା। ଏଠାରେ ଉଲ୍ଲେଖଯୋଗ୍ୟ ଯେ ସ୍ତନ୍ୟପାୟୀ ପ୍ରାଣୀ ମାନଙ୍କ କ୍ଷେତ୍ରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇବା ସହ ଦେହରେ କର୍ଟିକଷ୍ଟେରୋନର ମାତ୍ରା ହ୍ରାସ ପାଏ ଓ ରୋଗ ପ୍ରତିରୋଧକ ଶକ୍ତି କମ ଥିବା ଅବସ୍ଥାରେ ଦେହରେ ଏହି ହରମୋନର ମାତ୍ରା ବୃଦ୍ଧି ପାଏ। ଅନୁଧ୍ୟାନରୁ ଜଣାପଡ଼ିଲା ଯେ ଅଧିକ ପ୍ରୋଟିନ ଖାଉଥିବା ବୟସ୍କ ମୂଷାମାନଙ୍କ ଦେହରେ କର୍ଟିକଷ୍ଟେରୋନର ମାତ୍ରା ଥିଲା ସର୍ବାଧିକ। ପୋଦ୍ଦାର କହିଛନ୍ତି ଦେହର କର୍ଟିକଷ୍ଟୋରୋନ ମାତ୍ରା ମସ୍ତିଷ୍କରେ ହେଉଥିବା ପରିବର୍ତ୍ତନକୁ ମଧ ଦର୍ଶାଏ। କର୍ଟିକଷ୍ଟେରୋନର କ୍ଷରଣକୁ ମସ୍ତିଷ୍କର ହାଇପୋଥାଲାମସ ନିୟନ୍ତ୍ରଣ କରେ। ମାନସିକ ଚାପ ଓ ପରିଶ୍ରମ ବୃଦ୍ଧି ପାଇଲେ ହାଇପୋଥାଲାମସ ମସ୍ତିଷ୍କରେ ଅବସ୍ଥିତ ପିଟ୍ୟୁଟାରି ଗ୍ଲାଣ୍ଡକୁ ଏକ ବିଶେଷ ପ୍ରକାରର ହରମୋନ କ୍ଷରଣ କରିବାକୁ ନିର୍ଦ୍ଦେଶ ଦିଏ ଯାହା ଆମର ଆଡ୍ରେନାଲ ଗ୍ରନ୍ଥିକୁ ପ୍ରଭାବିତ କରେ। ଏହାପରେ ଆଡ୍ରେନାଲ ଗ୍ରନ୍ଥି କର୍ଟିକଷ୍ଟେରୋନ କ୍ଷରଣ କରିବା ଆରମ୍ଭ କରିଦିଏ। ତେଣୁ ଏହା ନିଶ୍ଚିତ ଯେ ବୟସ୍କ ଲୋକମାନେ ମାତ୍ରାଧିକ ପ୍ରୋଟିନ ଖାଇବା ଦ୍ୱାରା ନିଜର ରୋଗ ପ୍ରତିରୋଧକ ଶକ୍ତି କମାଇ ଚାଲନ୍ତି। ପ୍ରଫେସର ପୋଦ୍ଦାର ମସ୍ତିଷ୍କରେ ଥିବା ଅନ୍ୟ ଦୁଇଟି ରସାୟନ ଯଥା ଗାବା ଓ ଗ୍ଲୁଟମେଟରେ ହେଉଥିବା ପରିବର୍ତ୍ତନକୁ ମଧ ଅନୁଧ୍ୟାନ କରିଥିଲେ। ଏହି ଦୁଇ ରସାୟନର ପରିମାଣ ବୟସ ସହ ପରିବର୍ତ୍ତିତ ହୁଏ ଓ ଏହି ଉପାଦାନ ଗୁଡ଼ିକ ମସ୍ତିଷ୍କ ମଧ୍ୟରେ ସଂଚାର ବ୍ୟବସ୍ଥାରେ ସହାୟତା କରନ୍ତି। ସନ୍ତୁଳିତ ଆହାର ଗ୍ରହଣ କରୁଥିବା ବୟସ୍କ ମାନଙ୍କ କ୍ଷେତ୍ରରେ ମସ୍ତିଷ୍କରେ ଗୋବାର ପରିମାଣ ବୃଦ୍ଧି ପାଏ ଓ ଏହା ସହ ରୋଗ ପ୍ରତିରୋଧକ ଶକ୍ତି ମଧ ବୃଦ୍ଧି ପାଏ। ସେହିଭଳି କାମ ପ୍ରୋଟିନ ଥିବା ଖାଦ୍ୟ ବୟସ୍କ ଜୀବଜନ୍ତୁମାନଙ୍କ ମସ୍ତିଷ୍କରେ ଗ୍ଲୁଟାମେଟର କାର୍ଯ୍ୟକ୍ଷମତା ହ୍ରାସକରେ ଏବଂ ବାର୍ଦ୍ଧକ୍ୟର ସଂକେତ ଗୁଡ଼ିକୁ ଦୂରେଇବାରେ ସହାୟକ ହୁଏ। ଏଥିରୁ ଏହା ସ୍ପଷ୍ଟ ଯେ ରୋଗ ପ୍ରତିରୋଧକ ଶକ୍ତି, ସ୍ନାୟୁତନ୍ତୁ ଓ ଖାଦ୍ୟରେ ପ୍ରୋଟିନର ମାତ୍ରା ଅଙ୍ଗାଙ୍ଗୀ ଭାବେ ଜଡ଼ିତ କୁହନ୍ତି ପ୍ରଫେସର ପୋଦ୍ଦାର। ବର୍ତ୍ତମାନ ଯାଏ ସେ ଜୀବଜନ୍ତୁ ମାନଙ୍କ ଉପରେ ନିଜ ପରୀକ୍ଷା ଗୁଡ଼ିକୁ କରିଥିଲେ ମଧ ମାନବ ମାନଙ୍କ କ୍ଷେତ୍ରରେ ମଧ ଠିକ ଏକା ପ୍ରକ୍ରିୟା ଦେଖାଯିବ ବୋଲି ଦୃଢ଼ ନିଶ୍ଚିତ। ଭବିଷ୍ୟତରେ ମଣିଷଙ୍କୁ ନେଇ ସେ ଏହି ଅନୁଧ୍ୟାନ ମଧ କରିବା ପାଇଁ ଯାଉଛନ୍ତି। କିନ୍ତୁ ବର୍ତ୍ତମାନ ବି ପ୍ରଫେସର ପୋଦ୍ଦାର କୁହନ୍ତି, ବୟସ୍କ ଲୋକମାନେ ନିଜ ଖାଦ୍ୟରେ ପ୍ରୋଟିନର ମାତ୍ରାକୁ କମାଇ ବାର୍ଦ୍ଧକ୍ୟର ଆଗମନକୁ କିଛିଟା ଧିମେଇ ଦେଇ ପାରିବେ।

ପୁରାକାଳରେ ହୁଏତ ସେଇଥିପାଇଁ ବାନପ୍ରସ୍ଥ ଗ୍ରହଣ କରୁଥିବା ବୟସ୍କ ଲୋକମାନେ ଶାକାହାରୀ କିମ୍ବା ଫଳାହାରୀ ହେଉଥିଲେ। ପୋଦ୍ଦାରଙ୍କ ମତରେ ଆମିଷରେ ଥିବା ପ୍ରୋଟିନ ବାର୍ଦ୍ଧକ୍ୟର ସଙ୍କେତ ଗୁଡ଼ିକୁ ଉଜାଗର କରିବାରେ ଅଧିକ ସହାୟକ ହୁଏ ଏବଂ ଏହା ହୁଏତ ବୟସ୍କ ମାନଙ୍କ ରୋଗ ପ୍ରତିରୋଧକ ଶକ୍ତି ହ୍ରାସ କରାଏ। ଆମେ ଆମିଷ ଓ ନିରାମିଷ ଦୁଇଟି ଯାକ ଖାଦ୍ୟ ସ୍ରୋତରୁ ପ୍ରୋଟିନ ପାଉ। ମାଛ, ମାଂସ, ଅଣ୍ଡା, କ୍ଷୀର, ଡାଲି, ସୋୟବିନ ଇତ୍ୟାଦିରୁ ପ୍ରୋଟିନ ମିଳେ। ବିଜ୍ଞାନୀମାନଙ୍କ ମତରେ ବୟସ୍କ ମାନଙ୍କ ପାଇଁ ମାଂସ ଓ ଅଣ୍ଡା ସବୁଠାରୁ ଅଧିକ କ୍ଷତିକାରକ। ତେଣୁ ଆମିଷ ପ୍ରତି ଆକୃଷ୍ଟ ହେଉଥିବା ବୟସ୍କମାନେ ମାଂସ ଓ ଅଣ୍ଡା ସ୍ଥାନରେ ମାଛ ଖାଇବା ଉଚିତ। ମାଛରେ ଓମେଗା-ଥ୍ରୀ ଫ୍ୟାଟି ଏସିଡ଼ ଥିବା ହେତୁ ଏହା ହୃଦ୍‌ରୋଗର କାରଣ ଗୁଡ଼ିକୁ ପ୍ରତିହତ କରିବାରେ ସହାୟକ ହୁଏ ଓରୋଗ ପ୍ରତିରୋଧକ ଶକ୍ତିକୁ କିଛି ପରିମାଣରେ ବୃଦ୍ଧି କରିବାରେ ସହାୟକ ହୁଏ। କିନ୍ତୁ କମ ପ୍ରୋଟିନ ଥିବା ଅଧିକା ଶାକସବ୍‌ଜି ଯୁକ୍ତ ଆହାର ବୟସ୍କ ମାନଙ୍କ ପାଇଁ ସବୁଠାରୁ ଅନୁକୂଳ। ଆମେରିକାର ଇନଷ୍ଟିଚ୍ୟୁଟ ଅଫ ଏଜିଂ ଏଣ୍ଡ ଲଙ୍ଗଜିଭିଟିର ଗବେଷଣା ଅନୁଯାୟୀ ବାର୍ଦ୍ଧକ୍ୟ ଉପନୀତ ହେଲେ ଖାଦ୍ୟ ପ୍ରତି ସଜାଗ ନ ହେଲେ ମାନସିକ ଶକ୍ତି ହ୍ରାସ ପାଏ। ଏହି ସଂସ୍ଥାନ ବୟସ୍କ ଲୋକମାନଙ୍କୁ ନିଜ ଖାଦ୍ୟରେ ଆମିଷର ମାତ୍ରା କମାଇ ଅଧିକ ଫଳ ଓ ପରିବା ଖାଇବା ପାଇଁ ଉପଦେଶ ଦିଏ। ପ୍ରଫେସର ପୋଦ୍ଦାର ମଧ କୁହନ୍ତି ସେ ବର୍ତ୍ତମାନ ଯାଏ ମଣିଷଙ୍କୁ ନେଇ ପରୀକ୍ଷା କରିନଥିଲେ ମଧ ସ୍ନାୟୁ ଦୁର୍ବଳତା ଅନୁଭବ କରୁଥିବା ବୟସ୍କ ଲୋକମାନଙ୍କୁ ଖାଦ୍ୟରେ ପ୍ରୋଟିନର ମାତ୍ରା କମାଇବା ପାଇଁ ଉପଦେଶ ଦିଅନ୍ତି। ପୋର୍ଦ୍ଦାରଙ୍କ ଗବେଷଣା ସମ୍ପୂର୍ଣ୍ଣ ହେଲା ପରେ ହୁଏତ ସାରା ବିଶ୍ୱର ପଥ୍ୟ ବିଜ୍ଞାନୀମାନେ ବୟସ୍କ ମାନଙ୍କୁ ପ୍ରୋଟିନ ଗ୍ରହଣ କରିବା ସଂକ୍ରାନ୍ତରେ ଉପଦେଶ ଦେବେ।

**କନସ୍‌ଲଣ୍ଟାଟ ରେଡ଼ିଓଲୋଜିଷ୍ଟ, ଏମ୍‌ଆରଆଇ କେନ୍ଦ୍ର, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୨୩୪୪୩**

# ମାନବିକତା ହିଁ ପରମ ଧର୍ମ

॥ ମୌଲାନା ଫଜଲ ହକ ଖାଁ ॥

ଦୁନିଆର ବିଭିନ୍ନ ପ୍ରାନ୍ତରେ ଅନେକ ମେଳା ମହୋତ୍ସବ ଓ ସମାରୋହ ଆୟୋଜିତ ହେଉଛି । ଯେଉଁଥିରେ ଅନେକ ନେତା ବକ୍ତା ଓ ଶ୍ରୋତା ଉପସ୍ଥିତ ହେଉଛନ୍ତି । କେତେକ ସ୍ଥାନରେ ଏହା କେବଳ ଉଗ୍ର ଜାତିଆଣ ମନୋଭାବକୁ ଉଜାଗର କରିବାର ମାଧ୍ୟମ ହେଉଛି ତ ଅନ୍ୟ କେଉଁଠି ଏହାଦ୍ୱାରା କେତେକ ବ୍ୟକ୍ତି ବିଶେଷ ଅଜ୍ଞ ଜନତାଙ୍କୁ ପ୍ରତାରଣା ପୂର୍ଣ୍ଣ ଆଶ୍ୱାସନା ଦେଇ ରାଜ ନୈତିକ ଫାଇଦା ହାସଲ କରିବାରେ ସମର୍ଥ ହେଉଛନ୍ତି ଏବଂ କେତେକ ସ୍ଥାନରେ ଏହାର ଆୟୋଜନ ସରକାର ତଥା ପ୍ରଶାସନ ବିରୁଦ୍ଧରେ ଆନ୍ଦୋଳନ ସୃଷ୍ଟି କରିବାର କାରଣ ହୋଇଥାଏ ।

କିନ୍ତୁ ଅହମଦୀୟା ସମ୍ପ୍ରଦାୟର ବାର୍ଷିକ ସମ୍ମିଳନୀରେ କୌଣସି ରାଜନୈତିକ ଆଳାପ ହୁଏ ନାହିଁ କିମ୍ବା କୌଣସି ବିଦ୍ରୋହାତ୍ମକ ମତ ପୋଷଣ କରାଯାଏ ନାହିଁ । ଅନେକ ହିନ୍ଦୁ, ମୁସଲମାନ, ଶିଖ ତଥା ଖ୍ରୀଷ୍ଟ ଧର୍ମାବଲମ୍ବୀ ଏଥିରେ ଯୋଗଦେଇ ଧର୍ମ ଚର୍ଚ୍ଚା ଶୁଣିଥାଆନ୍ତି ଏବଂ ସେମାନଙ୍କ ମଧ୍ୟରୁ ଅନେକ ବିଦ୍ୱାନ ନିଜର ବକ୍ତବ୍ୟ ମଧ ପ୍ରଦାନ କରନ୍ତି । ଯଦ୍ଦ୍ୱାରା ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ବିଶ୍ୱ ଭ୍ରାତୃଭାବ ପ୍ରତିଷ୍ଠା ନିମନ୍ତେ ଏହା ପ୍ରାଣେ ପ୍ରାଣେ ଉତ୍ସାହଭରି ଦେଉଥାଏ । ଉକ୍ତ ସର୍ବଧର୍ମ ସମ୍ମିଳନୀ ଦ୍ୱାରା ଭ୍ରାତୃଭାବର ମନୋରମ ପରିବେଶ ସୃଷ୍ଟି ହୋଇଥାଏ ଏବଂ ବିଶ୍ୱଶାନ୍ତି ସ୍ଥାପନା ସହିତ ଧର୍ମ ଓ ମାନବିକତାକୁ ମିଶ୍ରିତ କରାଇ ଏକ ନୂତନ ମୁକ୍ତିପଥ ପ୍ରଦର୍ଶିତ କରାଯାଇଥାଏ ।

ଅହମଦୀୟା ସଂପ୍ରଦାୟର ପ୍ରତିଷ୍ଠାତା ହଜରତ ମିର୍ଜା ଗୁଲାମ ଅହମଦ୍ (୧୮୩୫-୧୯୦୮)ପ୍ରତ୍ୟେକ ଧର୍ମଗ୍ରନ୍ଥ ମଧ୍ୟରେ ବର୍ଣ୍ଣିତ ଭବିଷ୍ୟବାଣୀ ଅନୁଯାୟୀ ଏ ଯୁଗରେ ସ୍ୱୟଂକୁ ହିନ୍ଦୁ ଭ୍ରାତାଙ୍କ ନିମନ୍ତେ କଲ୍‌କୀ ଅବତାର, ଖ୍ରୀଷ୍ଟ ଧର୍ମାବଲମ୍ବୀମାନଙ୍କ ନିମନ୍ତେ ମସିହ ତଥା ମୁସଲମାନମାନଙ୍କ ପାଇଁ ଇମାମ ମେହେଦୀ ହେବାର ଦାବୀ କରିଛନ୍ତି । ସେହି ମହାନ ମହାପୁରୁଷଙ୍କ ଦ୍ୱାରା ହିଁ ଆଜି ବିଶ୍ୱ ଶାନ୍ତି ସମ୍ଭବ । ତେଣୁ ତାହାଙ୍କ ଶରଣ ବିନା ଦୁନିଆରୁ ଅଶାନ୍ତି ଓ ଅରାଜକତା ଲୁପ୍ତ ହେବା ଅସମ୍ଭବ । ସେ ହେଉଛଁି ଏ ଯୁଗରେ ଶାନ୍ତି,ମୈତ୍ରୀ ଓ ପ୍ରିତିର ଅବତାର । ପରସ୍ପରର ଧର୍ମ ବିବାଦକୁ ପ୍ରତ୍ୟାହାର କରି ବିଶ୍ୱଶାନ୍ତି ପ୍ରତିଷ୍ଠା ନିମନ୍ତେ ସେ ଅନେକ ସୁନ୍ଦର ସିଦ୍ଧାନ୍ତ ବିଶ୍ୱବାସୀଙ୍କୁ ପ୍ରଦାନ କରିଛନ୍ତି ।

ସେ କୁହନ୍ତି; 'ଏହା ଅତ୍ୟନ୍ତ ସୁନ୍ଦର, ଶାନ୍ତିପ୍ରଦ ଓ ପାରସ୍ପରିକ ସଦ୍‌ଭାବର ଭିତି ସ୍ଥାପନକାରୀ ତଥା ନୈତିକ ଚିନ୍ତା ଧାରର ସମର୍ଥନକାରୀ ସିଦ୍ଧାନ୍ତ ଯେ ଆମେ ଉକ୍ତ ସମସ୍ତ ଅବତାରଙ୍କୁ ଯେଉଁମାନେ ଏହି ସଂସାର ଭିତରେ ଆବିର୍ଭୁତ ହୋଇଛନ୍ତି, ସେ ଭାରତ ବର୍ଷରେ ପ୍ରକଟ ହୋଇଥାନ୍ତୁ ବା ପାରସ୍ୟ ଅଥବା ଚୀନ କିମ୍ବା ଅନ୍ୟ କୌଣସି ଦେଶ ମଧ୍ୟରେ ଆବିର୍ଭାବ ହୋଇଥାନ୍ତି ଏବଂ ଅଲ୍ଲାଃତାଲା ତାହାଙ୍କ ସମ୍ମାନ ଓ ତାଙ୍କ ପ୍ରବର୍ତ୍ତିତ ଧର୍ମର ଶ୍ରଦ୍ଧା କୋଟି କୋଟି ହୃଦୟରେ ପ୍ରତିଷ୍ଠା କରି ଦେଇଥାନ୍ତି, ତଥା ଶତାଧିକ ବର୍ଷ ପର୍ଯ୍ୟନ୍ତ ଉକ୍ତ ଧର୍ମ ଦୁନିଆରେ ପ୍ରଚଳିତ ହୋଇଥାଉ । ସେମାନଙ୍କ ସତ୍ୟତା ସ୍ୱୀକାର କରିନେବା ହିଁ ଉକ୍ତ ସିଦ୍ଧାନ୍ତ, ଯାହା ଆମକୁ ପବିତ୍ର କରୁଆନ ଶିକ୍ଷା ଦେଉଛି । ତଦ୍‌ନୁଯାୟୀ ଆମେ ପ୍ରତ୍ୟେକ ଧର୍ମ ପ୍ରବର୍ତ୍ତକ ଯାହାଙ୍କ ଜୀବନ ଚରିତ୍ର ଉକ୍ତ ପରିଭାଷା ଅନ୍ତର୍ଗତ ହୋଇଥାଏ । ସେ ହିନ୍ଦୁ ଧର୍ମଗୁରୁ ହୋଇଥାନ୍ତୁ ବା ପାର୍ସି, ଚୀନି ଅଥବା ଯହୁଦୀ ଅବା ଖ୍ରୀଷ୍ଟ ଧର୍ମ ପ୍ରବର୍ତ୍ତକ ହୋଇଥାନ୍ତୁ , ସମସ୍ତଙ୍କୁ ଭକ୍ତିପୁତ ଶ୍ରଦ୍ଧା ଓ ଗମ୍ଭୀର ସମ୍ମାନ ଜଣାଇ ଥାଉଁ ।'

ଯଦି ଅହମଦଙ୍କ ଉପର ସିଦ୍ଧାନ୍ତ ସମଗ୍ର ଭାରତବାସୀ ତଥା ସାରା ବିଶ୍ୱବାସୀ ନିଜ ସିଦ୍ଧାନ୍ତ ରୂପେ ଗ୍ରହଣ କରିନିଅନ୍ତି, ତେବେ ଆଜିର ଅଶାନ୍ତ ମାନବ ଶାନ୍ତି, ମୈତ୍ରୀ ପୂର୍ଣ୍ଣ ଏକ ନୂଆ ସଂସାର ଗଢ଼ି ତୋଳନ୍ତା । ଅତଏବ ଉକ୍ତ ମହାପୁରୁଷଙ୍କ ଦ୍ୱାରା ଶୁଭାରମ୍ଭ କରାଯାଇ ଥିବା ବାର୍ଷିକ ସର୍ବଧର୍ମ ଶାନ୍ତି ସମ୍ମିଳନୀରେ ପ୍ରତ୍ୟେକ ଭାରତୀୟ ଯୋଗ ଦେଇ ପୁନରାୟ ଏକ ନୂତନ ଶାନ୍ତିମୟ ଭାରତ ବର୍ଷ ଗଢ଼ିବା ଆବଶ୍ୟକ ।

ଚଳିତ ବର୍ଷ ୫୬ତମ ବାର୍ଷିକ ସର୍ବଧର୍ମ ଶାନ୍ତି ସମ୍ମିଳନୀ,କେରଙ୍ଗ ମେ ୧୩-୧୪ ତାରିଖ (ଶନିବାର ଓ ରବିବାର ) କେରଙ୍ଗ ଇଦ୍‌ଗାଃ ମଇଦାନରେ ଅନୁଷ୍ଠିତ ହେବାକୁ ଯାଉଅଛି। ଉକ୍ତ ସମ୍ମିଳନୀରେ ଭାରତ ବର୍ଷର ବିଭିନ୍ନ ପ୍ରାନ୍ତରୁ ବିଶିଷ୍ଟ ମୌଲାନା,ଧର୍ମବିତ,ବୁଦ୍ଧିଜୀବୀ ତଥା ଶିକ୍ଷାବିତ୍, ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଅଂଶ ଗ୍ରହଣ କରି ସର୍ବ ଶକ୍ତିମାନ ଅଲ୍ଲାଃଙ୍କ ଅସ୍ତିତ୍ୱ,ମାନବ ଜନ୍ମର ମୁଖ୍ୟ ଉଦ୍ଦେଶ୍ୟ,ବିଶ୍ୱରେ ସ୍ଥାୟୀ ଶାନ୍ତି, ଭ୍ରାତୃଭାବ ପ୍ରତିଷ୍ଠା ପାଇଁ ଧର୍ମର ଭୂମିକା,ଇସଲାମ ଏକ ଶାନ୍ତିପୂର୍ଣ୍ଣ ଧର୍ମ, ଜେହାଦର ବାସ୍ତବିକତା,ନାରୀର ସୁରକ୍ଷା ଓ ସମ୍ମାନ,ସୁଖ ବୈବାହିକ ଜୀବନର ବାସ୍ତବିକତା,ଇସଲାମିକ ପରଦା,ସମାଜ ସୁଧାର ତଥା ଅହମଦୀୟା ମୁସଲିମ ସଂପ୍ରଦାୟ ବିଶ୍ୱକୁ କ'ଣ ଦେଲା ? କାହିଁକି ଏ ବିପ୍ରାପ୍ତ ? ସମ୍ପର୍କରେ ତାତ୍ତ୍ୱିକ ଉଦ୍‌ବୋଧନ ଦେବେ। ଏହି ସମ୍ମିଳନୀରେ ଯୋଗ ଦେଉଥିବା ଶ୍ରଦ୍ଧାଳୁ ଭକ୍ତଙ୍କ ନିମେ଼ ଅହମଦୀୟା ମୁସଲିମ ସଂପ୍ରଦାୟର ପ୍ରତିଷ୍ଠାତା ହଜରତ ମିର୍ଜା ଗୁଲାମ ଅହମଦ: ପ୍ରାର୍ଥନା କରି କୁହନ୍ତି; 'ସର୍ବଶେଷରେ ମୁଁ ଦୁଆ କରୁଛି ଯେ ପ୍ରତ୍ୟେକ ବ୍ୟକ୍ତି ଯେ ଅଲ୍ଲାଃଙ୍କ ଉଦ୍ଦେଶ୍ୟରେ ପାଳିତ ଏହି ସମ୍ମିଳନୀ ନିମନ୍ତେ ଯାତ୍ରା କରନ୍ତି, ଅଲ୍ଲାଃ ସେମାନଙ୍କ ସହାୟ ହୁଅନ୍ତୁ ଏବଂ ସେମାନଙ୍କୁ ଅତୁଳନୀୟ ବଦଳା ଦିଅନ୍ତୁ ଓ ସେମାନଙ୍କ ଉପରେ ନିଜର ଅନୁକମ୍ପା ବୃଷ୍ଟି କରନ୍ତୁ ଏବଂ ସେମାନଙ୍କ ସମସ୍ତ ମନସ୍କାମନା ପୂର୍ଣ୍ଣ କରନ୍ତୁ । ଅଲ୍ଲାଃ ଏହି ଯାତ୍ରାର ସମାପ୍ତି ପର୍ଯ୍ୟନ୍ତ ସେମାନଙ୍କର ଯତ୍ନବାନ ହୁଅନ୍ତୁ।'

ମଙ୍ଗଳାବାଗ,କଟକ ମୋ:୯୬୯୨୨୨୫୦୫୭



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା






## ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି

ଲକ୍ଷ୍ମୀପୁର, (ମହାଭାରତ) : କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ ଠାରେ କୋରାପୁଟ ଜିଲ୍ଲାପାଳଙ୍କ ଅଧକ୍ଷତାରେ ଏକ ମିଳିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ସାଧାରଣ ଲୋକଙ୍କ ସମସ୍ୟାକୁ ସିଧାସଳଖ ଶୁଣିବା ଉଦ୍ଦେଶ୍ୟରେ ପ୍ରଶାସନ ନିଜ ବ୍ଲକ୍ କାର୍ଯ୍ୟାଳୟକୁ ପହଞ୍ଚିଥିଲା। ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟଓ୍ୱାନ ମହାଜନଙ୍କ ସହ କୋରାପୁଟ ଏସ୍‌ପି ରହିତ ବର୍ମା, ଉପଜିଲ୍ଲାପାଳ ପ୍ରେମଲାଲ ହିଆଲ, ସିଡିଓ ବେଣୁଧର ସବର ଉପସ୍ଥିତ ଥିଲେ। ଏହା ସହିତ ଜିଲ୍ଲା ପ୍ରଶାସନର ବିଭିନ୍ନ ପଦାଧିକାରୀ, ଲକ୍ଷ୍ମୀପୁର ବ୍ଲକ ଅଧକ୍ଷା ଶୁଆଇ କୁଲେସିକା, ଉପାଧକ୍ଷା ଆରତୀ କୁଲଦୀପ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସବ୍ୟସାଚୀ ବେହେରା, ତହସିଲଦାର ନୈବେଦ୍ୟ ଭୋଇଁ ସହ ଅନ୍ୟାନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ବିଭିନ୍ନ ଗାଁ ଓ ଅଞ୍ଚଳରୁ ଆସିଥିବା ଲୋକମାନେ ପାଣି, ରାସ୍ତା, ଆବାସ, ଭତ୍ତା ପରି ୭୯ ଟି ବିଭିନ୍ନ ସମସ୍ୟା ଉପସ୍ଥାପନ କରିଥିଲେ। ଏହା ସହ ବିଜେଡି ଜିଲ୍ଲା ସଭାପତି ସ୍ଥାନୀୟ ବିଧାୟକଙ୍କ ବିରୋଧରେ ୨୦୨୪-୨୦୨୫ ବର୍ଷର ସୋଲାର ବେସ୍ଡ ଜଳ ଯୋଗାଣ ପ୍ରକଳ୍ପ ଆବଶ୍ୟକ ଅଞ୍ଚଳରେ ନ ହୋଇ କିଛି ବ୍ୟକ୍ତିଗତ ସ୍ଥାନରେ କରାଯାଇଥିବା ଅଭିଯୋଗ ଉଠାଇଥିଲେ। ମୁଖ୍ୟ ସମସ୍ୟା ଭାବେ ବୁର୍ଜା ଗ୍ରାମରେ ଗମ୍ଭୀର ପାଣି ସମସ୍ୟା ଥିବାରୁ ସେଠାରୁ ଶତାଧିକ ଗ୍ରାମବାସୀ ଆସି ଜିଲ୍ଲାପାଳଙ୍କୁ ଅଭିଯୋଗ ଜଣାଇଥିଲେ। ସେହିପରି ବୁର୍ଜା ଗ୍ରାମରେ ନୂଆ କରି ନିର୍ମାଣ ହେବାକୁ ଥିବା ଆଦର୍ଶ ପଞ୍ଚାୟତ କାର୍ଯ୍ୟାଳୟ ଗୃହ ପାଇଁ ନିର୍ଦ୍ଧାରିତ ଜାଗାକୁ କିଛି ଲୋକ ଅବୈଧ ଭାବେ କବଜା କରି ରଖିଥିବାରୁ କାମ ଅଟକି ରହିଥିବା ଅଭିଯୋଗ ମଧ ପଞ୍ଚାୟତବାସୀ ଉଠାଇଥିଲେ। ଜିଲ୍ଲାପାଳ ସମସ୍ତ ସମସ୍ୟାକୁ ଧ୍ୟାନପୂର୍ବକ ଶୁଣି ସମ୍ପୃକ୍ତ ବିଭାଗକୁ ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିବା ସହ ଆସନ୍ତା ଦିନରେ ସମସ୍ୟାଗୁଡ଼ିକର ସମାଧାନ କରାଯିବ ବୋଲି ଲୋକମାନଙ୍କୁ ଆଶ୍ୱାସନ ଦେଇଥିଲେ। ହେଲେ ଏହି ସମସ୍ୟାଗୁଡ଼ିକ କେବେ ପ୍ରକୃତରେ ସମାଧାନ ହେବ, ତାହାକୁ ନେଇ ଅଞ୍ଚଳବାସୀ ଏବେ ମଧ ଅପେକ୍ଷାରେ ରହିଛନ୍ତି।

## ଅଁଳାକୁଦାରେ ୨୪ ପ୍ରହର ଅଖଣ୍ଡ ନାମଯଜ୍ଞ

କୃଷ୍ଣପ୍ରସାଦ, (ମହାଭାରତ) : ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଚିଲିକା ନୂଆପଡା ପଞ୍ଚାୟତର ଅଁଳାକୁଦା ଗ୍ରାମବାସୀଙ୍କ ପକ୍ଷରୁ ୫୭ତମ ୨୪ ପ୍ରହର ଅଖଣ୍ଡ ନାମଯଜ୍ଞ ଆରମ୍ଭ ହୋଇଛି। ଶନିବାର ଗ୍ରାମର ବରୁଣାଇ ପୁଷ୍କରିଣୀରୁ ଶତାଧିକ ମହିଳା ପୁରୁଷ ସାମିଲ ହୋଇ ବିରାଟ ପାଟ ପାଟୁଆରାରେ କଳସ ଶୋଭାଯାତ୍ରାରେ ଆସି ଯଜ୍ଞ ସ୍ଥଳରେ ପହଁଚିଥିଲେ। ରବିବାର ଠାରୁ ପାରମ୍ପରିକ ରୀତିନୀତି ଅନୁଯାୟୀ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଗଞ୍ଜାମ ଜିଲ୍ଲା ଆର. ବାହାଡାପଲି ସାନଘାଟି ମଠର ମହନ୍ତ ଜମୁନା ବିହାରୀ ଦାସ ନାମଯଜ୍ଞକୁ ପରିଚାଳନା କରୁଛନ୍ତି। ଗ୍ରାମର ପ୍ରତି ଦୁଆର ମୁହଁରେ କଳସ ସ୍ଥାପନ କରାଯାଇଥିବା ବେଳେ ଆମିଷକୁ ବର୍ଜନ କରାଯାଇଛି। ଏଥି ନିମନ୍ତେ କାଣ୍ଡେଶ୍ୱର, ଗଉଡ଼ ସାହି, ମୁଣ୍ଡାବର, ସିଆଳ, ପଥରକଟା, ଭବାନୀପୁର ସମେତ ୧୧ ମେଳ ସଂକୀର୍ତନ ଦଳ ଯୋଗଦେଇ ନାମ ପରିବେଷଣ କରୁଛନ୍ତି। ପ୍ରତ୍ୟହ ଶ୍ରଦ୍ଧାଳୁ ଭକ୍ତ ମାନଙ୍କ ନିମନ୍ତେ ଆନନ୍ଦ ବଜାରରେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି। ଅଁଳାକୁଦା ଗ୍ରାମ ସଭାପତି ତଥା ବରିଷ୍ଠ ଶିକ୍ଷାବିତ୍ ନାରାୟଣ ମାଝୀ, ସମ୍ପାଦକ ମନୋଜ କୁମାର ଜେନା ଉତ୍ସବକୁ ପରିଚାଳନା କରୁଥିବା ବେଳେ ଗ୍ରାମର ସମସ୍ତ ସଦସ୍ୟ ସହଯୋଗ କରୁଛନ୍ତି। ଶନିବାର ଠାରୁ ଆରମ୍ଭ ହୋଇଥିବା ଏହି ଅଖଣ୍ଡ ନାମଯଜ୍ଞ ବୁଧବାର ପୂର୍ଣ୍ଣାହୁତି ହେବ ଗ୍ରାମ୍ୟ କମିଟି ସୂତ୍ରରୁ ବୋଲି ଜଣାପଡିଛି ।

## ଉଦ୍ଘାଟିତ ହେଲା ଉଦଳା ସରସ୍ୱତୀ ମେଳା



କପ୍ତିପଦା, (ମହାଭାରତ): ମୟୂରଭଞ୍ଜ ଜିଲ୍ଲା ଉଦଳାରେ ବହୁ ପ୍ରତିକ୍ଷିତ ପ୍ରସିଦ୍ଧ ସରସ୍ୱତୀ ମେଳା ଉଦ୍ଘାଟିତ ହୋଇଯାଇଛି। ଉଦଳା ସରସ୍ୱତୀ ମନ୍ଦିରରୁ ଆଜ୍ଞା ମାଳ ସହ ଏକ ବିରାଟ ସଭା ଯାତ୍ରାରେ ବାହାରି ମେଳା ପଡିଆ ଠାରେ ପହଞ୍ଚିଥିଲା। ମୁଖ୍ୟ ଅତିଥି ଭାବେ ଉଦଳା ବିଧାୟକ ଭାସ୍କର ମଢ଼େଇ ଏନ୍‌ଏସି ଅଧକ୍ଷା ପ୍ରମିଳା ପଣ୍ଡା ଯୋଗ ଦେଇ ଫିତା କାଟି ମେଳାକୁ ଉଦ୍ଘାଟନ କରିଥିଲେ। ବହୁ ପୁରାତନ ଏହି ସରସ୍ୱତୀ ମେଳା କପ୍ତିପଦା ଉପଖଣ୍ଡର ଲୋକମାନଙ୍କର ଭାବାବେଗ ଯୋଡିତ ଥିବା କହିଥିଲେ। ଏହାପରେ ବିଭିନ୍ନ ପ୍ରତିଯୋଗୀ ମାନଙ୍କୁ ଅତିଥି ମାନେ ପୁରସ୍କାର ପ୍ରଦାନ କରିଥିଲେ। ଏହି ମେଳା ଆଜିଠାରୁ ଆରମ୍ଭ ହୋଇ ୧୩ ତାରିଖ ପର୍ଯ୍ୟନ୍ତ ହେବ ବୋଲି ପୂଜା କମିଟି ପକ୍ଷରୁ ସୂଚନା ମିଳିଛି।

## ନୀତି ଆୟୋଗ ପକ୍ଷରୁ ଜିଲ୍ଲା ସ୍ତରୀୟ ସମ୍ପୂର୍ଣତା ଅଭିଯାନ ୨.୦ ର ଶୁଭାରମ୍ଭ

କଳାହାଣ୍ଡି, (ମହାଭାରତ) : କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସହର ସ୍ଥିତ ଟାଉନ ହଲ ଠାରେ ଭାରତ ସରକାରଙ୍କ ନିତି ଆୟୋଗ ଦ୍ୱାରା ନିର୍ଦ୍ଧାରିତ ସମ୍ପୂର୍ଣତା ଅଭିଯାନ ୨.୦ କଳାହାଣ୍ଡି ଜିଲ୍ଲାପାଳ ପାଓ୍ୱାର ସଚିନ ପ୍ରକାଶଙ୍କ ଦ୍ୱାରା ଶୁଭାରମ୍ଭ ହୋଇଥିଲା । ଏଥିରେ ଯୋଗଦେଇ ଜିଲ୍ଲାପାଳ କହିଥିଲେ ଯେ ଜାନୁଆରୀ ୨୮ ରୁ ୧୪ ଏପ୍ରିଲ ପର୍ଯ୍ୟନ୍ତ ଚାଲୁଥିବା ଏହି କାର୍ଯ୍ୟକ୍ରମ କୁ ସଫଳ ରୂପାୟନ ତଥା ରାଜ୍ୟ ରେ କଳାହାଣ୍ଡି ଜିଲ୍ଲାକୁ ଏକ ଅଗ୍ରଣୀ ଜିଲ୍ଲା ଭାବେ ଗଢି ତୋଳିବା ପାଇଁ ଜିଲ୍ଲା ଓ ବ୍ଲକ କର୍ମଚାରୀ ମାନଙ୍କୁ ପରାମର୍ଶ ଦେଇଥିଲେ ଓ ନିତି ଆୟୋଗ ଦ୍ୱାରା ନିର୍ଦ୍ଧାରିତ ସମୁଦାୟ ୧୧ ଟି ସୁଚକାଙ୍କ କୁ ୨୮ ରୁ ୧୪ ଏପ୍ରିଲ ମଧ୍ୟରେ ଶତପ୍ରତିଶତ ହାସଲ କରିବା ପାଇଁ ଏକ ଶପଥ ପାଠ ମଧ କରାଯାଇଥିଲା ଓ ଏହି ଅଭିଯାନ ଜିଲ୍ଲା ତଥା ଥୁଆମୂଳ ରାମପୁର ଓ ମଦନପୁର ରାମପୁର ରେ ୨୮ ଜାନୁୟାରି ରୁ ୧୪ ଏପ୍ରିଲ ଯାଏ ପାଳନ କରାଯିବ ।ଏଥିରେ ବିଭିନ୍ନ ପ୍ରକାରର ଦୈନିକ ଉତ୍ସବ ପାଳନ କରାଯିବ ପାଇଁ ନିର୍ଧାରଣ କରାଯାଇଛି ଓ ଏଥିରେ ଶିଶୁଙ୍କ ପାଇଁ ପୁଷ୍ଟିକର ଖାଦ୍ୟ, ପଶୁଙ୍କୁ ଟୀକାକରଣ, ସ୍କୁଲରେ ବାଳିକା ମାନଙ୍କୁ ସ୍ୱଚ୍ଛ ଓ ପରିଷ୍କାର ଶୌଚାଳର ସୁବିଧା, ସୁସ୍ଥ ଶିଶୁ ଙ୍କ ଓଜନ ମାପ, ଗ୍ରାମ ସ୍ୱାସ୍ଥ୍ୟ ଓ ପୋଷଣ ଦିନ ପାଳନ, ଟି.ବି ରୋଗୀ ଚିହ୍ନଟ କରଣ, ସମସ୍ତ ଅଙ୍ଗନବାଡି କେନ୍ଦ୍ରରେ ପାନୀୟ ଜଳର ସୁବିଧା, ସମସ୍ତ ଅଙ୍ଗନବାଡି କେନ୍ଦ୍ରରେ ସ୍ୱଚ୍ଛ ଓ ପରିଷ୍କାର ଶୌଚାଳୟର ସୁବିଧା, ଶିଶୁଙ୍କ ସଠିକ ଓଜନ ମାପ କୁ ନେଇ ୫ ଟି ଷ୍ଟଲ ପ୍ରଦର୍ଶିତ କରାଯାଇଥିଲା ଓ ଜିଲ୍ଲା ଯୋଜନା ଓ ସଂଯୋଜନା ବିଭାଗ ର ଉପନିର୍ଦ୍ଦେଶକ ଶ୍ରୀକାନ୍ତ ଦଳେଇ କାର ?୍ୟକ୍ରମ ପରିଚାଳନା ଓ ଧନ୍ୟବାଦ ଦେଇଥିଲେ । ଏଥିରେ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ହରେକୃଷ୍ଣ ଶତପଥୀ, ଜିଲ୍ଲା ମୁଖ୍ୟ ସମାଜ ମଙ୍ଗଳ ଅଧିକାରୀ ମୁଜିବୁନ ନିଶା, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକତ୍ସା ଅଧିକାରୀ ଡାକ୍ତର ନିରଦ ଚନ୍ଦ୍ର କହଁର ଓ ଜିଲ୍ଲା ଅତିରିକ୍ତ ଶିକ୍ଷା ଅଧିକାରୀ ତପିମଣି ଜାନି ପ୍ରମୁଖ ଯୋଗଦେଇଥିଲେ ଓ ଅନ୍ୟ ମାନଙ୍କ ମଧ୍ୟରେ ବ୍ଲକ ସ୍ତରୀୟ ସମସ୍ତ ଆଶା , ଅଙ୍ଗନବାଡି କର୍ମୀ, ନର୍ସ ପ୍ରମୁଖ ଯୋଗଦାନ କରିଥିଲେ। ଜିଲ୍ଲା ଯୋଜନା ଓ ସଂଯୋଜନା କାର ?୍ୟାଳୟର ସହକାରୀ ନିର୍ଦ୍ଦେଶକ ,କାର୍ତିକ ପଧାନ, ପ୍ରଭାମୟ ମିଶ୍ର, ନରେନ୍ଦ୍ର ନାଏକ ଓ ରାଜେନ୍ଦ୍ର ନାରାୟଣ ମାଝି ପ୍ରମୁଖ ଏଥିରେ ସହଯୋଗ କରିଥିଲେ। ଶିକ୍ଷାବିତ ଡ. ଉମେଶ ଚନ୍ଦ୍ର ଶତପଥି ମଞ୍ଚ ପରିଚାଳନା କରିଥିଲେ ।

# ଜୁନାଗଡ଼ ବ୍ଲକର କ୍ରୀଡା ସାମଗ୍ରୀ କ୍ରୟ ତଦନ୍ତ ୬ ମାସ ପରେ ମଧ ନିରବତା, ଜନମନରେ ପ୍ରଶ୍ନ ?

ଜୁନାଗଡ଼, (ମହାଭାରତ): କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକରେ ପୂର୍ବ ସରକାର ସମୟରେ ଆର୍ଥିକ ବର୍ଷ ୨୦୨୩-୨୪ ମସିହାରେ "ଆମ ଓଡ଼ିଶା-ନବୀନ ଓଡ଼ିଶା" ପ୍ରକଳ୍ପ ଅଧୀନରେ ପ୍ରତ୍ୟେକ ଗ୍ରାମ ପଞ୍ଚାୟତକୁ କ୍ରୀଡା ସାମଗ୍ରୀ କ୍ରୟ ପାଇଁ ୨ ଲକ୍ଷ ୫୦ ହଜାର ଟଙ୍କା ସରକାରୀ ଅନୁଦାନ ମଞ୍ଜୁର ହୋଇଥିଲା। ଏହି ପ୍ରକଳ୍ପଗୁଡ଼ିକର ଧୁମ୍ଧାମରେ ଉଦ୍‌ଘାଟନ ସହ କାର୍ଯ୍ୟାନ୍ୱୟନ ମଧ ହୋଇଥିବା ଦେଖାଯାଇଥିଲା।କିନ୍ତୁ ରାଜ୍ୟରେ ସରକାର ପରିବର୍ତ୍ତନ ପରେ ଜୁନାଗଡ଼ ବ୍ଲକର କ୍ରୀଡା ସାମଗ୍ରୀ କ୍ରୟକୁ ନେଇ କିଛି ଅଭିଯୋଗ ସାମ୍ନାକୁ ଆସିଥିଲା। ସେହି ଅଭିଯୋଗ ଆଧାରରେ ଭବାନୀପାଟଣା ଭିଜିଲାନ୍ସ ଟିମ୍ ଦୁଇ ଦିନ ଧରି ଜୁନାଗଡ଼ ବ୍ଲକରେ ତଦନ୍ତ କରିଥିଲା। ତଦନ୍ତ ସମୟରେ କ୍ରୀଡା ସାମଗ୍ରୀ କ୍ରୟ ସଂପର୍କିତ ବିଲ୍, ଭାଉଚର, ଦସ୍ତାବେଜ ଓ ଅନ୍ୟାନ୍ୟ ତଥ୍ୟ ସଂଗ୍ରହ କରାଯାଇଥିବା କଥା ଆଲୋଚନାରେ ଥିଲା। ସୂତ୍ର ଅନୁସାରେ, ଜୁନାଗଡ଼ ବ୍ଲକର ୩୪ଟି ଗ୍ରାମ ପଞ୍ଚାୟତ ମଧ୍ୟରୁ କେବଳ କିଛି ପଞ୍ଚାୟତରେ ମାତ୍ର କ୍ରୀଡା ସାମଗ୍ରୀ କ୍ରୟ ସମ୍ପର୍କିତ ତଥ୍ୟ ଯାଞ୍ଚ କରାଯାଇଥିଲା। ରେକର୍ଡ ଅନୁସାରେ ପ୍ରତ୍ୟେକ ପଞ୍ଚାୟତକୁ ୨ ଲକ୍ଷ ୫୦ ହଜାର ଟଙ୍କା ଅନୁଦାନ ମିଳିଥିବା କଥା ଉଲ୍ଲେଖ ରହିଛି,ଅଭିଯୋଗ ଅନୁଯାୟୀ, କିଛି ସ୍ଥାନରେ ବଣ୍ଟନ ହୋଇଥିବା କ୍ରୀଡା ସାମଗ୍ରୀର ଗୁଣମାନ




ଓ ଦର ନେଇ ସନ୍ଦେହ ପ୍ରକାଶ ପାଇଥିଲା। ଏହା ସହ କିଛି ସାମଗ୍ରୀ ଓଡ଼ିଶା ବାହାରେ ରାୟପୁରରେ ଏକ ବ୍ୟବସାୟିକ ପ୍ରତିଷ୍ଠାନରୁ କ୍ରୟ କରାଯାଇଥିବା ବିଷୟରେ ମଧ ତଦନ୍ତ ସମୟରେ ପ୍ରଶ୍ନ ଉଠିଥିବା କଥା ସୂତ୍ରରୁ ଜଣାପଡ଼ିଛି। ତେବେ ଏହି ସମସ୍ତ ତଥ୍ୟ ତଦନ୍ତାଧୀନ ଥିବାରୁ, ସରକାରୀ ଘୋଷଣା ପୂର୍ବରୁ କୌଣସି ନିଷ୍କର୍ଷକୁ ପହଞ୍ଚିବା ଉଚିତ୍ ନୁହେଁ ବୋଲି ସଚେତନ ମହଲର ମତ।ଏହି ଅଭିଯୋଗ ଆଧାରରେ କଳାହାଣ୍ଡି ଭିଜିଲାନ୍ସ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ତଦନ୍ତ ଆରମ୍ଭ କରାଯାଇଥିବା କଥା ମଧ ଆଲୋଚନାରେ ରହିଛି। ତେବେ ତଦନ୍ତ ଆରମ୍ଭ ହେବାର ପ୍ରାୟ ୬ ମାସ ବିତିଗଲା ସତ୍ତ୍ୱେ ତଦନ୍ତର ସ୍ଥିତି, ରିପୋର୍ଟ କିମ୍ବା ପରବର୍ତ୍ତୀ ପଦକ୍ଷେପ ସମ୍ପର୍କରେ ସାର୍ବଜନିକ ଭାବେ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ।ଏହାକୁ ନେଇ ସାଧାରଣ ଲୋକମାନଙ୍କ ମଧ୍ୟରେ ସ୍ୱାଭାବିକ ଭାବେ ପ୍ରଶ୍ନ ଉଠୁଛି ତଦନ୍ତ ପ୍ରକ୍ରିୟା କେଉଁ ପର୍ଯ୍ୟାୟରେ ଅଛି ?ତଦନ୍ତ ଶେଷ ହୋଇଥିଲେ ରିପୋର୍ଟ କେବେ ପ୍ରକାଶ ପାଇବ ?ଯଦି କୌଣସି ଅନିୟମିତତା ପ୍ରମାଣିତ ହୁଏ, ତେବେ କାର୍ଯ୍ୟାନୁଷ୍ଠାନ କେବେ ହେବ ? ନା ଉପର ମହଲରେ ଗାନ୍ଧୀ ପ୍ରେମରେ ଛନ୍ଦି ହୋଇଛି ବୋଲି ଅଞ୍ଚଳବାସୀ କୋଣ ଅନୁକୋଣରେ ଚର୍ଚ୍ଚା ଜୋର ଧରିଛି ।ସରକାରୀ ଅନୁଦାନର ସଠିକ୍ ବ୍ୟବହାର ସହ ଏହି ପ୍ରସଙ୍ଗ ସଂପୃକ୍ତ ଥିବାରୁ, ତଦନ୍ତ ସମ୍ପୂର୍ଣ୍ଣ ହେବା ପରେ ସରକାରୀ ଭାବେ ସ୍ପଷ୍ଟ ରିପୋର୍ଟ ପ୍ରକାଶ ହେବା ଅତ୍ୟନ୍ତ ଆବଶ୍ୟକ ବୋଲି ବୁଦ୍ଧିଜିବୀ ମହଲରେ ମତ ପ୍ରକାଶ ପାଉଛି।

## ସିଆଇଏସଏଫ ପକ୍ଷରୁ ବନ୍ଦେ ମାତରମ୍ ତଟୀୟ ସାଇକେଲ ଶୋଭାଯାତ୍ରା




ପାରାଦୀପ, (ମହାଭାରତ) : ତଟୀୟ ସୁରକ୍ଷା, ପରିବେଶ ସୁରକ୍ଷା ସଚେତନତା ଓ ଜାତୀୟ ସଂଘତୀ ବଜାୟ ରଖିବାର ବାର୍ତ୍ତା ନେଇ କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବାହିନୀ (ସିଆଇଏସଏଫ) ପକ୍ଷରୁ ଏକ ସାଇକେଲ ଶୋଭାଯାତ୍ରାକାରୀ ଦଳ ପାରାଦୀପ ବନ୍ଦରରେ ପହଂଚିଥିଲେ । ବନ୍ଦେ ମାତରମ୍ ସଙ୍ଗୀତ ଗାନ୍‌ର ୧୫୦ ବର୍ଷ ପୂର୍ତ୍ତୀ ଅବସରରେ ଏହି ସାଇକେଲ୍ ଶୋଭାଯାତ୍ରାର ଆୟୋଜନ କରାଯାଇଛି। ପଶ୍ଚିମବଙ୍ଗର ବଖାଲି ବିଚ୍‌ରୁ ଆରମ୍ଭ ହୋଇଥିବା ଏହି ସାଇକେଲ୍ ଶୋଭାଯାତ୍ରା ଚଳିତ ମାସ ୨୨ ତାରିଖରେ ଉଦଯାପିତ ହେବ । ପଶ୍ଚିମବଙ୍ଗ, ଓଡିଶା, ଆନ୍ଧ୍ର ପ୍ରଦେଶ, ତାମିଲନାଡୁ, ଅତିକ୍ରମ କରି ଏହା କେରଳର କୋଚିନ୍‌ରେ ପୂର୍ଣ୍ଣାଙ୍ଗ ହେବ । ସୋମବାର ସକାଳେ ପୂର୍ବତଟ ଟିମ୍‌କୁ କୋଣାର୍କ ଯିବା ପୂର୍ବରୁ ପାରାଦୀପ ସମୁଦ୍ର ବେଳାଭୂମିରେ ସ୍ୱାଗତ କରାଯାଇଥିଲା । ଏହି ଅବସରରେ ଆୟୋଜିତ ସ୍ୱାଗତ ସମାରୋହରେ ପାରାଦୀପ ବନ୍ଦର ଅଧକ୍ଷ ପି.ଏଲ.ହରନାଦ ଅଭିଯାତ୍ରୀ ଦଳକୁ ସ୍ୱାଗତ କରିଥିଲେ। ଏହି ସମାରୋହରେ ତଟରକ୍ଷୀ ବାହିନୀ ଡିଆଇଜି ସଂଜୟ ନେଗୀ, ପାରାଦୀପ ବନ୍ଦର ଟ୍ରାଫିକ ଉପଦେଷ୍ଟା ଏ.କେ.ବୋଷ, ପିପିଏଲ୍ ୟୁନିଟ୍ ହେଡ୍ ପଲାନିସ୍ୱାମୀ ଭେଲୁସ୍ୱାମୀ ଯୋଗ ଦେଇ ଅଭିଯାତ୍ରୀ ଦଳକୁ ସ୍ୱାଗତ କରିବା ସହିତ ଆଗାମୀ ଯାତ୍ରା ପାଇଁ ଶୁଭେଚ୍ଛା ଜଣାଇଥିଲେ । କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ସିଆଇଏସଏଫ କମାଣ୍ଡାଣ୍ଟ ସନତ କୁମାର ପଟେଲ । ଏହି ପୂର୍ବତଟ ଟିମ୍‌କୁ ଉତ୍ସାହିତ କରିବା ପାଇଁ ପାରାଦୀପ ସମୁଦ୍ରକୂଳରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।

## ଭାରତ ରଙ୍ଗ ମହୋତ୍ସବ-୨୦୨୬ ଉଦଘାଟିତ



ପାରାଦୀପ, (ମହାଭାରତ) : ଭାରତୀୟ ନାଟ ବିଦ୍ୟାଳୟ ପକ୍ଷରୁ ପାରାଦୀପ ବନ୍ଦର ପ୍ରାଧିକରଣ ଏବଂ କାନମାସ୍ ମିଳିତ ସହଯୋଗରେ ପାରାଦୀପଟାରେ ସୋମବାର ଦିନ ସଂନ୍ଧ୍ୟାରେ ଭାରତ ରଙ୍ଗ ମହୋତ୍ସବ-୨୦୨୬ ଉଦଘାଟିତ ହୋଇଯାଇଛି । ଉଦଘାଟନୀ ସଂନ୍ଧ୍ୟାରେ ଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ କେ, ଶ୍ରୀନିବାସ ରାଓ, ଗଳ୍ପିକ ତଥା ସ୍ତମ୍ଭକାର ଗୌରହରି ଦାସ, ପ୍ରତିଷ୍ଠିତ ଓଡିଆ ସିନେ ତାରକା ସମରେଶ ରାଉତରାୟ, ପାରାଦୀପ ବନ୍ଦର ସଚୀବ କ୍ରିଷ୍ଣା ବାପିରାଜୁ, ପାରାଦୀପ ରିଫାଇନାରୀ ୟୁନିଟ୍ ହେଡ୍ କୌଶିକ ବସୁ ଯୋଗ ଦେଇଥିଲେ । ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ କାନମାସ୍ ସମ୍ପାଦକ ଶ୍ରୀମନ ନାରାୟଣ ମିଶ୍ର । ପୌରହିତ୍ୟ କରିଥିଲେ କାନମାସ ସଭାପତି କ୍ୟାପଟେନ୍ ଅତୁଲ୍ୟ କୁମାର ମହାପାତ୍ର । ଧନ୍ୟବାଦ ଅର୍ପଣ କରିଥିଲେ ବରିଷ୍ଠ ସଦସ୍ୟ ସୁଶୀଲ କୁମାର ନାହାକ । ଉଦଘାଟନୀ ସମାରୋହ ପରେ ମଂଚସ୍ଥ ହୋଇଥିଲା ନାଟକ ଜମ୍ପ । ମହାରାଷ୍ଟ୍ର ମୁମ୍ବାଇର ନାଟ୍ୟ ସଂସ୍ଥା କଲେକ୍ଟିଭ୍ ମ୍ୟାଡନେସ୍ ଷ୍ଟୁଡିଓ ଦ୍ୱାରା ପରିବେଶିତ ହୋଇଥିଲା ଏହି ନାଟକ । ନାଟକଟିକୁ ରଚନା ଓ ନିର୍ଦ୍ଦେଶନା ଦେଇଥିଲେ ମନୀଶ ବର୍ମା । ନାଟକ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଦର୍ଶକମାନେ ଉତ୍କଣ୍ଠାର ସହିତ ନାଟକକୁ ଉପଭୋଗ କରିଥିଲେ ।

## ଅଢାପତି ବାଲି ଘାଟରୁ ଚୋରା ବାଲି ଚାଲାଣ

ତିର୍ତୋଲ, (ମହାଭାରତ) : ଅଢାପତି ବାଲି ଘାଟରୁ ଚୋରା ବାଲି ଚାଲାଣ। ଫେକ ଟି ପି ଦେଇ ଚାଲାଣ ହେଉଛି ବାଲି । ଅଧିକାରୀ ଙ୍କ ଭୂମିକାକୁ ନେଇ ଉଠୁଛି ପ୍ରଶ୍ନ? ତିର୍ତୋଲ ଲୁଚି ଛି ନା ଗୋଡ଼ ଦିଟା ଦିଶୁଛି ନୀତିରେ ତିର୍ତୋଲ ଅଂଚଳ ରୁ ରାତ୍ରି ରେ ବାଲି ଚୋରା ଚାଲାଣ ହେଉଥିବା ଜଣାପଡିଛି ଖବର ନେବାରୁ ଜଣା ପଡିଛି ଯେ ତିର୍ତୋଲ ବ୍ଲକ ଆମ୍ରେରୀ ପଂଚାୟତ ପାଇକା ନଦୀରୁ ରାତି ସାରା ବାଲି ଚୋରା ଚାଲାଣ କରାଯାଇ ପଡୋଶୀ କେନ୍ଦ୍ରାପଡା ଜିଲ୍ଲା କୁ ଚାଲାଣ ହେଉଥିବା ଜଣାପଡିଛି । ଜଗତସିଂହପୁର ଜିଲ୍ଲା ଖଣି ଅଧିକାରୀ କେହି ନଥିବାରୁ ଜଣେ କନିଷ୍ଠ ଖଣି ଅଧିକାରୀ ଜିତେନ୍ଦ୍ର ଦାସ କାଯ୍ୟ କରୁ ଛନ୍ତି । ବର୍ତ୍ତ ମାନ କନିଷ୍ଠ ଖଣି ଅଧିକାରୀ ଛୁଟିରେ ଥିବାରୁ ଖଣି ବିଭାଗରେ ତାଲା ପଡିଛି ଏହାର ସୁଯୋଗ ବାଲି ଚୋରା ଚାଲାଣ କାରି ମାନେ ପାଇ କା ନଦୀ ଅଢାପତି ଘାଟରୁ ବାଲି ଚୋରାରେ ଚାଲାଣ କରା ଯାଉଥିବା ଦେଖିବାକୁ ମିଳିଛି କାହା ଇଂଗିତରେ ଅଢାପତି ବାଲି ଘାଟରୁ ବାଲି ଉଠୁଛି ଜିଲ୍ଲା ପ୍ରଶାସନ କରୁଛନ୍ତି କଣ ଅଢାପତି ବାଲି ଘାଟରୁ ବାଲି ଉଠାଇବା ପାଇଁ ଜିଲ୍ଲା ଖଣି ବିଭାଗ ଅନୁମତି ଦେଇ ଛନ୍ତି କି? ଅଢାପତି ବାଲିଘାଟରେ ସୂଚନା ବୋଡ଼ ମରା ଯାଇ ନାହିଁ ବାଲି ଘାଟ କାହା ନାମରେ ନିଲାମ ରହିଛି ଦିନକୁ କେତେ ବାଲି ଉଠା ଯାଇ ପାରିବ ପ୍ରଦୂଷଣ ଅନୁମତି ଅଛି ନା ନାହିଁ ତାହା ଜଣା ପଡୁନାହିଁ । ଅଢାପତି ବାଲି ଘାଟରୁ ଗତ କାଲି ବାଲି ଉଠାଇବା ପାଇଁ ଖଣି ବିଭାଗ କେତୋଟି ଟି ପି ପ୍ରଦାନ କରା ଯାଇଛି ତାହା ଖଣି ବିଭାଗ ପାଖରେ ନାହିଁ ଯେ ହେତୁ ଖଣି ବିଭାଗରେ କେହି ଅଧିକାରୀ ନାହାନ୍ତି । ଅଢାପତି ବାଲି ଘାଟ ପାଇଁ ଟି ପି କାଟିଲା କିଏ ଏଥିରୁ ଜଣା ପଡ଼ିଛୁ ଯେ ବାଲି ଘାଟ ଲୋକ ଦେଖାଉ ଥିବା ଟି ପି ନକଲି । ଏହାକୁ କଣ ଜିଲ୍ଲା ପ୍ରଶାସନ ଜାଣି ପାରୁନାହିଁ ନା ସବୁ ଜାଣି କିଛି ନ ଜାଣି ବାର ଅଭିନୟ କରୁଛନ୍ତି । ଯାଜପୁରରେ ଥିବା ଖଣି ବିଭାଗ ର ଉପ ନିର୍ଦ୍ଦେଶକଙ୍କୁ ଯୋଗାଯୋଗ କରିବାରୁ ଜଣା ପଡିଛି ଯେ ତିର୍ତୋଲରେ କୌଣସି ବାଲିଘାଟରୁ ବାଲି ଉଠାଇବା ପାଇଁ ଖଣି ବିଭାଗ ନିର୍ଦ୍ଦେଶ ପ୍ରଦାନ କରାଯାଇ ନାହିଁ । ଯେ ହେତୁ ଜଗତସିଂହପୁର ଜିଲ୍ଲା କନିଷ୍ଠ ଖଣି ଅଧିକାରୀ ଛୁଟିରେ ଅଛନ୍ତି ସେଥିପାଇଁ ତିର୍ତୋଲ ଅଞ୍ଚଳ ଥିବା କୌଣସି ବାଲିଘାଟ ଚାଲୁ ନାହିଁ। ସେହି ପାରି ଜଗତସିଂହପୁର ଉପ ଜିଲ୍ଲାପାଳ ପ୍ରଶାନ୍ତ ତରାଇଙ୍କ ସହିତ ଯୋଗାଯୋଗ ନ ହେବାରୁ ତାଙ୍କ ମତାମତ ମିଳି ପାରି ନାହିଁ।

## ରାଇଘରରେ ଗୋଣ୍ଡୀ ଭାଷା ଦିବସ ପାଳିତ

ରାଇଘର, (ମହାଭାରତ) : ରାଇଘର ଗୋଣ୍ଡଓ୍ୱାନା ଭବନ ପରିସରରେ ରାଣୀ ଦୁର୍ଗାବତୀ ଚାରିଟେବଲ ଟ୍ରଷ୍ଟର ତତ୍ତ୍ୱାବଧାନରେ ଗୋଣ୍ଡୀ ସାହିତ୍ୟ ଏକାଡେମୀ, ରାଇଘର ପକ୍ଷରୁ ଗୋଣ୍ଡୀ ଭାଷା ଦିବସ ପାଳନ କରାଗଲା । ଏହି ଅବସରରେ ପେନ୍‌ବାସୀ ମତୀ ରାଓ୍ୱାନ କୋଙ୍ଗାଲୀଜୀଙ୍କ ଜନ୍ମଜୟନ୍ତୀ (ଫେବୃଆରୀ ୨) କୁ ଗୋଣ୍ଡୀ ଭାଷା ଦିବସ ଭାବେ ପାଳନ କରାଯାଇଥିଲା। କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ଥିଲା ଗୋଣ୍ଡୀ ଭାଷା ଓ ଲିପିର ସୁରକ୍ଷା, ସଂସ୍କୃତି ଓ ପରମ୍ପରାର ସଂରକ୍ଷଣ ସହିତ ଏହାର ପ୍ରଚାର-ପ୍ରସାର କରିବା।ବକ୍ତାମାନେ ନିଜ ମତାମତ ରଖି କହିଥିଲେ ଯେ ମାତୃଭାଷା ହେଉଛି ମଣିଷର ପରିଚୟ ଓ ସଂସ୍କୃତିର ମୂଳ ଆଧାର। ମାତୃଭାଷା ମଣିଷଙ୍କୁ ନିଜ ଭାବନା ଓ ଚିନ୍ତାକୁ ସହଜରେ ପ୍ରକାଶ କରିବାର ସୁଯୋଗ ଦେଇଥାଏ। ଭାଷା ଓ ଲିପି ସମାଜର ଆତ୍ମପରିଚୟ ହେଉଥିବାରୁ ଏହାକୁ ସୁରକ୍ଷିତ ରଖିବା ସମସ୍ତଙ୍କ ସାମୁହିକ ଦାୟିତ୍ୱ ବୋଲି ସେମାନେ ଉଲ୍ଲେଖ କରିଥିଲେ।ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ଗୋଣ୍ଡୀ ଭାଷାର ଗୁରୁତ୍ୱ ଉପରେ ଆଲୋକପାତ କରି ଯୁବପିଢ଼ୀଙ୍କୁ ନିଜ ମାତୃଭାଷାକୁ ଅପନାଇ ଏହାର ସୁରକ୍ଷା ଓ ବିକାଶ ପାଇଁ ଆଗେଇ ଆସିବାକୁ ଆହ୍ୱାନ କରିଥିଲେ। ସମଗ୍ର କାର୍ଯ୍ୟକ୍ରମଟି ସୁସଂଗଠିତ ଓ ସଫଳ ଭାବେ ସମାପ୍ତ ହୋଇଥିଲା।

## ଜଳ ସଂରକ୍ଷଣ ଓ ସଚେ୍‌ତନତା କାର୍ଯ୍ୟକ୍ରମ

କପ୍ତିପଦା, ମହାଭାରତ) : ଶନିବାର ଦିନ ରାଣୀପୋଖରୀ ବିଦ୍ୟାଳୟର ଇକୋ କ୍ଲବ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଗ୍ରାମଜଳାଶୟ ଚ୍ତୁର୍ପାଶ୍ ସଫେଇ ଓ ଦୃକ୍ଷାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉରଝ ଆନୁକୂଲ୍ୟରେ ଏହି ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଗ୍ରୀଷ୍ମରତୁ ର ଜଳାଶୟଗୁଡିକର ସଂରକ୍ଷଣ ଓ ଉପଯୁକ୍ତ ରକ୍ଷଣାବେକ୍ଷଣ ପାଇଁ ପୋଖରୀ ଚତୁପାର୍ଶ୍ୱରେ ଆମ୍ବ, ସପେଟା,ପିଜୁଳି, କରମଙ୍ଗା, ଲେମ୍ବୁ, ବରକୋଳି ଗଛ ଲଗାଇ ବାଡ଼ ଦେଇ ସୁରକ୍ଷିତ କରି ଗ୍ରାମବାସୀଙ୍କୁ ଏଗୁଡ଼ିକର ଭବିଷ୍ୟତ ରକ୍ଷଣାବେକ୍ଷଣ ପାଇଁ ହସ୍ତାନ୍ତର କରାଯାଇଥିଲା । ଗ୍ରାମବାସୀ ଙ୍କ ସହାୟତାରେ ପୋଖରୀରୁ ଅଳିଆ ଆବର୍ଜନା ସଫା କରାଯାଇଥିଲା. ବର୍ଜ୍ୟବସ୍ତୁ ପାଇଁ ଦୁଇଟି ଆବର୍ଜନା କୁଣ୍ଡ ପୋଖରୀ ହୁଡ଼ାରେ ରଖାଯାଇଥିଲା ଅଳିଆ କୁ ଏଣେ ତେଣେ ନ ଫୋପାଡ଼ି କୁଣ୍ଡ କୁ ବ୍ୟବହାର କରିବାକୁ ଅନୁରୋଧ କର। ଯାଇଥିଲା। ଏହି ଅବସରରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲ। ଏଥିରେ ୬୦ ଜଣ ଛାତ୍ରଛାତ୍ରୀ,୧୬ ଜଣ ଶିକ୍ଷକଶିକ୍ଷୟତ୍ରୀ ଓ ୨୦ ଜଣ ଗ୍ରାମବାସୀ ଅଂଶଗ୍ରହଣ କରିଥିଲେ। ଇକୋ କ୍ଲବ ଶିକ୍ଷକ ଶ୍ରୀ ଦେବାଶିଷ ସେଠୀ ଓ ଶକ୍ତିକ୍ଲବ ଶିକ୍ଷାକ ଲକ୍ଷ୍ମୀକାନ୍ତ ପାତ୍ରଙ୍କ ନେତୃତ୍ୱରେ ସମସ୍ତ କାର୍ଯ୍ୟକ୍ରମ ସୁରୁଖୁରୁରେ ସମ୍ପନ୍ନ ହୋଇଥିଲା ସ୍ଲୋଗାନ ପ୍ରସ୍ତୁତି ରେ ଗୀତାଞ୍ଜଳୀ ସିଂ ଚିତ୍ରାଙ୍କନରେ ସୁଶ୍ରୀ ରେବତୀ ସିଂହ, ରାଲିରେ ସଂଜୀବ କୁମାର ବାରିକ, ରଘୁନାଥ ନାୟକ, ନିତ୍ୟାନନ୍ଦ ମିଶ୍ର ଓ ମହେନ୍ଦ୍ର ଟୁଡୁ ସହାୟତା ପ୍ରଦାନ କରିଥିଲେ। ଡକୁମେଣ୍ଟ ପ୍ରସ୍ତୁତିରେ ବିଦ୍ୟାଧର ଦାସ ଏବଂ ଖାଦ୍ୟ ବଣ୍ଟନରେ ଶ୍ରୀ ଅଜୟ କୁମାର ନାୟକ ସାହାଯ୍ୟ କରିଥିଲେ। ପ୍ରଧାନଶିକ୍ଷୟତ୍ରୀ କୁନ୍ତଳା ମହାନ୍ତି ଜଳର ମହତ୍ୱ ଏବଂ ଏହାର ସଂରକ୍ଷଣ ପାଇଁ ପଦକ୍ଷେପ ଗୁଡିକ ସଂପର୍କରେ ସଚେତନ କରାଇବା ଆମର କର୍ତ୍ତବ୍ୟ ବୋଲି ପିଲାମାନଙ୍କୁ ଉପଦେଶ ଦେଇଥିଲେ। ଶେଷରେ ଶ୍ରୀଯୁକ୍ତ ସୁନା ସିଂ ଗ୍ରାମବାସୀ ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଦିଗାପୁର ପଞ୍ଚାୟତ ରେ ବଢ଼ି ଚାଲିଛି ଅସନ୍ତୋଷ, ଉନ୍ନୟନ ମୂଳକ କାର୍ଯ୍ୟ ସବୁ ଠପ୍: ଆଗାମୀ ଦିନରେ ପଞ୍ଚାୟତରେ ତାଲା ପକାଇବାକୁ ଚାଲିଛି ପ୍ରସ୍ତୁତି

କୁନ୍ଦୁରା, ( ମହାଭାରତ) : କୋରାପୁଟ ଜିଲ୍ଲା କୁନ୍ଦୁରା ବ୍ଲକ ଦିଗାପୁର ପଞ୍ଚାୟତ ରେ ଗତ ଜାନୁଆରୀ ୨୬ ସାଧାରଣତନ୍ତ୍ର ଦିବସ ଗ୍ରାମସଭା ବୈଠକ ଦିନ ଠାରୁ ଲାଗିରହିଛି ଜନ ଅସନ୍ତୋଷ କ୍ଷ ସେହି ଜନ ଅସନ୍ତୋଷ ର ମୁଖ୍ୟ କାରଣ ହେଉଛି - ଦିଗାପୁର ଏଡ଼ିଓ ଙ୍କ ବଦଳୀ ଏବଂ ଉନ୍ନୟନ ମୁଳକ କାର୍ଯ୍ୟ ର ତ୍ୱରାନ୍ୱିତ ଏବଂ ଗତ ୪-୬ ମାସ ହେବ ସମ୍ପୂର୍ଣ୍ଣ ହୋଇଯାଇଥିବା କାର୍ଯ୍ୟ ର ବିଲ୍ ହେଉନଥିବା କୁ ନେଇ କ୍ଷ ସାଧାରଣତନ୍ତ୍ର ଦିବସ ଦିନ ଗ୍ରାମ ସଭା ବୈଠକ ରେ ଯେଉଁ ଜନ ଅସନ୍ତୋଷ ଆରମ୍ଭ ହୋଇଥିଲା ତାର ସମାଧାନ ପାଇଁ ଗ୍ରାମ ସଭା ରେ ସରପୋଞ୍ଚ - ନୀଳା ନାୟକ ଓ ସମିତି ସଭ୍ୟ - ଗୁପ୍ତ ଅଡାରୀ, ନାଏବ ସରପୋଞ୍ଚ - ସଦନ ହରିଜନ ଏବଂ ଉପସ୍ଥିତ ପଞ୍ଚାୟତ ର ବରିଷ୍ଠ ନାଗରିକ ଙ୍କ ଦ୍ୱାରା ଗ୍ରାମ ସଭାରେ ମଞ୍ଜୁର କରି ଏଡ଼ିଓ ଙ୍କୁ ଦିଗାପୁର ପଞ୍ଚାୟତ ରୁ ତୁରନ୍ତ ବଦଳୀ କରିବା ପାଇଁ ରେଜୁଲେସନ୍ କରି କୁନ୍ଦୁରା ବିଡ଼ିଓ ପି. ମାନସ୍ମିତା ଙ୍କୁ ଦେଇଥିଲେ । ଅନ୍ୟ ସମସ୍ୟା ଗୁଡିକର ସମାଧାନ ପାଇଁ ଫେବୃଆରୀ ମାସ ର




୨ ତାରିଖ ଦିନ ଏକ ଜରୁରୀ ବୈଠକ ଦିଗାପୁର ସରପୋଞ୍ଚ ଡାକିଥିଲେ। ଉକ୍ତ ବୈଠକ ରେ ସ୍ଥାନୀୟ ବରିଷ୍ଠ ନେତୃବୃନ୍ଦ, ପଞ୍ଚାୟତ କର୍ତୃପକ୍ଷ, ଜେଇ ଓ ଏଇ ଆସିବେ, ଯାହା ସମସ୍ୟା ରହିଛି ସମସ୍ତେ ବସି ସମାଧାନ କରିବା ବୋଲି ସରପୋଞ୍ଚ ଏହି ବୈଠକ ଡାକିଥିଲେ କ୍ଷ ବୈଠକ ନିମନ୍ତେ ଦିଗାପୁର ପଞ୍ଚାୟତ ର ଅଧିକାଂଶ ସଦସ୍ୟ, ବରିଷ୍ଠ ନାଗରିକ ଏବଂ ସରପୋଞ୍ଚ, ସମିତି ସଭ୍ୟ,ଏଡ଼ିଓ, ପିଇଓ ଉପସ୍ଥିତ ରହିଥିବା ବେଳେ କୁନ୍ଦୁରା ବ୍ଲକ ଏଇ ଏବଂ ଜେଇ ଅନୁପସ୍ଥିତ ରହିଥିଲେ । ଅଫିସ ସମୟ ୧୦ ଠାରୁ ଅପରାହ୍ନ ୨.୩୦ ପର୍ଯ୍ୟନ୍ତ ଅପେକ୍ଷା କରିବା ପରେ ସମସ୍ତେ ବିରକ୍ତି ପ୍ରକାଶ କରିଥିଲେ। ଦିଗାପୁର ପଞ୍ଚାୟତ ଏକ ଶିକ୍ଷିତ ପଞ୍ଚାୟତ ହୋଇଥିବା ବେଳେ କୁନ୍ଦୁରା ବ୍ଲକ ର ୧୬ ଟି ପଞ୍ଚାୟତ ଭିତରେ ସବୁଠାରୁ ଅଧିକା ଅବହେଳିତ ଏବଂ କୋଣ ଠେସା ହୋଇ ରହିଛି । ମନରେଗା ଯଜନା କାର୍ଯ୍ୟ ରେ ହେଉ କିମ୍ବା ଅନ୍ୟ କୌଣସି ଯଜନା ମାଧ୍ୟମରେ ହେଉ ଯେଉଁ ପଞ୍ଚାୟତ ରେ ଅଧିକା ପି ସି ମିଳୁଛି ଏବଂ କାମ ରେ କେହି ତଦାରଖ / ହସ୍ତକ୍ଷେପ କରିବାକୁ ନାହିଁ ସେମିତି ପଞ୍ଚାୟତ ରେ କୋଟି କୋଟି ଟଙ୍କା ର ଯଜନା କାର୍ଯ୍ୟକରି କରାଯାଉଛି ।କ୍ଷ ବିଜେପି ସରକାର ଆସିଲେ ଗାଁ ଠାରୁ ପଞ୍ଚାୟତ ଏବଂ ବ୍ଲକ ସବୁଆଡେ ଉନ୍ନତି ହେବ, କଳାବଜାରୀ, ପିସି କାରବାର ଏବଂ ଅଫିସର ରାଜୁତି କମିବ ବୋଲି ଆଶା ବାନ୍ଧି ବିଜେପି କୁ ଭୋଟ ଦେଲୁ କିନ୍ତୁ ସବୁ ବେକାର ହେଲା। ସେଥିପାଇଁ ଅନ୍ୟ ରାସ୍ତା କିଛି ନାହିଁ ଏବେ ଦିଗାପୁର ପଞ୍ଚାୟତ ରେ ଅନିର୍ଦ୍ଧିଷ୍ଟ ସମୟ ପାଇଁ ତାଲା ପଡିବ, ବିଡ଼ିଓ, ଏଇ, ଯେଇ ଆସିବେ ଗତ ୨୦୨୩ ଠାରୁ ୨୦୨୬ ବର୍ତମାନ ସୁଦ୍ଧା ଦିଗାପୁର ପଞ୍ଚାୟତ ରେ କି କି ଯଜନା ରେ କାର୍ଯ୍ୟ ହୋଇଛି, କେତେ ଟଙ୍କା ବିଲ୍ ହୋଇଛି, କୋଉ ଯଜନା ରେ କାର୍ଯ୍ୟ ନହୋଇ ବିଲ୍ ହୋଇଛି, କିଏ କରିଛି ସବୁ ସୂଚନା ଦେବେ ତାପରେ ତାଲା ଖୋଲାଯିବ ବୋଲି ଆଜି ପଞ୍ଚାୟତ ରେ ଉପସ୍ଥିତ ରହିଥିବା ବରିଷ୍ଠ ନାଗରିକ ଓ ପଞ୍ଚାୟତ ବାସୀ ସୂଚନା ଦେଇଛନ୍ତି । ଏ ସବୁ ବିଷୟବସ୍ତୁ ଦେଖି ଏବଂ ଲୋକଙ୍କ ଭିତରେ ଅସନ୍ତୋଷ ବଢିବା ଦେଖି ଦିଗାପୁର ସରପୋଞ୍ଚ କୁନ୍ଦୁରା ବିଡ଼ିଓ ଙ୍କୁ ସୂଚନା ଦେଇଥିଲେ, ବିଡ଼ିଓ ସୂଚନା ପାଇବା ପରେ କିଛି ବ୍ୟବସ୍ଥା କରିବେ ଭାବି ଉପସ୍ଥିତ ଲୋକ ପ୍ରାୟ ୨ ଘଣ୍ଟା ଅପେକ୍ଷା କଲେ କିନ୍ତୁ ବିଡ଼ିଓ ଙ୍କ ପକ୍ଷରୁ କୌଣସି ସୂଚନା ନଆସିବା ପରେ ଲୋକଙ୍କ ଭିତରେ ଅସନ୍ତୋଷ ବଢିଥିବା ସରପୋଞ୍ଚ ନୀଳା ନାୟକ କହିଛନ୍ତି ।

## ଯୁବକଙ୍କ ଅର୍ଦ୍ଧଦଗ୍ଧ ମୃତ ଦେହ ଉଦ୍ଧାର ଘଟଣାରେ ଅଭିଯୁକ୍ତ ଆଜି ପୋଲିସ ଆଗରେ କଲା ଆତ୍ମସମର୍ପଣ

ଆସିକା (ମହାଭାରତ)ଗତ ୩୧ ଜାନୁଆରୀ ରେ ଶେରଗଡ଼ ଥାନା ଅନ୍ତର୍ଗତ ବାଦଗଡ ଗ୍ରାମର ଶ୍ରୀ ଜଗଓାଥ ବିଦ୍ୟାପୀଠ ନିକଟସ୍ଥ ଶାଗୁଆନ ଜଙ୍ଗଲ ରୁ ଜଣେ ଅପରିଚିତ ଯୁବକଙ୍କ ଅର୍ଦ୍ଧଦଗ୍ଧ ମୃତ ଦେହ ମିଳିଥିଲା ।ଏହି ଘଟଣାରେ ପୋଲିସ ଆଗରେ ଆତ୍ମସମର୍ପଣ କରିଛି ଜଣେ ଯୁବକ।ଯୁବକ ଜଣଙ୍କ ହେଲେ ଆସିକା ଥାନା ନଳବଣ୍ଟା ଗ୍ରାମର ହୀନ ପାହାନ ଙ୍କ ପୁଅ ବଳରାମ ପାହାନ। ପ୍ରକାଶ ଥାଉକି ସୁଦୂର ହାଇଦ୍ରାବାଦ ରେ କାମ ଦେବ ବୋଲି କହି ଆନ୍ଧ୍ରପ୍ରଦେଶର ଗୌରୀ ନାଥ ଓରଫ ସଞ୍ଜୟ ରାଓ ନାମକ ଜଣେ ଯୁବକ ବଳରାମ ପାହାନକୁ ହାଇଦ୍ରାବାଦକୁ ନେଇଥିଲେ ସେଠାରେ ବଳରାମ ପାହାନ କୁ ଏକ ଗଞ୍ଜେଇ ଚାଲାଣ ମାମଲାରେ ଫସାଇଦେଇଥିଲା। ଫଳରେ ବଳରାମ ପାହାନ କିଛି ଦିନ ପାଇଁ ଜେଲ ଯାଇ ଜେଲରୁ ଫେରିବା ପରେ ବଳରାମ ପାହାନ ଗୌରୀ ନାଥ ଓରଫ ସଞ୍ଜୟ ରାଓକୁ ଜେଲରୁ ବେଲ ବାବଦକୁ ଖର୍ଚ୍ଚ ହୋଇଥିବା ଟଙ୍କା ମାଗିଥିଲା। ଗୌରୀ ନାଥ ଓରଫ ସଞ୍ଜୟ ରାଓ ଟଙ୍କା ଦେବାକୁ ସଫା ସଫା ମନା କରିଦେଇଥିଲା। ବଳରାମ ନିଜ ଗାଁ ନଳବଣ୍ଟା ଫେରିଆସିଥିଲା। ଗତ ୩୦ ତାରିଖରେ ବଳରାମ ଓ ଗୌରୀ ନାଥ ଓରଫ ସଞ୍ଜୟ ରାଓ ଙ୍କ ଦେଖା ହୋଇଥିଲା। ସେମାନେ ଦୁହେଁ ଶେରଗଡ଼ ଥାନା ଅନ୍ତର୍ଗତ ବାଦଗଡ ଗ୍ରାମର ଶ୍ରୀ ଜଗନ୍ନାଥ ବିଦ୍ୟାପୀଠ ନିକଟସ୍ଥ ଶାଗୁଆନ ଜଙ୍ଗଲ ନିକଟରେ ଦୁହେଁ ମିଶି ମଦ ପିଇଥିଲେ ।ମଦ ପିଇବା ପରେ ବଳରାମ ପାହାନ ଗୌରୀ ନାଥ ଓରଫ ସଞ୍ଜୟ ରାଓକୁ ଜେଲରୁ ବାହାରିବା ପାଇ ଖର୍ଚ୍ଚ ହୋଇଥିବା ଟଙ୍କା ପୁଣି ମାଗିଥିଲା ଟଙ୍କା ଦେବା ପାଇ ଗୌରୀ ନାଥ ଓରଫ ସଞ୍ଜୟ ରାଓ ମନା କରିଥିଲା ଉଭୟଙ୍କ ମଧ୍ୟରେ ବାଦସା ହୋଇଥିଲା। ପରେ ଉତକ୍ଷିପ୍ତ ହୋଇ ଗୌରୀ ନାଥ ଓରଫ ସଞ୍ଜୟ ରାଓ ବଳରାମ ପାହାନକୁ ଛୁରୀ ଆକ୍ରମଣ କରିଥିଲେ । ସେତିକି ବେଳେ ବଳରାମ ପାହାନ ସେହି ଛୁରୀରେ ପାଲଟା ଆକ୍ରମଣ କରି ଗୌରୀ ନାଥ ଓରଫ ସଞ୍ଜୟ ରାଓର ତଣ୍ଟି କାଟିଦେଇଥିଲା।ପରେ ପ୍ରମାଣ ନଷ୍ଟ କରିବା ପାଇଁ ଗୌରୀ ନାଥ ଓରଫ ସଞ୍ଜୟ ରାଓର ମୃତ ଦେହକୁ ପେଟ୍ରୋଲ ପକାଇ ପୋଡ଼ି ଦେଇଥିବା କଥା ବଳରାମ ନିଜେ ସ୍ୱୀକାର କରିଛ। ଖବର ପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଅର୍ଦ୍ଧଦଗ୍ଧ ମୃତ ଦେହ ଉଦ୍ଧାର କରିଥିଲା ଏନେଇ ଶେରଗଡ଼ ଥାନା ରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଥଲା ବେଳେ ଆଜି ଆସିକା ପୋଲିସ ନିକଟରେ ଆତ୍ମସମର୍ପଣ କରିଛି ବଳରାମ ପାହାନ।

## ସରକାରୀ ଓ ବେସରକାରୀ ବ୍ୟାଙ୍କ୍ ସୁରକ୍ଷା ବ୍ୟବସ୍ଥା କୁ ଯାଞ୍ଚ କଲା ଯୋଡା ପୋଲିସ

ଯୋଡା,(ମହାଭାରତ)କେନ୍ଦୁଝର ଜିଲ୍ଲା ଯୋଡା ସହର ମଧ୍ୟରେ ଥିବା ବିଭିନ୍ନ ସରକାରୀ ଓ ବେସରକାରୀ ବ୍ୟାଙ୍କ୍ ପ୍ରତିଷ୍ଠାନ ଗୁଡିକରେ ଥିବା ସୁରକ୍ଷା ବ୍ୟବସ୍ଥା ଉପରେ ଯୋଡା ପୋଲିସ ଯାଞ୍ଚ କରିଛି । ଏ ନେଇ ଯୋଡା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାମଲ ସୂଚନା ଦେଇ କହିଛନ୍ତି ଯେ,ବ୍ୟାଙ୍କ୍ ଗୁଡିକରେ ଘରୋଇ ସୁରକ୍ଷା କର୍ମୀ ନିଯୋଜନ,ସି ସି କ୍ୟାମେରା,ବ୍ୟାଙ୍କ୍ ସାଇରନ, ଶୃଙ୍ଖଳିତ ଭାବେ ବ୍ୟାଙ୍କ୍ ଦେଣ ନେଣ କାର୍ଯ୍ୟ,ବ୍ୟାଙ୍କ୍ ରେ ପ୍ରବେଶ ,ମଧ୍ୟାହ୍ନ ଭୋଜନ ଓ ଛୁଟି ସମୟରେ ସାବଧାନ ଅବଲମ୍ବନ ଉପରେ ପୋଲିସ ନିର୍ଦ୍ଦେଶ ଦେବ। ସହିତ ଯେଉଁ ବ୍ୟବସାୟୀକ ସଂସ୍ଥା ଅଧିକ ଟଙ୍କା ଉଠାଇବା ସମୟରେ ପୋଲିସ କୁ ସୂଚନା ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ କରାଯିବାୟ ସହିତ ଅନ୍ୟାନ୍ୟ ସୁରକ୍ଷା ବ୍ୟବସ୍ଥା ବ୍ୟାଙ୍କ୍ ପରିସର ରେ କରାଯାଉଛି କି ନାହିଁ, ଏ ନେଇ ପୋଲିସ ପକ୍ଷରୁ ଯାଞ୍ଚ କରାଯାଇଥିଲା।

## ଧାନବେଣୀ ୧୯୯୯ମସିହା ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁ ମିଳନ



ପାଟଣା:-(ମହାଭାରତ)କେନ୍ଦୁଝର ଜିଲ୍ଲା ସାହାରପଡ଼ା ବ୍ଲକ ଅନ୍ତର୍ଗତ କପୁଣ୍ଡି ପଞ୍ଚାୟତ ଅଧିନସ୍ଥ ରାଜ୍ୟସ୍ତରୀୟ ପୁରସ୍କାର ପ୍ରାପ୍ତ ଧାନବେଣୀ ପ୍ରାଥମିକ ଉଚ୍ଚ ବିଦ୍ୟାଳୟ ୧୯୯୯ ମସିହା ପୁରାତନ ଛାତ୍ରଛାତ୍ରୀ ଙ୍କ ପୁଣ୍ୟତୋୟା ବୈତରଣୀ ନଦୀ କୂଳ ରେ ବନ୍ଧୁ ମିଳନ ସହ ଆର୍ଦଶ ଶିକ୍ଷକ ମାନଙ୍କୁ ସମ୍ବର୍ଦ୍ଧିତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି ।ଛାତ୍ରଛାତ୍ରୀଙ୍କ ଦ୍ଵାରା ଏକ ସଭା କାର୍ଯ୍ୟ ଆୟୋଜନ କରାଯାଇ ଥିଲା। ଏହି କାର୍ଯ୍ୟକ୍ରମ ମଞ୍ଚ ପରିଚାଳନା ରଞ୍ଜନ କୁମାର ମହାନ୍ତ କରିଛନ୍ତି। ଏହି କାର୍ଯ୍ୟକ୍ରମ ରେ ମଞ୍ଚାସିନ ଛାତ୍ର ଜୀବନ କୁ ଶିକ୍ଷା କ୍ଷେତ୍ର ରେ ଚଲାପଥ ଭାବେ ମାର୍ଗଦର୍ଶକ ହୋଇ ଆଗେଇ ନେଇଥିବା ଅବସରପ୍ରାପ୍ତ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ଗୌରହରି ମହାନ୍ତ,ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ଶିକ୍ଷକ ସୁକାନ୍ତ କୁମାର ମହାନ୍ତ,ହୃଷୀକେଶ ମହାନ୍ତ, ହୀରାଲାଲ ମହାନ୍ତ ଙ୍କୁ ପୁଷ୍ପଗୋଛ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମ ୧୯୯୯ ବ୍ୟାଚ ର ୫୦ରୁ ଉର୍ଦ୍ଧ୍ଵ ଛାତ୍ରଛାତ୍ରୀ ଉପସ୍ଥିତି ଥିବା ବେଳେ କାର୍ଯ୍ୟକ୍ରମ କୁ ଚନ୍ଦ୍ରକାନ୍ତ ମହାନ୍ତ,ଗଙ୍ଗାଧର ଘୋଣା, ଦିଲ୍ଲୀପ କୁମାର ମହାନ୍ତ, କୁଳମଣି ସାହୁ, ଲକ୍ଷ୍ମଣ ମହାନ୍ତ, ଅଞ୍ଜଳି ମହାନ୍ତ ସଂପୂର୍ଣ୍ଣ ସହଯୋଗ କରିଛନ୍ତି।

## ଟ୍ରକ ପଛପଟୁ ଧକ୍କା ଦେଲା ବାଇକ୍

ଦଶପଲ୍ଲା, (ମହାଭାରତ): ୫୭ନଂ.ଜାତୀୟ ରାଜପଥର ଦଶପଲ୍ଲା ଥାନା ଅନ୍ତର୍ଗତ ରାଜପୁତ ହୋଟେଲ ସଂନିକଟରେ ସୋମବାର ଦିନ ଥୁଆ ହୋଇଥିବା ଟ୍ରକ ପଛପଟୁ ବାଇକ ଧକ୍କା ଦେବା ଫଳରେ ବାଇକରେ ଥିବା ଦୁଇଜଣ ବ୍ୟକ୍ତି ଗୁରୁତର ହୋଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ସୋମ୍ୟ ରଞ୍ଜନ ବିଶ୍ୱାଳ (୩୧)ଓ ଜଗନ୍ନାଥ ଦେହୁରୀ (୩୨) ଫୁଲବାଣୀରୁ ଭୁବନେଶ୍ୱର ଅଭିମୁଖେ ବାଇକ୍ ରେ ଆସୁଥିବା ବେଳେ ରାଜପୁତ ହୋଟେଲ ସଂନିକଟରେ ଛିଡ଼ାହୋଇଥିବା ଟ୍ରକ କୁ ଧକ୍କା ଦେଇଥିଲା। ଉଭୟ ଗୁରୁତର ହେବାରୁ ତାଙ୍କୁ ଚିକିତ୍ସା ନିମନ୍ତେ ଆମ୍ବୁଲାନ୍ସ ଯୋଗେ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ଅଧିକ ଗୁରୁ□ର ହେବାରୁ ନୟାଗଡ଼ ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତରିତ କରାଯାଇଥିଲା। ପୋଲିସ ଘଟଣା ସ୍ଥଳରେ ପହଂଚି ଗାଡି ଜବତ କରି ତଦନ୍ତ ଜାରି ରଖିଛନ୍ତି।

## ପାନୀୟ ଜଳ ସମସ୍ୟାକୁ ନେଇ ହାତୀଲୁଚଣୀ ଗ୍ରାମବାସୀଙ୍କ ରାସ୍ତାରୋକ



ପରଜଙ୍ଗ (ମହାଭାରତ )ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ମୁଣ୍ଡଇଲୋ ପଂଚାୟତ ହାତୀଲୁଚଣୀ ଗାଁ ଛକ ନିକଟରେ ପାନୀୟ ଜଳ ଯୋଗାଣ ସମସ୍ୟାକୁ ନେଇ ୫୩ ନଂ ଜାତୀୟ ରାଜପଥର ହାତୀଲୁଚଣୀ ଗ୍ରାମବାସୀଙ୍କ ରାସ୍ତାରୋକ ।ତେବେ ଗାଁରେ ପ୍ରାୟ ୧୦ ଦିନ ହେବ ପାନୀୟ ଜଳ ଯୋଗାଣ ଠପ ହୋଇଥିବା କାରଣରୁ ଗ୍ରାମବାସୀ ମାନେ ରାସ୍ତାରୋକ କରିଛନ୍ତି। ତେବେ ଏ ନେଇ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଜଣେଇଲେ ମଧ୍ୟ କୌଣସି ସୁଫଳ ମିଳି ନଥିବା ଗ୍ରାମବାସୀମାନେ ଅଭିଯୋଗ କରିଥିଲେ। ଫଳରେ ଗ୍ରାମର ସମସ୍ତ ମହିଳା ଗରା, ବାଲଟି, ଡ଼େକଚି ଧରି ରାସ୍ତାରୋକ କରିଥିଲେ। ତେବେ ଘଟଣା ସ୍ଥଳରେ ପରଜଙ୍ଗ ଗ୍ରାମ୍ୟ ପରିମଳ ଓ ପାନୀୟ ଜଳ ଯୋଗାଣ ଯନ୍ତ୍ରୀ ଏବଂ ପୋଲିସ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ପରେ ରାସ୍ତାରୋକ ଉଠିଥିଲା।

## କଳିଙ୍ଗନଗର ମୁଖ୍ୟ ରାସ୍ତା ରେ ସୁରକ୍ଷା ନିୟମ ଉଲଂଘନ

ଯାଜପୁର କଳିଙ୍ଗନଗର (ମହାଭାରତ) ଯାଜପୁର କଳିଙ୍ଗନଗର ରେ ଏକାଧିକ ଶିଳ୍ପ, ଶିଳ୍ପନଗରୀର ମାନ୍ୟତା ପାଇ କଳିଙ୍ଗନଗର ଷ୍ଟିଲ ହବ୍ ପାଲଟିଛି। ଜନ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ମଧ ଲାଗିଲାଣିୟ ଗାଡ଼ି ମୋଟର କୋଳାହଳ ସାଙ୍ଗକୁ କଳିଙ୍ଗନଗର ଅଞ୍ଚଳ ରେ ବିଭିନ୍ୟ ସମସ୍ୟାମାନ ଦେଖାଦେଉଛ। ଅତ୍ୟଧିକ ଗାଡ଼ି ମୋଟର ସାଙ୍ଗକୁ ଦିନକୁଦିନ ରାଜରାସ୍ତା ମଧ ବାଧାପ୍ରାପ୍ତ ହେଉଛି ଫଳରେ କଳିଙ୍ଗନଗର ରାଜରାସ୍ତା ରେ ସୁରକ୍ଷା ନିୟମ ଉଲଙ୍ଘନ ଘଟୁଛି।ଯାହା ଦ୍ଵାରା ରାସ୍ତା ଆରୋହୀ ଅନେକ ସମସ୍ୟାର ଶିକାର ହେଉଛନ୍ତି । ରାସ୍ତା ଜାମ ସହ ଦୁର୍ଘଟଣା ଆଶଙ୍କା ଅଧିକ ରହୁଛି। କାରଖାନାକୁ ଅନେକ ବସ ବାଇକ୍ କାର୍ ଚଳାଚଳ ସାଙ୍ଗକୁ ଶ୍ରମିକ ମାନଙ୍କୁ କାରଖାନାକୁ ପ୍ରବେଶ ନିଷେଧ କରାଉଥିବାବେଳେ କାରଖାନା ଭିତରେ ସୁରକ୍ଷା ଆଇନ କଡାକଡି ଭାବେ ସ୍ଥିତି ନିୟନ୍ତ୍ରଣ କରୁଥିବାବେଳେ କାରଖାନାରୁ ବାହାରିବାପରେ ସୁରକ୍ଷା ନିୟମ ଉଲଂଘନ ର ସତା କଟୁଛି। ଅତ୍ୟଧିକ ଗାଡ଼ି ଚଳାଚଳ ଦିନକୁ ଦିନ ବଢ଼ିବାରେ ଲାଗିଛି ଏବଂ ରାଜରାସ୍ତାରେ ବିପତି ଉପୁଜିଛି। ସୂର୍ଯ୍ୟ ଉଦୟ ହୋଇ ଅସ୍ତ ହେବା ସମୟରେ ମଧ କୌଳାହଳ ସହ ରାଜରାସ୍ତାରେ ଗାଡ଼ି ମୋଟର ଚଳାଚଳ ସମସ୍ୟମାନ ଉପୁଜିଛି। କାରଖାନାକୁ ମାଲ୍ ପରିବହନ ସାଙ୍ଗକୁ ଗାଡ଼ି ଚଳାଚଳ ବଢ଼ିବାରେ ଲାଗୁଛି । ଦୁର୍ଘଟଣାର ମାତ୍ରା ଉଦବେଗ ପାଉଛି ଏଥିରେ କଳିଙ୍ଗନଗର ର ସୁରକ୍ଷା ନିୟମ ଉଲଂଘନ ଉପରେ ଆ□ ଆସୁଛି। ଜ ଦ୍ଵାରା ରାସ୍ତା ସୁରକ୍ଷା ଆଇନ୍ କଡାକଡି ପାଳନ କରାନଗଲେୟ ଜଣସାଧରଣଙ୍କ ସୁରକ୍ଷା ରେ ତୃଟି ଅନେକ ବାଧା ଉପୁଜିବ ।

## ପବନପୁତ୍ର ସେବା ସମିତି ର ଅଗ୍ନି ବିପନ୍ନ ପରିବାର କୁ ସାହାଯ୍ୟ



ଦଶପଲ୍ଲା,(ମହାଭାରତ ): ଦଶପଲ୍ଲା ବ୍ଲକ୍ ର ପବନ ପୁତ୍ର ସେବା ସମିତି ର ସଦସ୍ୟ ମାନେ ମାନବ ସେବା ହିଁ ମାଧବ ସେବା ର ମୂଲ୍ୟବୋଧ ବୁଝିପାରି ଅଛନ୍ତି। ନିଃସ୍ୱାର୍ଥପର ଭାବରେ ଓ ନିଷ୍ଠା ର ସହ ଏହି ପବନ ପୁତ୍ର ସେବା ସମିତି ର ସଦସ୍ୟ କାର୍ଯ୍ୟ କରୁଛନ୍ତି। ଦଶପଲ୍ଲା ର ବିଭିନ୍ନ ପ୍ରାନ୍ତ କୁ ଯାଇ ବିଭିଓ ଅସହାୟ, ଦୁଖୀ ରଙ୍କି ଲୋକଙ୍କୁ ନିଜର ସେବା ଯୋଗାଇ ଥାନ୍ତି। କେତେବେଳେ ବୃଦ୍ଧ ବୃଦ୍ଧା ଙ୍କୁ କମ୍ବଳ ବଣ୍ଟନ ତ କେତେବେଳେ ନିସହାୟ ମାନଙ୍କୁ ଚାଉଳ, ଅଟା, ଚିନି, ମୁଢି ଆଦି ପ୍ରଦାନ ତ କେତେବଳେ ଅସହାୟ ଭିଉକ୍ଷମ ମାନଙ୍କୁ ସାହାଯ୍ୟ ସହଯୋଗ କରିଥାଆନ୍ତି। ସେହିପରି ସୋମବାର ଦିନ ଏ ସଦସ୍ୟ ମାନେ ମଧଖଣ୍ଡ ପଂଚାୟତ ର ଘର ପୋଡି ହୋଇ ସମ୍ପୂର୍ଣ୍ଣ ଅସହାୟ ହୋଇଥିବା ମାଳି ସାହି ର କୃପାସିନ୍ଧୁ ରଣା ଙ୍କ ପରିବାର କୁ କମ୍ବଳ, ଖାଦ୍ୟ ସାମଗ୍ରୀ ଓ ଆର୍ଥିକ ସାହାଯ୍ୟ ଆଦି କରିଛନ୍ତି ।କମିଟି ର ସଦସ୍ୟ ମାନେ ଏହି କାର୍ଯ୍ୟ ରେ ବହୁତ ଖୁସି ଅନୁଭବ କରନ୍ତି। କେବଳ ଲୋକ ଙ୍କ ଠାରୁ ଆଶୀର୍ବାଦ ପ୍ରାପ୍ତ କରନ୍ତି ବୋଲି ସଦସ୍ୟ ମାନେ ମତ ପ୍ରକାଶ କରନ୍ତି। ଏହି ପବନ ପୁତ୍ର ସେବା ସମିତି ର କାର୍ଯ୍ୟକଳାପ କୁ ଦଶପଲ୍ଲା ର ବିଭିନ୍ନ ମହଲ ରେ ଚର୍ଚ୍ଚା ଚାଲିଛି ଓ ସମସ୍ତ ଯୁବ ଗୋଷ୍ଠୀ ଏହି ପ୍ରକାର ସାମାଜିକ ମଙ୍ଗଳ କାର୍ଯ୍ୟରେ ସହଯୋଗ କରିବାକୁ ଆଗେଇ ଆସିବା ଦରକାର ବୋଲି ବୁଦ୍ଧିଜୀବୀ ମାନେ ମତ ପ୍ରକାଶ କରିଛନ୍ତ।

## ପଞ୍ଚାୟତ ସ୍ତରୀୟ ଜନ ଶୁଣାଣି ଓ ତାର ସମାଧାନ ଶିବିର ଅନୁଷ୍ଠିତ

ଗୋଲାମୁଣ୍ଡା,(ମହାଭାରତ):କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅଧକ୍ଷ ବିନ୍ଦୁ ମହାନନ୍ଦ ନେତୃତ୍ୱରେ ଆଜି ସୋମବାର ଦିନ ଦଶପୁର ଗ୍ରାମ ପଞ୍ଚାୟତ ସ୍ତରୀୟ ଜନ ଶୁଣାଣି ଓ ତାର ସମାଧାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ୧୧୦ ଅଭିଯୋଗରୁ ରାଜ୍ୟ ଓ କେନ୍ଦ୍ର ସରକାର ଙ୍କ ବିଭିଓ ଲୋକାଭିମୁଖୀ ଯୋଜନାରେ ସାମିଲ କରି ୨୩ ଟି ସମସ୍ୟାର ତୁରନ୍ତ ସମାଧାନ ହୋଇଥିଲା । ରାଜ୍ୟ ତଥା ମୋହନ ସରକାର ଓ କେନ୍ଦ୍ର ତଥା ମୋଦି ସରକାରଙ୍କ ବିଭିଓ ଲୋକାଭିମୁଖୀ ଯୋଜନା ର ସୁବିଧା ପ୍ରତି ଗାଁ ଗାଁ ବସ୍ତି ପଡା ପଡା ରେ ପହଞ୍ଚାଇବା ଆମ ପ୍ରଶାସନ ର ଉଦ୍ଦେଶ୍ୟ ବୋଲି ବ୍ଲକ ଅଧକ୍ଷ ଶ୍ରୀ ମହାନନ୍ଦ ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ ଗୋଲାମୁଣ୍ଡା ବ୍ଲକ ଅଧକ୍ଷ ଶ୍ରୀ ବିନ୍ଦୁ ମହାନନ୍ଦ, ବିଡ଼ିଓ ତ୍ରିପୁରା ମହାନନ୍ଦ, ତହସିଲଦାର ଅମିତ ବେହେରା , ସରପଞ୍ଚ ରଞ୍ଜନ ସାହୁ , ସମିତି ସଭ୍ୟ ଦୂର୍ଗେଶ୍ୱର ସାହୁ, ସହକାରୀ ର୍ନିବାହୀ ଯନ୍ତ୍ରୀ ଚି□ ରଂଜନ ଜେନା,ସାମାଜିକ ସୁରକ୍ଷା ବିଭାଗର ଚନ୍ଦନ ବିହାରୀ,ଗ୍ରାମୀଣ ଗୃହ ଯୋଜନାର ବିପିସି ମଧୁ ସାହୁ,ଯୋଗାଣ ବିଭାଗ ରୁ ମୁରଲୀଧର ହେଶା, ଏପିଓ କ୍ଷେତ୍ର ମୋହନ ମାଝୀ,ପାନୀୟ ଜଳ ବିଭାଗରୁ ସୁବାସ ପଣ୍ଡା,ବିଇଓ ରାଜେଶ ନାଏକ,ଡ଼ ବିଜୟ ପଣ୍ଡା, ଏଡିଇଓ ଦୀନବନ୍ଧୁ ନାଗ,କୃଷି ବିଭାଗରୁ ସରସ୍ଵତୀ ମେହେର, ଭିଏଡବ୍ଲୁ ଚିନ୍ମୟୀ ପାଟଯୋଶୀ, ମହିଳା ପରିଦର୍ଶିକା ଶାନ୍ତି ମଙ୍ଗରାଜ,ରାଜସ୍ ନିରୀକ୍ଷକ ଜିତେନ୍ଦ୍ର ନାଏକ,ପିଇଓ ସହଦେ ଭଇସାଲ ଙ୍କ ସମେତ ବ୍ଲକ ସ୍ତରୀୟ ବିଭାଗୀୟ ଅଧିକାରୀ ଓ ଦଶପୁର ଗ୍ରାମପଞ୍ଚାୟତର ଅନେକ ଜନସାଧାରଣ ଉପସ୍ଥିତ ଥିଲେ । ଉକ୍ତ ଅବସରରେ ଦଶପୁର ଗ୍ରାମର ଦୁଇ ବାପା ମାଁ ଛେଉଣ୍ଡ ଝିଅଙ୍କୁ ବ୍ଲକ ଅଧକ୍ଷ କର୍ପସ ଫଣ୍ଡ ରୁ ୧୦ ହଜାର ଟଙ୍କା ପ୍ରଦାନ କରିଥିଲେ । ସୂଚନାଯୋଗ୍ୟ ଯେ ଗୋଲାମୁଣ୍ଡା ବ୍ଲକର ଗରିବ ନିରୀହ ଲୋକଙ୍କୁ ସାହାଯ୍ୟ ଯୋଗାଇଦେବା ପାଇଁ ବ୍ଲକ ଅଧକ୍ଷ ଶ୍ରୀ ମହାନନ୍ଦ ନିଜସ୍ୱ ଏକ କର୍ପସ ପାଣ୍ଠି ଖୋଲିଛନ୍ତି ଓ ଲୋକଙ୍କୁ ସହାୟତା ଯୋଗାଇ ଆସୁଛନ୍ତି ।

## ନିଆଁ ଲାଗି ଜଳିଗଲା ଚାରି ବଖରା ଘର

ଆସିକା (ମହାଭାରତ)ଗଞ୍ଜାମ ଜିଲ୍ଲା ଆସିକା ତହସିଲ ଅଧୀନ ଦେବଭୂମି ଗ୍ରାମରେ ସର୍ଟ ସର୍କିଟ ରୁ ନିଆଁ ଲାଗି ଚାରି ବଖରା ଘର ପୋଡି ପାଉଁଶ ହୋଇଯାଇଛି । ଆସବାବ ପତ୍ର ସହ ବହୁ ଜିନିଷ ପତ୍ର ନିଆଁରେ ପୋଡ଼ି ନଷ୍ଟ ହୋଇଯାଇଛି। ପ୍ରକାଶ ଥାଉକି ଆଜି ମଧ୍ୟାହ୍ନ ସମୟରେ ସର୍ଟ ସର୍କିଟ ରୁ ନିଆଁ ଲାଗି ବିଦେଶୀ ମହାରଣାଙ୍କ କମାର ଶାଳ ସହ ଚାରି ବଖରା ଘର ପୋଡ଼ି ସମ୍ପୂର୍ଣ୍ଣ ନଷ୍ଟ ହୋଇ ଯାଇଥିବା ବେଳେ ନିଆଁରେ ଘରର ଆସବାବ ପତ୍ର ପୋଡ଼ି ନଷ୍ଟ ହୋଇଛି । ଖବର ପାଇ ଘଟଣା ସ୍ଥଳରେ ଆସିକା ଅଗ୍ନିଶମ ବାହିନୀ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ନିଆଁକୁ ଆୟତ୍ତ କରିଛନ୍ତି।

## ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ

ଗଜପତି(ମହାଭାରତ):ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଗ୍ରାମ୍ୟ ମୁଖୀ ପ୍ରଶାସନ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଅଛି । ଏହି ଅଭିଯୋଗ ଶୁଣାଣିରେ ଗଜପତି ଜିଲ୍ଲାପାଳ ଶ୍ରୀଯୁକ୍ତ ଅକ୍ଷୟ ସୁନିଲ ଅଗ୍ରୱାଲ, ଆରକ୍ଷୀ ଅଧିକ୍ଷକ ଶ୍ରୀଯୁକ୍ତ ଯତୀନ୍ଦ୍ର କୁମାର ପଣ୍ଡା,ବନଖଣ୍ଡ ଅଧିକାରୀ ପାରଳାଖେମୁଣ୍ଡି ଶ୍ରୀଯୁକ୍ତ କେ.ନାଗାରାଜୁ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ର୍ନିବାହୀ ଅଧିକାରୀ ଜିଲ୍ଲାପରିଷଦ ଶ୍ରୀ ପୃଥୀରାଜ ମଣ୍ଡଳ, ଉପଜିଲ୍ଲାପାଳ ପାରଳାଖେମୁଣ୍ଡି ଶ୍ରୀ ଅନୁପ ପଣ୍ଡା, ପ୍ରକଳ୍ପ ପ୍ରଶାସକ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପାରଳାଖେମୁଣ୍ଡି ଶ୍ରୀ ଅଂଶୁମାନ ମହାପାତ୍ର ଅଭିଯୋଗ ଶୁଣାଣୀ ରେ ଯୋଗଦାନ କରି ପାରଳାଖେମୁଣ୍ଡି ପୌରପରିଷଦ ସମେତ କେରାଣ୍ଡି, କତଳକଇଠା,ବାଘଶାଳା, ରାଣୀପେଣ୍ଠ ଓ ସିଧାମାଡ଼ଙ୍ଗ ପଞ୍ଚାୟତର ସମୁଦାୟ ମୋଟ-୯୪ ଗୋଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲାୟ ସେଥି ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ସମସ୍ୟା- ୮୪ ଗୋଟି,ଗ୍ରାମ ଭିତ୍ତିକ ସମସ୍ୟା - ୧୨ ଗୋଟି ଅଭିଯୋଗ ଆସିଥିଲା । ଅନ୍ୟ ସମସ୍ତ ଅଭିଯୋଗକୁ ତୁରନ୍ତ ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଆଜିର ଏହି ଅଭିଯୋଗ ଶୁଣାଣି ଶିବିରରେ ସାମାଜିକ ସୁରକ୍ଷା,ଜମି ପଟ୍ଟା,ମନରେଗା,ଗୃହ ର୍ନିମାଣ, ରାସନ୍ କାର୍ଡ, ଶିକ୍ଷା,ଜଳ ସେଚନ ରାସ୍ତା ଓ ସ୍ୱାସ୍ଥ୍ୟ ସମସ୍ୟା ବୋଲି ବିଭିଓ ସମସ୍ୟା ନେଇ ଅଭିଯୋଗ ଆସିଥିଲା । ଆଜିର ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣୀ ରେ ଗୋଷାଣୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ଗୋର ଚନ୍ଦ୍ର ପଟ୍ଟନାୟକ ,ସ୍ଥାନୀୟ ତହସିଲଦାର ନାରାୟଣ ବେହେରା ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀଗଣ ଏହି ଅଭିଯୋଗ ଶୁଣାଣୀରେ ଉପସ୍ଥିତ ଥିଲେ।

## ଜିଲ୍ଲା ମୁଖ୍ୟ ଉଦ୍ୟାନ କୃଷି ଉପ ନିର୍ଦ୍ଦେଶକ ଭାବେ ଦାୟିତ୍ୱ ଗ୍ରହଣ କଲେ ଦୁଷ୍ମନ୍ତ କୁମାର ବେହେରା

ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡିରେ ଥିବା ଉଦ୍ୟାନ କୃଷି ଉପନିର୍ଦ୍ଦେଶକ କାର୍ଯ୍ୟାଳୟରେ ନୂତନ ଭାବେ ଦୁଷ୍ମନ୍ତ କୁମାର ବେହେରା ଦାୟି ଗ୍ରହଣ କରିଛନ୍ତି ।ସେ ଏଥି ପୂର୍ବରୁ ପାନପୋଷରେ ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ଭାବେ କାର୍ଯ୍ୟରତ ଥିଲେ ।ବର୍ତ୍ତମାନ ପଦନ୍ନତି ହୋଇ ସେ ଗଜପତି ଜିଲ୍ଲାର ଜିଲ୍ଲା ମୁଖ୍ୟ ଉଦ୍ୟାନ କୃଷି ଉପ ନିର୍ଦ୍ଦେଶକ ରୂପେ କାର୍ଯ୍ୟରତ ଅଛନ୍ତି। ପ୍ରକାଶ ଥାଉକି ଜିଲ୍ଲା ମୁଖ୍ୟ ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ସୁଶାନ୍ତ ରଞ୍ଜନ ଦାଶଙ୍କ ଅବସର ପରେ ଅଧିକାରୀ ପଦବୀଟି ଖାଲି ପଡିଥିଲା ।ବର୍ତ୍ତମାନ୍ ଦୁଷ୍ମନ୍ତ କୁମାର ବେହେରା ପାନପୋଷରୁ ପଦନ୍ନତି ହୋଇ ଗଜପତି ଜିଲ୍ଲାରେ ଜିଲ୍ଲା ମୁଖ୍ୟ ଉଦ୍ୟାନ କୃଷି ଉପ ନିର୍ଦ୍ଦେଶକ ଭାବେ କାର୍ଯ୍ୟରତ ଅଛନ୍ତି ।ଜିଲ୍ଲାରେ ବିଭାଗ ପକ୍ଷରୁ ହେଉଥିବା ସରକାରୀ ଯୋଜନା କିପରି ତୃଣମୂଳ ସ୍ତରରେ ଚାଷୀଙ୍କ ନିକଟରେ ପହଞ୍ଚିବ ତା ଉପରେ ଗୁରୁତ୍ୱ ଦିଆଯିବ ବୋଲି କହିଛନ୍ତି।

## ଏନ ବି ସି କଲେଜ ରେ ୪୮ ତମ ବାର୍ଷିକ ଉତ୍ସବ



ଆସିକା(ମହାଭାରତ): ଆସିକା ବ୍ଲକ ସ୍ଥିତ ନିମିନା ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟରେ ଅଧକ୍ଷ ଅମର ପ୍ରସାଦ ବିଷୋୟୀଙ୍କ ଅଧକ୍ଷତାରେ ଅନୁଷ୍ଠାନର ୪୮ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଆସିକା ବିଧାୟକ ସରୋଜ କୁମାର ପାଢ଼ୀ ପ୍ରଦୀପ ପ୍ରଜ୍ୱଳନ କରି ସଭା କାର୍ଯ୍ୟ ଆରମ୍ଭ କରିଥିଲା ବେଳେ ମୁଖ୍ୟ ବକ୍ତା ଭାବେ ଚିନିଶିଳ୍ପ ର ପରିଚାଳନା ନିର୍ଦ୍ଦେଶକ ଡ଼କ୍ଟର ସୁଶାନ୍ତ କୁମାର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ ।ଏହି ଅବସରରେ ମୁଖ୍ୟଅତିଥି ମହାବିଦ୍ୟାଳୟ ର ମୁଖ୍ୟ ଫାଟକ ନିମନ୍ତେ ୫ ଲକ୍ଷ ଧନ ରାଶି ପ୍ରଦାନ କରିବାର ପ୍ରତିଶ୍ରୁତି ଦେଇଛନ୍ତି । ସେହିପରି ଡ଼କ୍ଟର ପଣ୍ଡା ଅନୁଷ୍ଠାନର ଛାତ୍ରଛାତ୍ରୀଙ୍କୁ ଉତ୍ତମ ଚରିତ୍ର ଗଠନ ଓ ଭବିଷ୍ୟତ ଗିବା ପାଇଁ ଅତି ମହତ୍ୱପୂର୍ଣ୍ଣ ଉପଦେଶମାନ ପ୍ରଦାନ କରି ପ୍ରତ୍ସାହିତ କରିଛନ୍ତି ଓ ମହାବିଦ୍ୟାଳୟର ଉଭୟ +୨ ଓ +୩ ସ୍ତରରେ ବିଭିଓ ସାଂସ୍କୃତିକ ଏବଂ ସାହିତ୍ୟିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଏଥିରେ କୃତକାର୍ଯ୍ୟ ହୋଇଥିବା ପ୍ରତିଯୋଗୀ ମାନଙ୍କୁ ବିଧାୟକଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା ।ବାର୍ଷିକ ଉତ୍ସବ କୁ ପରିଚାଳନା କରିଥିଲେ +୩ ନାଟ୍ୟ ସଂଗଠନର ସହାୟକ ଉଦିତ ନାରାୟଣ ଦାଶ, ମ□ରେ +୩ ନାଟ୍ୟ ସଂଗଠନର ଉପ ସଭାପତି ଅଜିତ କୁମାର ମୁଖି, +୨ ସାଂସ୍କୃତିକ ସଂଘର ଉପ ସଭାପତି ଅନୁପ ଷଡ଼ଙ୍ଗୀ, ସହାୟିକା ଜସ୍ମିନ କୁମାରୀ ନାୟକ ଉପସ୍ଥିତ ରହିଥିଲେ। ଛାତ୍ର ସଂଘର ଉପଦେଷ୍ଟା ସିଲୁ ସେଠୀ ଅନୁଷ୍ଠାନର ବାର୍ଷିକ ବିବରଣୀ ପାଠ କରିଥିଲେ । ପରିଶେଷରେ +୩ ନାଟ୍ୟ ସଂଗଠନର ଉପ ସଭାପତି ଅଜିତ କୁମାର ମୁଖି ଧନ୍ୟବାଦ ଅର୍ପଣ କରିଥିଲେ । ଅନୁଷ୍ଠାନର ସମସ୍ତେ ଅଧାପିକା, ଅଧାପକ, କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କ ସହଯୋଗ କହିଥିଲେ ।

# ସଂପୂର୍ଣ୍ଣତା ଅଭିଯାନ ୨.୦ ଉଦଘାଟିତ



ଗଜପତି(ମହାଭାରତ): ଜିଲ୍ଲା ପ୍ରଶାସନ ଓ ନୀତି ଆୟୋଗ ପକ୍ଷରୁ ସମ୍ପୂର୍ଣ୍ଣତା ଅଭିଯାନ ୨.୦ କାର୍ଯ୍ୟକ୍ରମକୁ ସ୍ଥାନୀୟ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷ ଠାରେ ଉଦଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ର୍ନିବାହୀ ଅଧିକାରୀ ଜିଲ୍ଲାପରିଷଦ ଶ୍ରୀ ପୃଥ୍ୱୀରାଜ ମଣ୍ଡଳ, ପ୍ରକଳ୍ପ ପ୍ରଶାସକ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପାରଳାଖେମୁଣ୍ଡି ଅଂଶୁମାନ ମହାପାତ୍ର, ଉପ ନିର୍ଦ୍ଦେଶକ ଯୋଜନା ପ୍ରକାଶ ରାଉତ ପ୍ରମୁଖ ମଞ୍ଚାସିନ ଥିଲେ। କେନ୍ଦ୍ର ସରକାରଙ୍କ ଆକାଂକ୍ଷୀ ଜିଲ୍ଲାର ସଂପୂର୍ଣ୍ଣତା ଅଭିଯାନ୨.୦ କାର୍ଯ୍ୟକ୍ରମରେ ଆକାଂକ୍ଷା ଜିଲ୍ଲା ଓ ବ୍ଲକ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସମ୍ପୂର୍ଣ୍ଣତା ଅଭିଯାନ ୨.୦ ଜାନୁୟାରୀ ୨୮ ଠାରୁ ୧୪ ଅପ୍ରେଲ ୨୦୨୬ ପର୍ଯ୍ୟନ୍ତ ଜିଲ୍ଲାର ଦୁଇ ଗୋଟି ଆକାଂକ୍ଷା ପଞ୍ଚାୟତ ସମିତି ଆର୍.ଉଦୟଗିରି ଓ ଗୁମ୍ମା ବ୍ଲକ ଅନ୍ତର୍ଗତ ସାମଗ୍ରିକ ବିକାଶ କ୍ଷେତ୍ରରେ ଆଗକୁ ନେବାକୁ ଏହି କାର୍ଯ୍ୟକ୍ରମ ଚାଲିବାୟଗଜପତି ଜିଲ୍ଲାର ସମ୍ପୂର୍ଣ୍ଣତା ଅଭିଯାନର ମୂଳ ଲକ୍ଷ୍ୟ ସ୍ୱାସ୍ଥ୍ୟ, ଶିକ୍ଷା, କୃଷି ଓ ପୃଷ୍ଟି ଲକ୍ଷ୍ୟ ହାସଲ ସକାଶେ ଦୃଢ ସଂକଳ୍ପ ଦେଇ ନିରନ୍ତର ପ୍ରୟାସ ଜାରି ରଖିବା ପାଇଁ ସମସ୍ତ ବର୍ଗ ଓ ଶ୍ରେଣୀର ଲୋକମାନଙ୍କୁ ତୁରନ୍ତ ସେବା ଯୋଗାଇ ଦିଆଯିବାକୁ କହିଥିଲେ। ସମ୍ପୂର୍ଣ୍ଣତା ଅଭିଯାନ ୨.୦ ର ସମସ୍ତ ଲକ୍ଷ୍ୟ ଗୁଡ଼ିକୁ ପୁରା କରିବା ପାଇଁ ଜିଲ୍ଲାର ସମସ୍ତ ଅଧିକାରୀ ଓ କର୍ମଚାରୀ ଗୋଟିଏ ଟିମ ହୋଇ କାର୍ଯ୍ୟ କଲେ ଜିଲ୍ଲା ଆଗକୁ ବଢିବା ସଫଳତା ହାସଲ କରିପାରିବ ବୋଲି ଜିଲ୍ଲାପାଳ କହିଥିଲେ। ସେହିପରି ସମସ୍ତ ଇଣ୍ଡିକେଟର ଗୁଡ଼ିକୁ ସମୟସୀମା ମଧ୍ୟରେ ସମ୍ପୂର୍ଣ୍ଣତା ହାସଲ କରିବାୟ ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟକୁ ଅଧିକ ଶକ୍ତିଶାଳୀ କରିବା ଓ ସମସ୍ତ କ୍ଷେତ୍ରରେ ଜନଭାଗିଦାରୀକୁ ସୁନିଶ୍ଚିତ କରିବା ଓ ଶିକ୍ଷାକୁ କ୍ଷେତ୍ରରେ ଆଗକୁ ବଢ଼ାଇବା ସଫଳ ହୋଇପାରିବ ।ପରେ ସମସ୍ତ ଅଧିକାରୀଙ୍କୁ ସମ୍ପୂର୍ଣ୍ଣତା ଅଭିଯାନ ୨.୦ ଶପଥ ପାଠ କରାଇଛନ୍ତି। ଏହି ଉଦ୍ଘାଟନୀ କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷା ଅଧିକାରୀ ଡ଼. ମାୟାଧର ସାହୁ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶ୍ରୀ ଏମ.ପ୍ରକାଶ ରାଓ ସମେତ ପିରାମଲ ଫାଉଣ୍ଡେସନର ଶ୍ରୀ ଦେବ ବ୍ରତ ଆଚାର୍ଯ୍ୟ ଓ ଶ୍ରୀୟାଶ୍ରୀ ରାଣୀ, ଆକାଂକ୍ଷା ବ୍ଲକ୍ ଫେଲୋ ଆର.ଉଦୟଗିରି ଶ୍ରୀ କାହ୍ନୁ ଚରଣ ପାଣିଗ୍ରାହୀ ଓ ଗୁମ୍ମା ବ୍ଲକର ବାପି କିଶୋର ଦିଗାଲ, ପିଏମ ସ୍କିଲ ଡେଭଲପମେ□ ଶ୍ରୀ ଦେବେନ୍ଦ୍ର କର ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଅଜିତ ପାୱାରଙ୍କ ଅନ୍ତିମ ସଂସ୍କାରରେ ୩୦ ଲକ୍ଷର ଗହଣା ଚୋରି, ୮ ହଜାର ପୋଲିସ ଥିଲେ ନିୟୋଜିତ

ମହାରାଷ୍ଟ୍ର : ମହାରାଷ୍ଟ୍ର ବାରାମତିରେ ଲକ୍ଷଲକ୍ଷ ଲୋକ ନିଜ ପ୍ରିୟ ନେତା 'ଅଜିତ ଦାଦା'ଙ୍କ ଅନ୍ତିମ ଦର୍ଶନ କରିବା ପାଇଁ ପହଞ୍ଚିଥିଲେ । ଏହି ଦୁଃଖଦ ସମୟର ଫାଇଦା ଉଠାଇ ଚୋର ବଡ଼ କାରନାମା କରିଛି । ଅନ୍ତିମ ସଂସ୍କାର ସମୟରେ ସୁନା ଚେନ୍ ଚୋରି ହୋଇଥିବା ଘଟଣା ସାମ୍ନାକୁ ଆସିଛି । ପ୍ରାୟ ୩୦ ଲକ୍ଷ ଟଙ୍କାର ସୁନା ଚେନ୍ ଚୋରି ହୋଇଥିବା ଜଣାପଡିଛି । ୨୮ ଜାନୁଆରୀରେ ମହାରାଷ୍ଟ୍ରର ଉପ ମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ଦେହାନ୍ତ ବିମାନ ଦୁର୍ଘଟଣାରେ ହୋଇଥିଲା । ତାଙ୍କର ଅନ୍ତିମ ସଂସ୍କାର ବାରାମତି ସ୍ଥିତ ବିଦ୍ୟା ପ୍ରତିଷ୍ଠାନ ପଡିଆରେ ସଂପୂର୍ଣ୍ଣ ରାଜକୀୟ ସମ୍ମାନରେ ଅନ୍ତିମ ସଂସ୍କାର କରାଯାଇଥିଲା । ଅନ୍ତିମ ଦର୍ଶନ ପାଇଁ ମହାରାଷ୍ଟ୍ରର କୋଣ ଅନୁକୋଣରୁ ଲକ୍ଷ ଲକ୍ଷ ସଂଖ୍ୟାରେ ଲୋକ ବାରାମତି ପହଞ୍ଚିଥିଲେ । ପୁରା ସହର ଶୋକରେ ବୁଡ଼ିଥିଲା । ଯାହାର ଫାଇଦା ଉଠାଇଥିଲା ଚୋର । ପ୍ରାୟ ୩୦ ଲକ୍ଷ ଟଙ୍କାର ସୁନା ଚେନ୍ ଚୋରି ହୋଇଥିଲା । ଭିଡ଼ର ଫାଇଦା ଉଠାଇ ଚୋର ଲୋକଙ୍କୁ ଟାର୍ଗେଟ କରିଥିଲା । ପ୍ରାୟ ୧୫ ଜଣ ଲୋକଙ୍କ ବେକରୁ ସୁନା ଚେନ୍ ଚୋରି ହୋଇଥିବା ଜଣାପଡିଛି । ଚୋରି ହୋଇଥିବା ଗହଣାର ଦାମ୍ ପ୍ରାୟ ୩୦ ଲକ୍ଷ ଟଙ୍କା ହେବ ବୋଲି ଜଣାପଡିଛି । ଏମାନଙ୍କ ମଧ୍ୟରୁ କିଛି ସନ୍ଦିଗ୍ଧ ଚୋରକୁ ଲୋକମାନେ ଧରିପକାଇଥିଲେ । ଅଜିତ ପାୱାରଙ୍କ ଅନ୍ତିମ ସଂସ୍କାରରେ ପ୍ରାୟ ୮ ହଜାର ପୋଲିସ କର୍ମୀ ନିୟୋଜିତ ରହିଥିଲେ । ଏହାପରେ ମଧ୍ୟରେ ଚୋରି ଘଟଣା ଘଟିଥିଲା । ଯାହା ପୋଲିସ ବ୍ୟବସ୍ଥାକୁ ଏକ ବଡ଼ ଚ୍ୟାଲେଞ୍ଜ । ପୀଡିତ ନାଗରିକ ଅଭିଯୋଗ ଅନୁଯାୟୀ ପୋଲିସ ଥାନାରେ ମାମଲା ଦାୟର ହୋଇଥିଲା ।

# ମଦ୍ୟପ ଯାତ୍ରୀଙ୍କ ଉନ୍ମତ୍ତ କାଣ୍ଡ, ବିମାନରେ ପୋଷାକ ଖୋଲି...





ନୂଆଦିଲ୍ଲୀ : ଜଣେ ଯାତ୍ରୀ ବିମାନରେ ହଙ୍ଗାମା କରୁଥିବାର ଏକ ଭିଡିଓ ବର୍ତ୍ତମାନ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ମିଡିଆ ରିପୋର୍ଟ ଅନୁଯାୟୀ, ଏହି ଘଟଣା ଜାନୁଆରୀ ୨୯ ତାରିଖରେ ଘଟିଥିଲା, ଯେତେବେଳେ ଭିଏତନାମର ନହା ଟ୍ରାଙ୍ଗରୁ ବ୍ୟାଙ୍କକ ଯାଉଥିବା ଏକ ଅନ୍ତର୍ଜାତୀୟ ଏୟାରଏସିଆ ବିମାନରେ ଗଣ୍ଡଗୋଳ ହୋଇଥିଲା । ଉଡ଼ାଣ ଆରମ୍ଭ ହେବାର ମାତ୍ର କିଛି ମିନିଟ୍ ପରେ, ଜଣେ ଯାତ୍ରୀ ଅଜବ ବ୍ୟବହାର କରିବା ଆରମ୍ଭ କରିଥିଲେ, ଯାହା ଫଳରେ ପରିସ୍ଥିତି ଏତେ ଗମ୍ଭୀର ହୋଇଗଲା ଯେ ବିମାନକୁ ଜରୁରୀକାଳୀନ ଅବତରଣ କରିବାକୁ ପଡିଲା । ରିପୋର୍ଟ ଅନୁଯାୟୀ, ରୁଷିଆ ବ୍ୟକ୍ତି ଉଡ଼ାଣ ଆରମ୍ଭ କରିବାର କିଛି ସମୟ ପରେ ଅସ୍ୱାଭାବିକ ବ୍ୟବହାର କରିବା ଆରମ୍ଭ କରିଥିଲେ ଏବଂ ନିଶାଗ୍ରସ୍ତ ଥିବା ପରି ଦେଖାଯାଉଥିଲେ । ଯାତ୍ରୀମାନେ କହିଛନ୍ତି ଯେ ସେ କ୍ରମଶଃ ଅସ୍ଥିର ହୋଇଗଲେ । ସେ ହଠାତ୍ ନିଜର ପୋଷାକ କାଢ଼ିବାକୁ ଲାଗିଲେ ଏବଂ କେବଳ ଅନ୍ତଃବସ୍ତ୍ର ପିନ୍ଧି କ୍ୟାବିନରେ ଦ୍ରୁତ ଗତିରେ ଦୌଡ଼ିବାକୁ ଲାଗିଲେ । ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁସାରେ, ସେ ଶୌଚାଳୟକୁ ଅନେକ ଥର ଗଲେ, ତା'ପରେ କ୍ୟାବିନ କ୍ରୁଙ୍କ ସହ ଯୁକ୍ତିତର୍କ କରିବାକୁ ଲାଗିଲେ ଏବଂ ଶୀଘ୍ର ଆକ୍ରମଣାତ୍ମକ ହୋଇଗଲେ । କ୍ୟାବିନ କ୍ରୁ ରିପୋର୍ଟ କରିଛନ୍ତି ଯେ ସେ ବାରମ୍ବାର ଚିତ୍କାର କରୁଥିଲେ, ଧମକ ଦେଉଥିଲେ ଏବଂ ବିମାନର ଦ୍ୱାର ଖୋଲିବାକୁ ଜିଦ୍ କରୁଥିଲେ । ସେ ଦାବି କରିଥିଲେ ଯେ ସେ ବିମାନରୁ ଡେଇଁପଡ଼ିବାକୁ ଚାହୁଁଥିଲେ, ଯାହା ଫଳରେ ଯାତ୍ରୀମାନଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି ହୋଇଥିଲା । ଏକ ଟେଲିଗ୍ରାମ ରିପୋର୍ଟରେ କୁହାଯାଇଛି ଯେ ସେ ଶେଷରେ କେବଳ ନିଜ ଅନ୍ତଃବସ୍ତ୍ର ପିନ୍ଧି କ୍ୟାବିନ ମଧ୍ୟ ଦେଇ ଦୌଡ଼ି ପଳାଇଥିଲେ ଏବଂ ବିମାନରୁ ଡେଇଁବାକୁ ଚେଷ୍ଟା କରିଥିଲେ । ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଯାଉଥିବା ଦେଖି, ସମସ୍ତ ଯାତ୍ରୀ ଏବଂ କର୍ମଚାରୀଙ୍କ ସୁରକ୍ଷାକୁ ଭୟ କରି କ୍ରୁ ତୁରନ୍ତ ଜରୁରୀକାଳୀନ ଅବତରଣ କରିବାକୁ ନିଷ୍ପତ୍ତି ନେଇଥିଲେ । ବିମାନ ଅବତରଣ କରିବା ମାତ୍ରେ, ବ୍ୟକ୍ତି ଜଣକ ଅନୁମତି ବିନା ଖସି ପଳାଇବାକୁ ଚେଷ୍ଟା କରିଥିଲେ ଏବଂ ତାଙ୍କ ଗୋଡରେ ଆଘାତ ଲାଗିଥିଲା । ତଥାପି, ବିମାନବନ୍ଦରରେ ଥାଇ ପୋଲିସ ତୁରନ୍ତ ତାଙ୍କୁ ଗିରଫ କରି ହେପାଜତକୁ ନେଇଥିଲା । ଯାତ୍ରୀଙ୍କୁ ବର୍ତ୍ତମାନ ପଚରାଉଚରା କରାଯାଉଛି, ଏବଂ ସେ ନିଶାଗ୍ରସ୍ତ ଥିଲେ କି ମାନସିକ ଭାବରେ ଅସ୍ଥିର ଥିଲେ ତାହା ତଦନ୍ତ କରାଯାଉଛି ।

## ୯୦ ବର୍ଷ ବୟସରେ ଗ୍ରାମୀ ଆୱାର୍ଡ ଜିତିଲେ ଦଲାଇ ଲାମା



ଗ୍ରାମୀ ଆୱାର୍ଡ ଜିତିଲେ ଦଲାଇ ଲାମା । ୯୦ ବର୍ଷ ବୟସରେ ମ୍ୟୁଜିକର ସବୁଠୁ ବଡ଼ ଆୱାର୍ଡ ଜିତିଛନ୍ତି ତିବ୍ବତୀୟ ଧର୍ମଗୁରୁ ଦଲାଇ ଲାମା । ତାଙ୍କର ଆଲବମ୍ ମେଡିଟେସନ୍- ଦ ରିଫ୍ଲେକ୍ସନ ଅଫ୍ ହିଜ୍ ହଲିନେସ୍ ଦ ଦଲାଇ ଲାମା ପାଇଁ ଏହି ଆୱାର୍ଡ ପାଇଛନ୍ତି । ଏହି ଆଲବମ୍ ସ୍ପୋକେନ୍ ୱାର୍ଡ ଏବଂ ଗ୍ରାମୀର ସର୍ବୋତ୍ତମ ଅଡିଓ ବୁକ୍ , ନାରେସନ ଓ ଷ୍ଟୋରି ଟେଲିଂ ବର୍ଗରେ ଜିତିଛି । ଏଥିରେ ଦଲାଇ ଲାମାଙ୍କ ଶାନ୍ତି, ଦୟା, ଆଶା ଓ ପରିବେଶ ରକ୍ଷା ବିଷୟରେ ବାର୍ତ୍ତା ରହିଛି । ଏହାକୁ ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତ ସହ ମିଶାଇ ସୁନ୍ଦର କରାଯାଇଛି । ବିଖ୍ୟାତ ସରୋଦ ବାଦକ ଅମଜଦ୍ ଅଲି ଖାନ୍ ଓ ତାଙ୍କର ଦୁଇ ପୁଅ ଆମାନ ଆଲି ବଙ୍ଗଶ୍ ଓ ଆୟାନ ଆଲି ବଙ୍ଗଶ୍ ଏହାର କମ୍ପୋଜ କରିଛନ୍ତି । ଏହି ମିଶ୍ରଣ ଆଧ୍ୟାତ୍ମିକତା ଓ ସଙ୍ଗୀତକୁ ଏକାଠି କରି ସମଗ୍ର ବିଶ୍ୱକୁ ଶାନ୍ତିର ସନ୍ଦେଶ ଦେଇଛି । ଲସ୍ ଏଞ୍ଜେଲସରେ ୬୮ତମ ଗ୍ରାମି ଆୱାର୍ଡ ଆୟୋଜିତ ହୋଇଥିଲା ।

## ନିର୍ବାଚନ କମିଶନଙ୍କୁ ମମତାଙ୍କ ଚେତାବନୀ: ଦିଲ୍ଲୀରେ ହେବ ଲଢେଇ

ନୂଆଦିଲ୍ଲୀ, ୨।୨: ଭୋଟର ତାଲିକା ସଂଶୋଧନ ପ୍ରସଙ୍ଗରେ ନିର୍ବାଚନ କମିଶନଙ୍କୁ କଡା ଚେତାବନୀ ଦେଇଛନ୍ତି ମମତା ବାନାର୍ଜୀ । ସେ ଅଭିଯୋଗ କରିଛନ୍ତି ଯେ, ସ୍ପେଶାଲ ଇନଟେନସିଭ ରିଭିଜନ୍ (ଏସଆଇଆର) ନାମରେ ପ୍ରକୃତ ଭୋଟରଙ୍କ ନାମ ତାଲିକାରୁ ବାଦ୍ ଦିଆଯାଉଛି । ଏହି ପ୍ରସଙ୍ଗରେ ସୋମବାର ନୂଆଦିଲ୍ଲୀରେ ନିର୍ବାଚନ କମିଶନଙ୍କୁ ଭେଟିବା ପରେ ମମତା କହିଛନ୍ତି ଯେ, ସେ ଲକ୍ଷ ଲକ୍ଷ ଲୋକଙ୍କୁ ଦିଲ୍ଲୀ ଆଣି ନିର୍ବାଚନ କମିଶନଙ୍କ ସମ୍ମୁଖରେ ପ୍ୟାରେଡ୍ କରାଇପାରିବେ । ଏଥିସହ ସେ ଭାଜପା ଶାସିତ ଆସାମର ଉଦାହରଣ ଦେଇ ପ୍ରଶ୍ନ କରିଛନ୍ତି ଯେ, ଯେଉଁଠାରେ ବେଆଇନ ଅନୁପ୍ରବେଶ ଏକ ବଡ଼ ସମସ୍ୟା, ସେଠାରେ କାହିଁକି ଏସଆଇଆର କାର୍ଯ୍ୟକାରୀ କରାଗଲା ନାହିଁ? ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପୂର୍ବରୁ ରାଜନୈତିକ ବାତାବରଣ ସରଗରମ ଥିବାବେଳେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସିଧାସଳଖ ନିର୍ବାଚନ କମିଶନଙ୍କୁ ଟାର୍ଗେଟ କରିଛନ୍ତି ।

## ପୁଣି ଇଣ୍ଡିଗୋ ବିମାନକୁ ବୋମା ଧମକ, ବାରାଣାସୀ ବିମାନବନ୍ଦରରେ ଜରୁରୀ ଅବତରଣ



ବାରାଣାସୀ : ପୁଣିଥରେ ବିମାନକୁ ବୋମା ଧମକ । ଇଣ୍ଡିଗୋ ଏୟାରଲାଇନ୍ସର ବିମାନକୁ ବୋମା ଧମକ ମିଳିବା ପରେ ବାରାଣାସୀର ଲାଲ ବାହାଦୂର ଶାସ୍ତ୍ରୀ ଏୟାରପୋର୍ଟରେ ଜରୁରୀ ଅବତରଣ କରିଛି । ବିମାନ ଜରୁରୀ ଅବତରଣ କରିବା ପରେ ବୋମା ନିରୋଧକାରୀ ଟିମ, ଦମକଳ ଗାଡ଼ି ଏବଂ ପୋଲିସ ପହଞ୍ଚି ଯାଞ୍ଚ ଆରମ୍ଭ କରିଛନ୍ତି । ପୋଲିସ ସୂଚନା ମୁତାବକ, ହାଇଦ୍ରାବାଦରୁ ବାରାଣାସୀ ଯାଉଥିବା ଇଣ୍ଡିଗୋ ଏୟାରଲାଇନ୍ସର ବିମାନରେ ଏକ କାଗଜ ଖଣ୍ଡରେ ବିମାନରେ ବୋମା ଥିବା ଲେଖାଯାଇଥିଲା, ଆଉ କୌଣସି ସମୟରେ ଫାଟି ଯାଇପାରେ ବୋଲି ମଧ୍ୟ ଲେଖାଯାଇଥିଲା । ବିମାନ ପାଇଲଟ ଦଳ ସମସ୍ତଙ୍କୁ ସୂଚନା ଦେବା ପରେ, ବାରାଣାସୀର ବାବତପୁର ବିମାନବନ୍ଦରରେ ବିମାନଟି ସୁରକ୍ଷା କାରଣରୁ ଜରୁରୀକାଳୀନ ଅବତରଣ କରିଥିଲା । ବିମାନକୁ ରନୱେରେ ଅଟକାଯାଇ ଯାତ୍ରୀମାନଙ୍କୁ ସୁରକ୍ଷିତ ଓହ୍ଲାଇ ଦିଆଯାଇଥିଲା । ବୋମା ସୂଚନା ମିଳିବା ପରେ ବୋମା ନିଷ୍କ୍ରିୟକାରୀ ଟିମ, ଦମକଳ ବିଭାଗ କର୍ମଚାରୀ, ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଥିଲା । ଯାଞ୍ଚ ସମୟରେ କୌଣସି ସନ୍ଦିଗ୍ଧ ବସ୍ତୁ ମିଳିନଥିଲା । ଏହି ମାମଲାରେ ସୁରକ୍ଷା ଏଜେନ୍ସୀ ଯାଂଚ କରୁଛି ।

## ସରକାରୀ କର୍ମଚାରୀଙ୍କ ବିରୁଦ୍ଧରେ ଯୋଗୀ ସରକାରଙ୍କ ବଡ଼ କାର୍ଯ୍ୟାନୁଷ୍ଠାନ, ୬୮ ହଜାର କର୍ମଚାରୀଙ୍କ ଦରମା ବନ୍ଦ



ଲକ୍ଷ୍ନୌ : ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ସରକାରୀ କର୍ମଚାରୀଙ୍କ ବିରୁଦ୍ଧରେ ବଡ଼ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି । ସମ୍ପତ୍ତି ବିବରଣୀ ପ୍ରଦାନ କରିବାରେ ବିଫଳ ଯୋଗୁଁ ରାଜ୍ୟ ସରକାର ୬୮,୨୩୬ ସରକାରୀ କର୍ମଚାରୀଙ୍କ ଦରମା ବନ୍ଦ କରିଦେଇଛନ୍ତି । ଉତ୍ତରପ୍ରଦେଶର ୬୬,୨୩୬ ସରକାରୀ କର୍ମଚାରୀଙ୍କ ଜାନୁଆରୀ ୨୦୨୬ ଦରମା ବନ୍ଦ କରିଦିଆଯାଇଛି । ଯୋଗୀ ସରକାରଙ୍କ ଜିରୋ-ଟଲେରାନ୍ସ ଦୁର୍ନୀତି ନୀତି ଅଧୀନରେ ଏହି ପଦକ୍ଷେପ ନିଆଯାଇଥିଲା, ଯାହା ରାଜ୍ୟ କର୍ମଚାରୀମାନଙ୍କୁ ସେମାନଙ୍କର ସ୍ଥାବର ଏବଂ ଅସ୍ଥାବର ସମ୍ପତ୍ତିର ବିବରଣୀ ପ୍ରଦାନ କରିବାକୁ ବାଧ୍ୟ କରିଥିଲା । ୟୁପିରେ ମୋଟ ୮,୬୬,୨୬୧ ସରକାରୀ କର୍ମଚାରୀ ରହିଛନ୍ତି । ଏହି ନିଷ୍ପତ୍ତି କର୍ମଚାରୀଙ୍କ ପ୍ରତି ସରକାରଙ୍କ କଠୋରତାକୁ ପ୍ରତିଫଳିତ କରେ ବୋଲି ବିଶ୍ୱାସ କରାଯାଏ । ସମ୍ପତ୍ତି ବିବରଣୀ ଦାଖଲ କରିବାର ଶେଷ ତାରିଖ ଜାନୁଆରୀ ୩୧, ୨୦୨୬ ଧାର୍ଯ୍ୟ କରାଯାଇଥିଲା, କିନ୍ତୁ ଏହି ଶେଷ ତାରିଖ ସୁଦ୍ଧା ୬୮,୦୦୦ କର୍ମଚାରୀ ମାନବ ସମ୍ପଦ ପୋର୍ଟାଲରେ ସେମାନଙ୍କର ସମ୍ପତ୍ତି ବିବରଣୀ ଅପଲୋଡ୍ କରିବାରେ ବିଫଳ ହୋଇଥିଲେ । ଏମାନଙ୍କ ମଧ୍ୟରୁ ସର୍ବାଧିକ ସଂଖ୍ୟକ, ୩୪,୯୨୬ ତୃତୀୟ ଶ୍ରେଣୀର କର୍ମଚାରୀ ଥିଲେ । ଯୋଗୀ ସରକାର ସ୍ପଷ୍ଟ କରିଛନ୍ତି ଯେ, ଯଦି ଏହି କର୍ମଚାରୀମାନେ ସମ୍ପତ୍ତି ବିବରଣୀ ପ୍ରଦାନ ନ କରନ୍ତି, ତେବେ ସେମାନଙ୍କର ଜାନୁଆରୀ ମାସର ଦରମା ଫେବୃଆରୀ ମାସରେ ଦିଆଯିବ ନାହିଁ । ତେବେ ଏହି ନିର୍ଦ୍ଦେଶ ପରେ ହୁଏତ ସେମାନେ ବିବରଣୀ ଦେଇପାରନ୍ତି । ଯେଉଁ କର୍ମଚାରୀମାନଙ୍କର ଦରମା ବନ୍ଦ କରାଯାଉଛି ସେମାନଙ୍କ ମଧ୍ୟରେ ଲୋକ ନିର୍ମାଣ ବିଭାଗ, ରାଜସ୍ୱ, ବେସିକ ଏବଂ ମାଧ୍ୟମିକ ଶିକ୍ଷା, ସମାଜ କଲ୍ୟାଣ, ମହିଳା କଲ୍ୟାଣ, ସମବାୟ, ଅବକାରୀ, ଖାଦ୍ୟ ଲଜିଷ୍ଟିକ୍ସ, ଡାକ୍ତରୀ ଶିକ୍ଷା, ଗ୍ରାମୀଣ ଇଞ୍ଜିନିୟରିଂ, ପଶୁପାଳନ, ପରିବହନ, ଉଦ୍ୟାନ କୃଷି ଏବଂ ଅନ୍ୟାନ୍ୟ ବିଭାଗ ଅନ୍ତର୍ଭୁକ୍ତ । ଏହି ବିଭାଗର କର୍ମଚାରୀମାନେ ଏପର୍ଯ୍ୟନ୍ତ ପୋର୍ଟାଲରେ ସେମାନଙ୍କର ସମ୍ପତ୍ତି ବିବରଣୀ ଅପଲୋଡ୍ କରିନାହାଁନ୍ତି ।

## ଓରାକଲ ୩୦ ହଜାର ଛଟେଇ କରିବ

ନୂଆଦିଲ୍ଲୀ: ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ)ର ବ୍ୟାପକ ପ୍ରସାର ପରେ ପ୍ରଯୁକ୍ତି ଦୁନିଆରେ ଛଟେଇ ଏକ ସ୍ୱାଭାବିକ ଘଟଣାରେ ପରିଣତ ହୋଇଗଲାଣି । ନିୟମିତ ବ୍ୟବଧାନରେ ବଡ଼ ବଡ଼ ପ୍ରଯୁକ୍ତି କମ୍ପାନିଗୁଡ଼ିକ କର୍ମଚାରୀ ଛଟେଇ କରୁଛନ୍ତି । ସେଭଳି କମ୍ପାନିଗୁଡ଼ିକର ଲମ୍ବା ତାଲିକାରେ ଓରାକଲ ନାମ ଯୋଡ଼ିହୋଇଛି । କମ୍ପାନି ୩୦ ହଜାର କର୍ମଚାରୀଙ୍କୁ ଛଟେଇ କରିବ । ଚାଟଜିପିଟିର ନିର୍ମାତା ଓପନଏଆଇ ସହ କମ୍ପାନି ଏକ ୩୦୦ ବିଲିଅନ ଡଲାରର ସହଯୋଗିତା । ଓପନଏଆଇ ପାଇଁ କମ୍ପାନି ଏଆଇ ଡାଟା ସେଣ୍ଟର ନିର୍ମାଣ କରିବ । ସେଥିପାଇଁ ବିପୁଳ ପାଣ୍ଠି ଆବଶ୍ୟକ ? ହେଉଥିବା ବେଳେ କର୍ମଚାରୀ ଛଟେଇ କରି କମ୍ପାନି ୮-୧୦ ବିଲିଅନ ଡଲାର ସଞ୍ଚୟ କରିବାକୁ ଲକ୍ଷ୍ୟ ରଖିଛି । ଓପନଏଆଇ ସହ ସହଯୋଗିତା ଓରାକଲ ଉପରେ ଆର୍ଥିକ ଚାପ ସୃଷ୍ଟି କରିଛି ।

## ପାକିସ୍ତାନରେ ବଲୋଚ ବିଦ୍ରୋହୀଙ୍କ ଭିତରେ ମହିଳା ଆତ୍ମଘାତୀଙ୍କ ସଂଖ୍ୟା ବୃଦ୍ଧି

ଇସଲାମାବାଦ: ଶନିବାର ପାକିସ୍ତାନର ବଲୁଚିସ୍ତାନରେ ଅନେକ ବନ୍ଧୁକ ଆକ୍ରମଣ ଓ ଏକାଧିକ ଆତ୍ମଘାତୀ ବୋମା ବିସ୍ଫୋରଣରେ ଅତି କମ୍ ?ରେ ୩୩ ଜଣଙ୍କର ମୃତ୍ୟୁ ଘଟିଛି । ପାକିସ୍ତାନୀ ସେନା କହିଛି ଯେ, ଏହାର ସୈନ୍ୟବାହିନୀ ହିଂସାର ଜବାବ ଦେଇ ୯୨ ଜଣ ବିଦ୍ରୋହୀଙ୍କୁ ହତ୍ୟା କରିଛି । ବଲୋଚ ବିଦ୍ରୋହୀମାନେ ସାଧାରଣ ନାଗରିକ, ଏକ ଉଚ୍ଚ ସୁରକ୍ଷା କାରାଗାର, ପୁଲିସ ଷ୍ଟେସନ ଓ ପାରାମିଲିଟାରୀ ପ୍ରତିଷ୍ଠାନକୁ ଟାର୍ଗେଟ୍ କରିଥିଲେ । ମୃତକଙ୍କ ମଧ୍ୟରେ ୧୮ ଜଣ ସାଧାରଣ ନାଗରିକ, ୧୫ ଜଣ ସୁରକ୍ଷା କର୍ମୀ ଓ ୯୨ ଜଣ ବିଦ୍ରୋହୀ ଅଛନ୍ତି ବୋଲି ସେନା କହିଛି । କ୍ଷେତ୍ରଫଳ ଅନୁଯାୟୀ ପାକିସ୍ତାନର ବୃହତ୍ତମ ପ୍ରଦେଶ ବଲୁଚିସ୍ତାନ ଦୀର୍ଘ ଦିନ ଧରି ଅଶାନ୍ତିର ବଳୟରେ ରହିଛି । ସଶସ୍ତ୍ର ବଲୋଚ ଗୋଷ୍ଠୀ କହିଛନ୍ତି ଯେ ସେମାନଙ୍କ ଲଢ଼େଇ ରାଜନୈତିକ ଓ ଅର୍ଥନୈତିକ ଅବହେଳା ତଥା ସେମାନଙ୍କ ସମ୍ବଳର ଶୋଷଣ ବିରୋଧରେ । ବଲୋଚ ବିଦ୍ରୋହୀ ଜାତୀୟତାବାଦୀ ଓ ବିଚ୍ଛିନ୍ନତାବାଦୀ ଗୋଷ୍ଠୀ ବଲୁଚିସ୍ତାନ ପାଇଁ ଅଧିକ ସ୍ୱାୟତ୍ତତା ଓ ସ୍ୱାଧୀନତା ଦାବି କରୁଛନ୍ତି । ବଲୋଚ ଲିବରେସନ ଆର୍ମି (ବିଏଲ୍ଏ) ଓ ବଲୋଚ ଲିବରେସନ ଫ୍ରଣ୍ଟ (ବିଏଲ୍ଏଫ୍) ପରି ଗୋଷ୍ଠୀ ଇସଲାମାବାଦ ବିରୋଧରେ ସମ୍ବଳ ଶୋଷଣ ଓ ରାଜନୈତିକ ଅବହେଳା ନେଇ ଅଭିଯୋଗ କରିଛନ୍ତି । ପାକିସ୍ତାନ ଏହି ଗୋଷ୍ଠୀକୁ ଆତଙ୍କବାଦୀ ସଂଗଠନ ଭାବରେ ନାମିତ କରିଛି, ସେମାନଙ୍କ କାର୍ଯ୍ୟକଳାପ ପାଇଁ ବିଦେଶୀ (ଭାରତୀୟ) ପ୍ରଭାବ ଓ ଆପରାଧିକ ନେଟୱାର୍କକୁ ଦାୟୀ କରିଛି । ନିକଟ ଅତୀତରେ, ମହିଳାମାନେ ଆତ୍ମଘାତୀ ବୋମା ବିସ୍ଫୋରଣ ସମେତ ସକ୍ରିୟ ଯୁଦ୍ଧ ଭୂମିକା ଗ୍ରହଣ କରିଛନ୍ତି । ପ୍ରାରମ୍ଭିକ ବଲୋଚ ବିଦ୍ରୋହରେ ପୁରୁଷଙ୍କ ପ୍ରାଧାନ୍ୟ ଥିଲା । ଆତ୍ମଘାତୀ ଆକ୍ରମଣ ବିରଳ ଏବଂ ଅନେକ ସମୟରେ ସମାଲୋଚିତ ହେଉଥିଲା । ୨୦୨୨ ପରଠାରୁ ବଲୋଚ ଗୋଷ୍ଠୀ ଆତ୍ମଘାତୀ ମିସନକୁ ଗ୍ରହଣ କରିଛନ୍ତି ଏବଂ ଏଥିରେ ମହିଳାମାନଙ୍କୁ ଆଗରେ ରଖିଛନ୍ତି । ପାରମ୍ପରିକ ଭାବରେ, ବିଦ୍ରୋହ ସହିତ ଜଡିତ ମହିଳାମାନେ ରାଜନୈତିକ ବାର୍ତ୍ତା ବିସ୍ତାର କରିବା, ପାଣ୍ଠି ସଂଗ୍ରହ କରିବା, ଯୋଦ୍ଧାଙ୍କ ପରିବାରକୁ ସମର୍ଥନ କରିବା କିମ୍ବା ଅଧିକାର ଭିତ୍ତିକ ବିକ୍ଷୋଭରେ ଅଂଶଗ୍ରହଣ କରିବା ଭଳି ପରୋକ୍ଷ ଭୂମିକା ଗ୍ରହଣ କରିଥିଲେ । ଏପ୍ରିଲ୍ ୨୦୨୨ରେ, ବିଏଲ୍ଏ ବଲୋଚ ବିଦ୍ରୋହରେ ପ୍ରଥମ ନିଶ୍ଚିତ ମହିଳା ଆତ୍ମଘାତୀ ବୋମା ବିସ୍ଫୋରଣ କରିଥିଲା, ତା'ପରେ ପରବର୍ତ୍ତୀ ତିନି ବର୍ଷ ମଧ୍ୟରେ ଅଧିକ ମାମଲା ଘଟିଥିଲା । ବଲୁଚିସ୍ତାନର ପୁରୁଷପ୍ରଧାନ ସମାଜରେ, ଆତ୍ମଘାତୀ ଆକ୍ରମଣ କରୁଥିବା ଜଣେ ମହିଳା ଏକ ବାର୍ତ୍ତା ପଠାନ୍ତି । ବିଦ୍ରୋହୀମାନେ ଏହାକୁ ପ୍ରମାଣ ଭାବରେ ପ୍ରସ୍ତୁତ କରନ୍ତି ଯେ ଦମନ ମହିଳାମାନଙ୍କୁ ମଧ୍ୟ ଚରମ ହିଂସା କରିବାକୁ ବାଧ୍ୟ କରିଛି । ମହିଳାଙ୍କ ଅଂଶଗ୍ରହଣ ପୁରୁଷମାନଙ୍କୁ ବିଦ୍ରୋହରେ ଯୋଗ ନ ଦେବା ପାଇଁ ଲଜ୍ଜିତ କରିବା ପାଇଁ ମଧ୍ୟ ବ୍ୟବହୃତ ହୁଏ ।

# ବିବାହର ୨ ମାସ ପରେ ସ୍ୱାମୀଙ୍କୁ ହତ୍ୟା କଲା ୟୁପି ମହିଳା





ବରେଲି: ଜାନୁଆରି ୨୬ ତାରିଖରେ ଉତ୍ତରପ୍ରପ୍ରଦେଶ ବରେଲିର ଏକ ଭଡ଼ା ଘରେ ଜଣେ ବ୍ୟକ୍ତିଙ୍କ ଝୁଲନ୍ତା ଶବ ଉଦ୍ଧାର କରାଯାଇଥିଲା । ସେ ଆତ୍ମହତ୍ୟା କରି ନାହାନ୍ତି ବରଂ ହତ୍ୟା କରାଯାଇଛି ବୋଲି ଅନୁସନ୍ଧାନରୁ ଜଣାପଡ଼ିବା ପରେ ରବିବାର ବରେଲିର ଗୋଟିଏ ପରିବାରର ତିନି ଜଣ ସଦସ୍ୟଙ୍କୁ ଗିରଫ କରାଯାଇଛି । ପୁଲିସ କହିଛି ଯେ, ଅନଲାଇନ୍ ଜୁଆ ଖେଳରେ ୨୦,୦୦୦ ଟଙ୍କା ହରାଇବା ପରେ ଜିତେନ୍ଦ୍ର ଯାଦବଙ୍କୁ ତାଙ୍କ ପତ୍ନୀ ଗଳା ଚିପି ହତ୍ୟା କରିଥିଲେ । ବିବାହର ମାତ୍ର ୨ ମାସ ପରେ ଏହି ଘଟଣା ଘଟିଥିବା ବେଳେ ତଦନ୍ତକାରୀଙ୍କୁ ବିଭ୍ରାନ୍ତ କରିବା ପାଇଁ ପତ୍ନୀ ତାଙ୍କ ପରିବାର ସଦସ୍ୟଙ୍କ ସହାୟତାରେ ମୃତଦେହକୁ ଭଡା ଘରେ ଟାଙ୍ଗି ଆତ୍ମହତ୍ୟାର ରୂପ ଦେଇଥିଲେ । ପ୍ରାଥମିକ ପର୍ଯ୍ୟବେକ୍ଷଣ ଓ ଜିତେନ୍ଦ୍ରଙ୍କ ଭାଇଙ୍କ ଅଭିଯୋଗକୁ ଆଧାର କରି ପ୍ରଥମେ ଏହି ମାମଲା ଆତ୍ମହତ୍ୟା ଭାବରେ ପଞ୍ଜୀକୃତ ହୋଇଥିଲା । ପରେ ପୋଷ୍ଟମର୍ଟମ ପରୀକ୍ଷାରୁ ନିଶ୍ଚିତ ହେବା ପରେ ହତ୍ୟା ମାମଲା ରୁଜୁ କରାଯାଇଥିଲା । ବେକରେ କ୍ଷତରୁ ଏହା ଆତ୍ମହତ୍ୟା ନୁହେଁ ହତ୍ୟା ବୋଲି ଫୋରେନସିକ ଅଧିକାରୀମାନେ କହିଥିଲେ । ଫୋରେନସିକ୍ ପ୍ରମାଣ ଦର୍ଶାଇଲା ଯେ ଶରୀରର ସ୍ଥିତି, ଷ୍ଟୁଲର ସ୍ଥାନ ଓ ମୃତକଙ୍କ ଶାରୀରିକ ଅବସ୍ଥା ଆତ୍ମହତ୍ୟା ସହିତ ଅସଙ୍ଗତ ଥିଲା । ପୁଲିସ ଅଧିକାରୀଙ୍କ କହିବା ଅନୁସାରେ, ନଅ ବର୍ଷର ସମ୍ପର୍କ ପରେ ଜିତେନ୍ଦ୍ର ଗତବର୍ଷ ନଭେମ୍ବର ୨୫ରେ ଜ୍ୟୋତିଙ୍କୁ ବିବାହ କରିଥିଲେ ଏବଂ ଘଟଣା ଘଟିଥିବା ଭଡା ଘରେ ଦମ୍ପତି ଏକାଠି ରହୁଥିଲେ । ବିବାହର କିଛି ଦିନ ପରେ ରୋଡୱେଜ୍ କଣ୍ଡକ୍ଟର ଜ୍ୟୋତି ଜିତେନ୍ଦ୍ରଙ୍କୁ ତାଙ୍କ ପୈତୃକ ସମ୍ପତ୍ତି ବିକ୍ରୟ କରି ତାଙ୍କ ନାଁରେ ଘର ଓ କାର୍ କିଣିବାକୁ ଚାପ ପକାଇବା ଆରମ୍ଭ କରିଥିଲେ । ଯେତେବେଳେ ସେ ମନା କଲେ, ଜ୍ୟୋତି ଓ ତାଙ୍କ ପରିବାର ତାଙ୍କ ବିରୋଧରେ ଯୌତୁକ ମାମଲା ରୁଜୁ କରିବାକୁ ଧମକ ଦେଇଥିଲେ । ଏହା ଜିତେନ୍ଦ୍ରଙ୍କ ପରିବାର ଭିତରେ ସନ୍ଦେହ ସୃଷ୍ଟି କରିଥିଲା, ଯାହା ଫଳରେ ସେ କେଉଁ ପରିସ୍ଥିତିରେ ମୃତ୍ୟୁବରଣ କରିଥିଲେ ତାହା ଉପରେ ପ୍ରଶ୍ନ ଉଠାଇଥିଲେ । ପଚରାଉଚରା ସମୟରେ ଜ୍ୟୋତି ପୁଲିସକୁ କହିଛନ୍ତି ଯେ, ଜୁଆ ଖେଳରେ ଜିତେନ୍ଦ୍ର ୨୦,୦୦୦ ଟଙ୍କା ହରାଇବାକୁ ନେଇ ଘଟଣା ଦିନ ଯୁକ୍ତିତର୍କ ହୋଇଥିଲା । ବିବାଦ ସମୟରେ ସେ ତାଙ୍କ ବେକକୁ ଚାପି ଦେଇଥିଲେ, ଯାହାଫଳରେ ତାଙ୍କର ମୃତ୍ୟୁ ଘଟିଥିଲା । ପରେ ଜ୍ୟୋତି ତାଙ୍କ ପିତାମାତାଙ୍କ ସହ ଯୋଗାଯୋଗ କରିଥିଲେ ଏବଂ ସେମାନେ ମିଳିତ ଭାବରେ କୋଠରି ଭିତରେ ଥିବା ଭେଣ୍ଟିଲେଟରରୁ ମଫଲରରେ ମୃତଦେହକୁ ଟାଙ୍ଗି ଆତ୍ମହତ୍ୟା ବୋଲି ଦର୍ଶାଇବାକୁ ଚେଷ୍ଟା କରିଥିଲେ । ପୁଲିସ ଜ୍ୟୋତି, ତାଙ୍କ ପିତା ଓ ମାତାଙ୍କୁ ଗିରଫ କରିଛି ।

# ଟି-ଟ୍ୱେଣ୍ଟି ବିଶ୍ୱକପ୍ ଡ୍ରାମା : ଶ୍ରୀଲଙ୍କା ଗଲା ପାକିସ୍ତାନ ଦଳ



ନୂଆଦିଲ୍ଲୀ,୨।୨: ଭାରତ ସହ ଖେଳିବାକୁ ମନା କରିବା ପରେ ପାକିସ୍ତାନ ସୋମବାର ଟ୍ୱେଣ୍ଟି-୨୦ ବିଶ୍ୱକପ୍ ଲାଗି ଶ୍ରୀଲଙ୍କା ଗସ୍ତ କରିଛି। ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି) ପକ୍ଷରୁ ସାମାଜିକ ଗଣମାଧ୍ୟମ୍ ପୋଷ୍ଟ ହୋଇଥିବା ଭିଡିଓରେ ଖେଳାଳିମାନେ ନୂଆ। ବିଶ୍ୱକପ୍ ଜର୍ସି ପିନ୍ଧି ଲାହୋରର ଏକ ହୋଟେଲରୁ ବସ୍‌ରେ ବିମାନବନ୍ଦର ଯାଉଥିବାର ଦେଖାଯାଇଛି। ଭାରତ ଓ ଶ୍ରୀଲଙ୍କା ବିଶ୍ୱକପ୍‌ର ଆୟୋଜକ ରହିଛନ୍ତି।ଭାରତ ସହ ବିବାଦ ଚାଲିଥିବାରୁ ଶ୍ରୀଲଙ୍କାରେ ପାକିସ୍ତାନ ତାର ସମସ୍ତ ଗ୍ରୁପ୍ ଓ ନକ୍‌ଆଉଟ୍ ମ୍ୟାଚ୍ ଖେଳିବ ବୋଲି ସୂଚୀ ଚୂଡ଼ାନ୍ତ ହୋଇଛି ।

ରବିବାର ପାକିସ୍ତାନ ସରକାର ଏହା ଦଳକୁ ବିଶ୍ୱକପ୍ ଖେଳିବାକୁ ଅନୁମତି ଦେଇଥିଲାବେଳେ କଲମ୍ବୋରେ ଫେବୃଆରି ୧୫ ତାରିଖରେ ଖେଳାଯିବାକୁ ଥିବା ଭାରତ ବିପକ୍ଷ ଗ୍ରୁପ୍ ମ୍ୟାଚ୍ ବୟକଟ୍ କରିବାକୁ କହିଥିଲା ସରକାର ପକ୍ଷରୁ ଏକ୍ସରେ ହୋଇଥିବା ପୋଷ୍ଟ ଉପରେ କେଣସି ସ୍ପଷ୍ଟୀକରଣ ଦିଆଯାଇନି। ଏପରିକି ଆଇସିସିକୁ ମଧ୍ୟ ଆନୁଷ୍ଠାନିକ ଭାବେ ଏହା ଉପରେ କେଣସି ସୂଚନା ଦେଇନି ପିସିବି। ବିନା କାରଣରେ ବିଶ୍ୱକପ୍‌ରୁ ଓହରିବାକୁ ଚିନ୍ତା ନ କରିବାକୁ ପାକିସ୍ତାନକୁ ପୂର୍ବରୁ ଆଇସିସି ଚେତାବନୀ ଦେବା ସହ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲା ।

ଭାରତ-ପାକିସ୍ତାନ ଗତ ୧୪ ବର୍ଷ ହେଲା ଦ୍ୱିପାକ୍ଷିକ ଶୃଙ୍ଖଳା ଖେଳି ନଥିଲା ବେଳେ କେବଳ ଆଇସିସି ପ୍ରତିଯୋଗିତାରେ ଉଭୟ ଦଳ ମୁହାଁମୁହିଁ ହେଉଛନ୍ତି। ଟ୍ୱେଣ୍ଟି-୨୦ ବିଶ୍ୱକପ୍ ଶନିବାରଠୁ ଆରମ୍ଭ ହେବାକୁ ଥିଲା ବେଳେ ପ୍ରଥମ ଦିନ ନେଦରଲାଣ୍ଡ୍ ବିପକ୍ଷରେ ପାକିସ୍ତାନ ଖେଳି ଅଭିଯାନ ଆରମ୍ଭ କରିବ ଏହା ପୂର୍ବରୁ କଲମ୍ବୋରେ ବୁଧବାର ଆୟର୍ଲାଣ୍ଡ ବିପକ୍ଷରେ ୱାର୍ମଅପ୍ ମ୍ୟାଚ୍ ଖେଳିବ।

ସରକାର ଏବଂ କ୍ରିକେଟ ବୋର୍ଡ ଯାହା ନିଷ୍ପତ୍ତି ନେବ, ଆମେ ତାହା ପାଳନ କରିବୁ ପାକିସ୍ତାନ ଦଳର ଅଧିନାୟକ ସଲମାନ ଅଲୀ ଆଘା ସୋମବାର ଦଳର କଲମ୍ବୋ ଯାତ୍ରା ପୂର୍ବରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଏହା କହିଛନ୍ତି। ଆମ ଖେଳାଳିଙ୍କର ବୋର୍ଡ ସହ ଚୁକ୍ତି ହୋଇଛି ଆମ ସରକାର ଓ ବୋର୍ଡ ଯାହା ନିଷ୍ପତ୍ତି ନେବେ, ସମସ୍ତ ଖେଳାଳି ତାହା ପାଳନ କରିବେ। ଭାରତ ବିପକ୍ଷ ମ୍ୟାଚ୍ ଛଡ଼ା ଆମକୁ ୩ଟି ଗ୍ରୁପ ମ୍ୟାଚ୍ ଖେଳିବାର ଅଛି।ଆମେ ସେଗୁଡ଼ିକୁ ଜିତି ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହେବାକୁ ଲକ୍ଷ୍ୟ ରଖିଛୁ ବୋଲି ସଲମାନ କହିଛନ୍ତି। ଅନ୍ୟପକ୍ଷରେ ଶାହିଦ ଆଫ୍ରିଦୀ, ମହମ୍ମଦ ୟୁସୁଫ, ରଶିଦ ଲତିଫ, ମୋଇନ ଖାନ, ସର୍ଫରାଜ ଅହମଦ, ମହସିନ ଖାନଙ୍କ ଭଳି ପୂର୍ବତନ ଖେଳାଳି ଭାରତ ବିପକ୍ଷ ମ୍ୟାଚ୍‌କୁ ବଏକଟ କରାଯିବା ନିଷ୍ପତ୍ତି ପ୍ରତି ସମର୍ଥନ ବ୍ୟକ୍ତ କରିଛନ୍ତି।

# ବୋର୍ଡ ବୈଠକ ଡକାଇଲା ଆଇସିସି



ଦୁବାଇ,୨।୨(ଏଜେନ୍ସି): ପାକିସ୍ତାନ ଯୋଗୁଁ ଏଥରର ଟ୍ୱେଣ୍ଟି-୨୦ ବିଶ୍ୱକପରେ ଭାରତ-ପାକିସ୍ତାନ ମୁକାବିଲାକୁ ନେଇ ଦେଖାଦେଇଥିବା ଅନିଶ୍ଚିତତା ଯୋଗୁଁ ଆକ୍ସନ ମୋଡକୁ ଚାଲିଆସିଛି ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ଏହି ପ୍ରସଙ୍ଗରେ ସଦସ୍ୟ ରାଷ୍ଟ୍ରମାନଙ୍କ ସହ ଆଲୋଚନା ପାଇଁ ଏକ ଜରୁରୀ ବୋର୍ଡ ବୈଠକ ଡକାଇଛି। ବୈଠକଟି ମଙ୍ଗଳବାର କିମ୍ବା ବୁଧବାର ବସିପାରେ। ଏହି ବୈଠକରେ ପାକିସ୍ତାନର ନିଷ୍ପତ୍ତି ଓ ବିଶ୍ୱକପ୍ ଉପରେ ପଡ଼ିବାକୁ ଥିବା ପ୍ରଭାବ ଉପରେ ଆଲୋଚନା ହୋଇପାରେ। ଏହା ସହିତ ଯଦି ପାକିସ୍ତାନ ନିଜ ନିଷ୍ପତ୍ତିର ପୁନର୍ବିଚାର ନ କରେ। ତେବେ ପିସିବି ବିରୋଧରେ ନିଆଯିବାକୁ ଥିବା ସମ୍ଭାବ୍ୟ କାର୍ଯ୍ୟାନୁଷ୍ଠାନ ସଂପର୍କରେ ବି ଆଲୋଚନା ହୋଇପାରେ। ତେବେ ଆଇସିସି ସ୍ପଷ୍ଟ କରିଛି ଯେ ଭାରତ ବିପକ୍ଷ ମ୍ୟାଚ ବର୍ଜନ ସଂପର୍କରେ ପିସିବି ଏପର୍ଯ୍ୟନ୍ତ କୌଣସି ଔପଚାରିକ ପତ୍ର ପଠାଇନାହିଁ।

ରବିବାର ପାକିସ୍ତାନ ସରକାରଙ୍କ ନିଷ୍ପତ୍ତି ଆସିବା ପରେ ଆଇସିସି ପକ୍ଷରୁ ଏକ ବୟାନ ଜାରି କରି ପାକିସ୍ତାନକୁ ଚେତାବନୀ ଦିଆଯାଇଥିଲା। ଆଇସିସି ପକ୍ଷରୁ କୁହାଯାଇଥିଲା ଯେ କୌଣସି ଦେଶର ନୀତିକୁ ନେଇ ସରକାରମାନଙ୍କ ଭୂମିକାକୁ ଆଇସିସି ସମ୍ମାନ ଜଣାଉଥିଲେ ବି ଏହି ନିଷ୍ପତ୍ତି କ୍ରିକେଟର ସ୍ୱାର୍ଥ ତଥା ପାକିସ୍ତାନ ସମେତ ସାରା ବିଶ୍ୱରେ ଥିବା କୋଟି କୋଟି ପ୍ରଶଂସକଙ୍କ ସ୍ୱାର୍ଥର ଅନୁକୂଳ ନୁହେଁ। ନିଜ ଦେଶରେ କ୍ରିକେଟର ଭବିଷ୍ୟତକୁ ଦୃଷ୍ଟିରେ ରଖି ପିସିବି ନିଜ ନିଷ୍ପତ୍ତିର ପୁନର୍ବିଚାର କରୁ।ଏହା ସହିତ ସବୁ ଅଂଶୀଦାରଙ୍କୁ ଗ୍ରହଣୀୟ ହେବା ପରି ନିଷ୍ପତ୍ତି ଗ୍ରହଣ କରୁ।

ପାକିସ୍ତାନ ପ୍ରସଙ୍ଗରେ ଆଇସିସିର ଆଭିମୁଖ୍ୟକୁ ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ) ସମର୍ଥନ କରିଛି ବୋର୍ଡର ଉପ-ସଭାପତି ରାଜୀବ ଶୁକ୍ଲା କହିଛନ୍ତ ଆଇସିସି ଏହି ପ୍ରସଙ୍ଗରେ ବଡ଼ ବୟାନ ଦେଇଛି ଓ କ୍ରୀଡ଼ାମନୋଭାବ କଥା କହିଛି । ଆଇସିସିର ଏହି ଆଭିମୁଖ୍ୟକୁ ଆମେ ସମର୍ଥନ କରୁଛୁ। ତେବେ ଏହି ପ୍ରସଙ୍ଗରେ ଆମେ ଆଇସିସି ସହ ଆଲୋଚନା ନ କରିବା ପର୍ଯ୍ୟନ୍ତ ଆଉ କୌଣସି ବୟାନ ଦେବୁ ନାହିଁ।

# ଅଭ୍ୟାସ ମ୍ୟାଚ୍ ଖେଳିଲେ ତିଳକ



ନୂଆଦିଲ୍ଲୀ,୨।୨: ଟ୍ୱେଣ୍ଟି-୨୦ ବିଶ୍ୱକପ୍ ପୂର୍ବରୁ ଭାରତ ଦୁଇଟି ଅଭ୍ୟାସ ମ୍ୟାଚ ଯୁକ୍ତରାଷ୍ଟ୍ର ଆମେରିକା ଓ ନାମିବ୍ୟା ବିରୋଧରେ ଖେଳିବ। ଏହି ମ୍ୟାଚ ଦୁଇଟି ସୋମବାର ଓ ଶୁକ୍ରବାର ଯଥାକ୍ରମେ ନଭିମୁମ୍ବାଇ ଓ ବେଙ୍ଗାଲୁରୁରେ ଖେଳାଯିବ। ଆଜି ମାଚରେ ଭାରତ ଏ ୨୦ ଓଭରରେ ୩ ୱିକେଟ ହରାଇ ୨୩୮ ରନ୍ କରିଥିବାବେଳେ ତିଳକ ବର୍ମା ୨୪ ବଲରୁ ୩୮ ରନ୍ କରିଥିଲେ। ସେହିପରି ପ୍ରିୟାନ୍ସ ଆର୍ଯ୍ୟ ୧୩ ବଲରୁ ୨୮ ରନ୍ କରିଥିଲେ। ନାରାୟର ଜଗଦେଶାନ ୫୫ ବଲରୁ ୧୧ ଚୌକା, ୫ ଛକା ବଳରେ ୧୦୪ ରନ, ଆୟୁଷ ବଦୋନି ୨୬ ବଲରୁ ୬୦ ରନ୍ କରିଥିଲେ। ଜବାବରେ ଆମେରିକା ୧୯.୪ ଓଭରରେ ୨୦୦ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ରବିବିଷ୍ଣୋଇ ୩ ଓ ଖଲିଲ ଅହମ୍ମଦ ୨ ୱିକେଟ ନେଥିଲେ।

ଏହି ଦୁଇଟି ମୁକାବିଲା ପାଇଁ ଆୟୁଷ ବଦୋନିଙ୍କ ନେତୃତ୍ୱରେ ଭାରତ-ଏ ଦଳ ଘୋଷଣା ହୋଇଛି। ଏହି ଦଳରେ ବାମହାତୀ ବ୍ୟାଟର ତିଳକ ବର୍ମାଙ୍କୁ ସାମିଲ କରାଯାଇଛି। ଆହତ ଜନିତ କାରଣରୁ ସେ ନ୍ୟୁଜିଲାଣ୍ଡ ବିପକ୍ଷ ଟ୍ୱେଣ୍ଟି-୨୦ ଶୃଙ୍ଖଳା ଖେଳିପାରିନଥିଲେ। ତେବେ ସୁସ୍ଥ ହେବା ପରେ ସେ ଭାରତୀୟ ଦଳକୁ ଫେରିବାକୁ ପ୍ରସ୍ତୁତ ହୋଇଯାଇଛନ୍ତି। ସେ ଦୁଇଟିଯାକ ଅଭ୍ୟାସ ମୁକାବିଲା ଖେଳିବା ପରେ ବିଶ୍ୱକପରେ ଭାରତୀୟ ଦଳ ସହ ଯୋଗ ଦେବେ ବିସିସିଆଇ ପକ୍ଷରୁ ଘୋଷିତ ଭାରତ-ଏ ଦଳରେ ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିସାରିଥିବା କେତେକ ଖେଳାଳିଙ୍କୁ ସାମିଲ କରାଯାଇଛି ତିଳକଙ୍କ ବ୍ୟତୀତ ସାମିଲ ହୋଇଥିବା ଅନ୍ୟ ଅନ୍ତର୍ଜାତୀୟ ଖେଳାଳିଙ୍କ ମଧ୍ୟରେ ଅଛନ୍ତି ରିୟାନ ପରାଗ, ରବି ବିଷ୍ଣୋଇ, ଖଲିଲ ଅହମ୍ମଦ, ମୟଙ୍କ ଯାଦବ।

**ଭାରତ-ଏ ଦଳ:** ଆୟୁଷ ବଦୋନି (ଅଧିନାୟକ), ନମନ ଧୀର, ଅଶୁତୋଷ ଶର୍ମା, ପ୍ରିୟାଂଶ ଆର୍ଯ୍ୟା, ଏନ୍. ଜଗଦୀଶନ (ୱିକେଟକିପର), ତିଳକ ବର୍ମା, ରିୟାନ ପରାଗ, ମାନବ ସୁତାର, ଅଶୋକ ଶର୍ମା, ଉର୍ଭିଲ ପଟେଲ (ୱିକେଟରକ୍ଷକ), ଗୁରୁଜପନୀତ ସିଂହ, ବିପ୍ରାଜ ନିଗମ, ରବି ବିଷ୍ଣୋଇ, ଖଲିଲ ଆହମଦ ଓ ମୟଙ୍କ ଯାଦବ।

## ପାକିସ୍ତାନରେ ବିତର୍କ

ନୂଆଦିଲ୍ଲୀ,୨।୨ : ଟି-୨୦ ବିଶ୍ୱକପରେ ପାକିସ୍ତାନ ଭାରତ ବିପକ୍ଷ ମ୍ୟାଚ ବର୍ଜନ କରିବା ନେଇ ଘୋଷଣା କରିବା ପରେ ସବୁଠି ନିନ୍ଦା ସହୁଛି ଶତ୍ରୁ ଦେଶ ପାକିସ୍ତାନ ଯଦି ନିଷ୍ପତ୍ତି ନବଦଳାଏ ଫଅାଇସିସି କଡ଼ା ପଦକ୍ଷେପ ନେବ ତେବେ ଏହା ପୂର୍ବରୁ ବିଭିନ୍ନ ବିତର୍କମାନ ଦେଖିବାକୁ ମିଳୁଛି । ପୂର୍ବତନ ପାକିସ୍ତାନୀ କ୍ରିକେଟର ରସିଦ ଲତିଫ୍ ଭାରତୀୟ ଗଣମାଧ୍ୟମ ସହ ଆଲୋଚନା ବେଳେ କହିଛନ୍ତି ପାକିସ୍ତାନ ନିଜର ନିଷ୍ପତ୍ତି ବଦଳାଇପାରେ କାରଣ ପୂର୍ବରୁ ଏଭଳି ପାକିସ୍ତାନ ଦେଇଥିବା କିଛି ନିଷ୍ପତ୍ତିକୁ ପୁଣିଥରେ ବଦଳାଇଥାଏ । ମହସିନ ନକଭି ଲୋକପ୍ରିୟତା ଏବଂ ରାଜନୀତି ପାଇଁ ଏଭଳି ପଦକ୍ଷେପ ଗ୍ରହଣ କରିଛନ୍ତି । ରାଜନେତିକ ବାହାନା ପାଇଁ ଏଭଳି କହିଛନ୍ତି । ମାତ୍ର ଏବେ ଚର୍ଚ୍ଚା ହେଉଛି କି, ୨୪ ଘଣ୍ଟା ମଧ୍ୟରେ ପାକିସ୍ତାନ ନିଜର ନିଷ୍ପତ୍ତିରେ ପରିବର୍ତ୍ତନ କରିପାରେ । ଏହାସହ ଭାରତ ସହ ମଧ୍ୟ ଆଲୋଚନା କରାଯାଉଥିବା ସେ କହିଛନ୍ତି ସେପଟେ ପାକିସ୍ତାନ ଯଦି ଭାରତ ବିପକ୍ଷ ମ୍ୟାଚ ନଖେଳେ ତାହେଲେ କୋଟି କୋଟି ଟଙ୍କାର କ୍ଷତି ସହିବ ଆଇସିସିର ବାର୍ଷିକ ଅଂଶ ମଧ୍ୟ ହରାଇବ ପାକିସ୍ତାନ ଏହାସହ ପାକିସ୍ତାନ ୨୦୨୮ ମସିହାରେ ହେବାକୁ ଥିବା ଟି-୨୦ ବିଶ୍ୱକପ ଆୟୋଜନ ମଧ୍ୟ ହରାଇପାରେ ଆଇସିସି କଡ଼ା କାର୍ଯ୍ୟାନୁଷ୍ଠାନ ନେବ ଏଭଳି ଭାବେ ଅନେକ କ୍ଷତି ସହିପାରେ ପାକିସ୍ତାନ।

# ଅନାହତ ସିଂ ଜିତିଲେ ସ୍କ୍ୱାସ୍ ଅନ୍ ଫାୟାର ଓପନ୍



ନୂଆଦିଲ୍ଲୀ,୨।୨: ଭାରତର ଅନାହତ ସିଂ ୱାସିଂଟନରେ ଅନୁଷ୍ଠିତ ସ୍କ୍ୱାସ୍ ଅନ୍ ଫାୟାର ଓପନ୍ ପ୍ରତିଯୋଗିତା ବିଜୟୀ ହୋଇଛନ୍ତି ଏହା ସହିତ ସେ ନିଜ କ୍ୟାରିୟରର ପ୍ରଥମ ପିଏସଏ ବ୍ରୋଞ୍ଜ୍-ସ୍ତରୀୟ ଟାଇଟେଲ୍ ହାସଲ କରିଛନ୍ତି।

ରବିବାର ଅନୁଷ୍ଠିତ ଫାଇନାଲରେ ବିଶ୍ୱର ୩୧ ନମ୍ବର ମାନ୍ୟତାପ୍ରାପ୍ତ ଏହି ଭାରତୀୟ ଲଳନା ବିଶ୍ୱର ୧୦ ନମ୍ବର ଖେଳାଳି ତଥା ପ୍ରତିଯୋଗିତାର ଶୀର୍ଷ ମାନ୍ୟତାପ୍ରାପ୍ତ ଜର୍ଜିନା କେନେଡିଙ୍କୁ ୧୨-୧୦,୧୧-୫,୧୧-୭ ସେଟରେ ହରାଇ ଚାମ୍ପିୟନ ହୋଇଥିଲେ। ଏହା ଅନାହତଙ୍କ କ୍ୟାରିୟରର ୧୫ତମ ପିଏସଏ ଟୁର ଟାଇଟଲ ହୋଇଥିବାବେଳେ ଏହାକୁ ସବୁଠାରୁ ବଡ଼ ଟାଇଟେଲ୍ ବୋଲି କୁହାଯାଉଛି। ମୁକାବିଲାର ପ୍ରଥମ ସେଟରେ ଅନାହତ ୮-୧୦ରେ ପଛୁଆ ଥିଲେ ବି ଲଢୁଆ। ଖେଳ ପ୍ରଦର୍ଶନ କରି ପ୍ରତ୍ୟାବର୍ତ୍ତନ କରିଥିଲେ ଓ ତାହାକୁ ୧୨-୧୦ରେ ଜିତିନେଇଥିଲେ ପରବର୍ତ୍ତି ଦୁଇଟି ସେଟକୁ ସେ ଅଧିକ ନିୟନ୍ତ୍ରଣର ସହ ଖେଳ ପ୍ରଦର୍ଶନ କରି ୧୧-୫ ଓ ୧୧-୭ରେ ଜିତିନେଇଥିଲେ।

ଏହି ପ୍ରତିଯୋଗିତାର ପୁରୁଷ ବର୍ଗରେ ଇଂଲଣ୍ଡର ମହମ୍ମଦ ଏଲସରବର୍ଗି ବିଜୟୀ ହୋଇଛନ୍ତି।ସେ ନିଜ ଦେଶର ଡେକ୍ଲାନ ଜେମ୍ସଙ୍କୁ ୧୧-୪,୧୧-୬ ଓ ୧୧-୮ ସେଟରେ ପରାସ୍ତ କରି ଚାମ୍ପିୟନ ହୋଇଛନ୍ତି।ପେସାଦାର ସ୍କ୍ୱାସ୍ ଆସୋସିଏସନ (ପିଏସଏ) ଅନୁମୋଦିତ ଅନ୍ତର୍ଜାତୀୟ ସ୍କ୍ୱାସ୍ ପ୍ରତିଯୋଗିତାଗୁଡ଼ିକୁ ପ୍ଲାଟିନମ୍, ଗୋଲଡ୍, ସିଲଭର୍ ଓ ବ୍ରୋଞ୍ଜ ମାନ୍ୟତା ଅନୁସାରେ ବିଭକ୍ତ କରାଯାଇଥାଏ ବ୍ରୋଞ୍ଜ ପ୍ରତିଯୋଗିତାଗୁଡ଼ିକରେ ଅନ୍ୟ ମାନ୍ୟତାପ୍ରାପ୍ତ ପ୍ରତିଯୋଗିତା ତୁଳନାରେ କମ ପୁରସ୍କାର ରାଶି ମିଳୁଥିଲେ ବି ମାନ୍ୟତା ଅଂକ ମିଳିଥାଏ ଏହି ବିଜୟ ପରେ ଅନାହତଙ୍କ ମାନ୍ୟତାରେ ଉନ୍ନତି ଆସିବାର ସମ୍ଭାବନା ରହିଛି।ସେ ମଧ୍ୟ ସ୍କ୍ୱାସ୍ ବିଶ୍ୱକପ୍ ବିଜୟୀ ଭାରତୀୟ ଦଳର ସଦସ୍ୟା ଥିଲେ।

## ତୁଫେଲଙ୍କ ପଦାର୍ପଣ ୮ ୱିକେଟ୍ ବେକାର

# ପରାଜୟରେ ଋତୁ ଶେଷ କଲା ଓଡ଼ିଶା

ଭୁବନେଶ୍ୱର,୨।୨: ଆଉ ଏକ ପରାଜୟ ସହିତ ଓଡ଼ିଶା ରଣଜୀ ଦଳ ୨୦୨୫-୨୬ ଋତୁ ଶେଷ କରିଛି ଜାମସେଦପୁରର କିନାନ ଷ୍ଟାଡିୟମ୍‌ରେ ଏଲିଟ୍ ଗ୍ରୁପ୍-ଏ ରଣଜୀ ଟ୍ରଫି ମୁକାବିଲାରେ ଓଡ଼ିଶାକୁ ଘରୋଇ ଝାଡ଼ଖଣ୍ଡ ଅପ୍ରତ୍ୟାଶିତ ଭାବେ ୪ ୱିକେଟ୍‌ରେ ହରାଇ ଦେଇଛି ପ୍ରଥମ ପଦାର୍ପଣରେ ୧୮ ବର୍ଷୀୟ ବାମହାତୀ ସ୍ପିନର୍ ସୟଦ ତୁଫେଲ ଅହମଦ ଉଭୟ ପାଳିରୁ ୮ ୱିକେଟ୍ ଦଖଲ କରିବା ସତ୍ତ୍ୱେ ଓଡ଼ିଶାକୁ ପରାଜୟ ବରଣ କରିବାକୁ ପଡ଼ିଛି। ଫଳରେ ପ୍ରଥମ ପାଳିରେ ୧୯ ରନ୍ ଅଗ୍ରଣୀ ନେଇଥିଲେ ମଧ୍ୟ ଏହାକୁ ସୁରକ୍ଷିତ ରଖିନପାରି ଶୂନ୍ୟ ହସ୍ତରେ ଫେରିଛି। ଓଡ଼ିଶା ୭ ମ୍ୟାଚ୍‌ରୁ ଗୋଟିଏ ବିଜୟ, ୫ ପରାଜୟ ସହିତ ୭ ପଏଣ୍ଟ୍ ପାଇ ସପ୍ତମ ସ୍ଥାନରେ ଅଭିଯାନ ଶେଷ କରିଛି। ଏହି ମ୍ୟାଚ୍ ହାରିଯାଇଥିଲେ ।ଝାଡ଼ଖଣ୍ଡ କ୍ୱାର୍ଟରଫାଇନାଲ୍‌ରୁ ବଞ୍ଚିତ ହୋଇଥାନ୍ତା। ତେବେ ସଫଳତାର ସହ ଏଭଳି ବିପଦକୁ ଟାଳି ରୋମାଞ୍ଚକ ବିଜୟ ସହ ଗ୍ରୁପ୍ ବିଜେତା ହୋଇ ନକ୍ ଆଉଟ୍ ଯୋଗ୍ୟତା ଅର୍ଜନ କରି ନେଇଛି।



ରବିବାର ଓଡ଼ିଶା ଏହାର ଦ୍ୱିତୀୟ ପାଳିକୁ ୨୦୨/୮ରୁ ଖେଳି ଗୋବିନ୍ଦ ପୋଦ୍ଦାର (୩୧) ଓ ସୁନିଲ ରାଉଳ (୧୨)ଙ୍କୁ ହରାଇ ୨୨୬ ରନ୍‌ରେ ଅଟକିଯାଇଥିଲା। ଏହି ବିଜୟ ଲକ୍ଷ୍ୟରେ ପହଞ୍ଚିବାକୁ ଝାଡ଼ଖଣ୍ଡକୁ ବିଶେଷ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିନଥିଲା। ଗୋବିନ୍ଦ ପୋଦ୍ଦାର ପ୍ରଥମ ୨ ୱିକେଟ୍ ଦଖଲ ପରେ ସୟଦ ତୁଫେଲ ଅହମଦ ୪ୱିକେଟ୍ ଦଖଲ କରି କିଛିଟା ଆଶା ସଂଚାର କରିଥିଲେ। କିନ୍ତୁ ଶରଣଦୀପ ସିଂହ, ରବିନ ମିଞ୍ଜ, ଅନୁକୁଳ ରାୟଙ୍କ ଲଢୁଆ। ପାଳି ବଳରେ ଝାଡ଼ଖଣ୍ଡ ୬ ୱିକେଟ୍ ହରାଇ ବିଜୟ ଲକ୍ଷ୍ୟରେ ପହଞ୍ଚିଯାଇଥିଲା। ଉଭୟ ପାଳିରେ ଅର୍ଦ୍ଧଶତକ ହାସଲ କରିଥିବାରୁ ରବିନ୍ ମିଞ୍ଜ୍ (୫୨ ଓ ୬୩) ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

ସଂକ୍ଷିପ୍ତ ସ୍କୋର୍: ଓଡ଼ିଶା ପ୍ରଥମ ପାଳି-୨୮୨ (ସ୍ୱସ୍ତିକ ସାମଲ ୭୯, ଗୋବିନ୍ଦ ପୋଦ୍ଦାର ୬୪, ସୌରଭ ଶେଖର ୩/୪୩, ଆଦିତ୍ୟ ସିଂହ ୩/୩୫) ଝାଡ଼ଖଣ୍ଡ ପ୍ରଥମ ପାଳି: ୨୬୩ (ଶିଖର ମୋହନ ୮୦, ରବିନ ମିଞ୍ଜ ୫୨, ସୟଦ ତୁଫେଲ ଅହମଦ ୪/୭୮, ଗୋବିନ୍ଦ ପୋଦ୍ଦାର ୩/୭୧, ରାଜେଶ ମହାନ୍ତି ୨/୩୭) ଓଡ଼ିଶା ଦ୍ୱିତୀୟ ପାଳି: ୭୬.୫ ଓଭରରେ-୨୨୬ (ଶୁଭ୍ରାଂଶୁ ସେନାପତି ୭୩, ଗୋବିନ୍ଦ ପୋଦ୍ଦାର ୩୧, ଅନୁକୂଳ ରୟ ୫/୭୨, ଆଦିତ୍ୟ ସିଂହ ୪/୭୭) ଝାଡ଼ଖଣ୍ଡ ଦ୍ୱିତୀୟ ପାଳି: ୭୧.୩ ଓଭରରେ ୨୪୯/୬ (ଶରଣଦୀପ ସିଂହ-୬୪, ରବିନ୍ ମିଞ୍ଜ୍-୬୩, ଅନୁକୂଳ ରୟ-୪୫, ଆଦିତ୍ୟ ସିଂହ-୨ ୨ଅପରାଜିତ, ସୟଦ ତୁଫେଲ ଅହମଦ-୪/୧୦୧ଗୋବିନ୍ଦ ପୋଦ୍ଦାର-୨/୯୩)।।

## ସର୍ବଭାରତୀୟ ମହାରାଜା ରାଜେନ୍ଦ୍ର ନାରାୟଣ ସିଂଦେଓ ସ୍ମାରକୀ ଫୁଟବଲ

# ସୋନପୁର ରାମଧୂନ କ୍ଲବ ୩-୧ ରେ ଚମ୍ପିୟାନ



ବଲାଙ୍ଗିର,୨।୨:- ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମ ଠାରେ ସର୍ବଭାରତୀୟ ମହାରାଜା ରାଜେନ୍ଦ୍ର ନାରାୟଣ ସିଂଦେଓ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ଫାଇନାଲ ଖେଳରେ ସୋନପୁର ରାମଧୂନ ୩-୧ ଗୋଲରେ କୁଚିଣ୍ଡା ବ୍ରଦର୍ସ ଫୁଟବଲ କ୍ଲବକୁ ହରାଇ ବିଜୟୀ ହୋଇଛି।

ଟୁର୍ଣ୍ଣାମେଣ୍ଟ କମିଟି କାର୍ଯ୍ୟକାରୀ ସଭାପତି ବିଧୂ ଭୂଷଣ ତ୍ରିପାଠି ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଖେଳରେ ମୁଖ୍ୟ ଅତିଥି ଭାବେ ରାଜଖରିଆର ବିଧାୟକ ଅହିରାଜ ପାଣିଗ୍ରାହୀ, ନର୍ଲା ବିଧାୟିକା ମନୋରମା ମହାନ୍ତି ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଜିଲ୍ଲା କ୍ରୀଡା ସଂସଦର ସାଧାରଣ ସଂପାଦକ ହରିନାରାୟଣ ପୁଜାରୀ, ବରିଷ୍ଠ ଆଇନଜିବୀ ପ୍ରମୋଦ କୁମାର ମିଶ୍ର, ପୂର୍ବତନ ବ୍ଲକ ଚେୟାରମେନ ଗୁଲାପ ବାଗ, ପୂର୍ବତନ ପୌରାଧକ୍ଷା ଦମୟନ୍ତି ବାଗ ଓ ଛାତ୍ର ନେତା ସୁମନ କୁମାର ନନ୍ଦ ଯୋଗଦେଇଥିଲେ। ସେହିପରି କମିଟିର ଉପ-ସଭାପତି ଶମ୍ଭୁ ପ୍ରସାଦ ନାଗ,ସଂପାଦକ ସାଗର ସଂଗମ ଶତପଥି ମଂଚାସିନ ଥିଲେ । ଆଜିର ଖେଳକୁ ସୁବ୍ରତ ପୁରୋହିତ, ଜିତେନ୍ଦ୍ର ପାତ୍ର, ସଂଜନ କୁମାର କୁଦେଇ ଓ ଦେବାଶିଷ ବାଗ ପରିଚାଳନା କରିଥିଲେ । ସୋନପୁର ଦଳର ସୁନିଲ ବାଘା ବେଷ୍ଟ ଗୋଲକିପର, ମ୍ୟାନ୍ ଅଫ୍ ଦି ମ୍ୟାଚ ସୋନପୁର ର ବିଶାଲ ମୁଣ୍ଡା ଓ ମ୍ୟାନ ଅଫ୍ ଦ ଟୁର୍ଣ୍ଣାମେଣ୍ଟ ଭାବେ କୁଚିଣ୍ଡା ଦଳର ଆଦିତ୍ୟ ଖାଖାଙ୍କୁ ଟ୍ରଫି ସହ ୨ହଜାର ଟଙ୍କା ପ୍ରଦାନ ପୂର୍ବକ ପୁରସ୍କୃତ କରାଯାଇଥିଲା । ବିଜୟୀ ସୋନପୁର ରାମଧୂନ ଦଳକୁ ଚମ୍ପିୟାନ ଟ୍ରଫିସହ ୫୫ହଜାର ୫ଶହ ୫୫ଟଙ୍କା ଓ ଉପ-ବିଜେତା ଦଳଙ୍କୁ ଟ୍ରଫିସହ ୩୩ହଜାର ୩ଶହ ୩୩ଟଙ୍କା ରେ ପୁରସ୍କୃତ କରାଯାଇଥିଲା। ମାନ୍ୟବର ନର୍ଲା ବିଧାୟିକା ମନୋରମା ମହାନ୍ତି ଓ ବଲାଙ୍ଗିର ବିଧାୟକ ତଥା ଟୁର୍ଣ୍ଣାମେଣ୍ଟ କମିଟିର ସଭାପତି କଳିକେଶ ନାରାୟଣ ସିଂଦେଓ ପୁରସ୍କାର ପ୍ରଦାନ କରିଥିଲେ । ସେହିପରି ଦୁଇଜଣ ପୂର୍ବତନ ଫୁଟବଲ ଖେଳାଳି ସୁଧାନିଧି ହୋତା ଓ କୃଳମଣି ମେହେରଙ୍କୁ ମାନପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ସହ ସମ୍ମାନିତ କରାଯାଇଥିଲା । ରେଫରିମାନଙ୍କୁ ମଧ୍ୟ ମାନପତ୍ର, ଉପଢୌକନ ଦେଇ ଅତିଥିମାନେ ସମ୍ମାନିତ କରିଥିଲେ। କ୍ରୀଡା ସଂସଦର ଫୁଟବଲ ସଂପାଦକ ଶରତ କୁମାର ନନ୍ଦ ମ୍ୟାଚ କମିଶନର ଦାୟିତ୍ୱ ତୁଲାଇଥିବା ବେଳେ ଜିଲ୍ଲା କ୍ରୀଡା ସଂସଦର କୋଷାଧ୍ୟକ୍ଷ ହେମନ୍ତ କୁମାର ବେହେରା ମଂଚ ପରିଚାଳନା କରିଥିଲେ। ବିଭୁତି ଭୂଷଣ ମିଶ୍ର, ବିରସେନ ସାହୁ, ଭୁପେନ୍ଦ୍ର ସିଂ, ସନ୍ତୋଷ ଦନ୍ତା, ଦିଲିପ ବର୍ଗଡ଼, ନିହାର ରଂଜନ ସ୍ୱାଇଁ, ଡୋଳାମଣି ବାଗ,ଚିନ୍ମୟ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ଫୁଲବାଣୀ ଏମ୍‌କେଏସ୍‌ପି ଭଲିବଲ୍ : ରେଣ୍ଡମ୍ ସିକ୍ସ ଚମ୍ପିଆନ୍

କନ୍ଧମାଳ,୨।୨: ଦୀର୍ଘ ପାଂଚଦିନ ବ୍ୟାପୀ ଚାଲିଥିବା ଭଲିବଲ୍ ଟୁର୍ଣ୍ଣାମେଂଟର ଫାଇନାଲ ମ୍ୟାଚ ଆଜି ଅନୁଷ୍ଠିତ ହୋଇଯାଇ ଅଛି। ଖେଳ ଆରମ୍ଭରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ସମରେଶ ମହାନ୍ତି ଯୋଗଦେଇ କ୍ରୀଡାବିତ୍‌ମାନଙ୍କ ଶାରିରୀକ ସୁସ୍ଥତା ସହ ଦକ୍ଷତା ବିକାଶ ଦିଗରେ ଏ ପ୍ରକାର ଟୁର୍ଣ୍ଣାମେଂଟ ସହାୟକ ହେବ ବୋଲି ମତପୋଷଣ କରିଥିଲେ। ଅନ୍ୟତମ ଅତିଥି ଭାବେ ଯୋଗଦେଇ ପ୍ରେସ୍ କ୍ଲବ୍ ସଭାପତି ସୁନୀଲ ପଟ୍ଟନାୟକ ଏବଂ ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀ ସତ୍ୟବ୍ରତ ସେଣ୍ଠ ଏମ୍‌କେଏସ୍‌ପିର ଦୀର୍ଘବର୍ଷର ପ୍ରୟାସର ଭୂୟସୀ ପ୍ରଶଂସା କରିଥିଲେ। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ରୂପେ ଯୋଗଦେଇ କ୍ରୀଡ଼ାବିତ୍‌ମାନଙ୍କର ସାମଗ୍ରିକ ବିକାଶ କ୍ଷେତ୍ରରେ ଏବଂ ଦକ୍ଷ ଖେଳାଳୀ ଚିହ୍ନଟରେ ଏମ୍‌କେଏସ୍‌ପି ଫୁଲବାଣୀର ଉଦ୍ୟମର ପ୍ରଶଂସା କରିଥିଲେ। ଅନୁଷ୍ଠାନର ସଭାପତି ବିଜୟକୃଷ୍ଣ ପଟ୍ଟନାୟକଙ୍କ ଅଧକ୍ଷତାରେ ଆୟୋଜିତ ଏହି ଟୁର୍ଣ୍ଣାମେଂଟରେ କନ୍ଧମାଳର ରେଣ୍ଡମ୍ ସିକ୍ସ ବିଜୟୀ ଓ ଗଜପତି ଜିଲ୍ଲାର ଅଡ଼ବା ଟିମ୍ ରନର୍ସ ଭାବେ ଟ୍ରଫି ପାଇଥିଲେ। ବିଜୟୀ ଦଳକୁ ୨୫୦୦୦ ଟଙ୍କା ଏବଂ ରନର୍ସ ଦଳକୁ ୧୮୦୦୦ ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ସେପରି ଶ୍ରେଷ୍ଠ କ୍ରୀଡ଼ାବିତ ସମେତ ବିଭିନ୍ନ ବିଭାଗରେ ଉତ୍କର୍ଷତା ଦେଖାଇଥିବା ସମସ୍ତ ଖେଳାଳୀଙ୍କୁ ପୁରସ୍କୃତ କରାଯାଇଥିଲା। ଉଦଯାପନୀ ଉତ୍ସବରେ ଅନ୍ୟତମ ଅତିଥି ଭାବେ ଯୋଗଦେଇ ପ୍ରେସ କ୍ଲବ୍ ସଭାପତି ସୁନୀଲ ପଟ୍ଟନାୟକ, ଖାଦ୍ୟ ସୁରକ୍ଷା ଅଧିକାରୀ ସତ୍ୟବ୍ରତ ସେଣ୍ଠ, କାଉନସିଲର ତଥା ସରକାରୀ ଓକିଲ ରମେଶ ମହାନ୍ତି ଯୋଗଦେଇ ଖେଳାଳୀଙ୍କୁ ଉତ୍ସାହିତ କରିଥିଲେ।ଏହି ରାଜ୍ୟସ୍ତରୀୟ ଟୁର୍ଣ୍ଣାମେଂଟର ସଫଳ ଆୟୋଜନରେ ଅନୁଷ୍ଠାନର ଉପ ସଭାପତି ପ୍ରସନ୍ନ ବିଷୋୟୀ, ଜୟଦେବ ନାୟକ, ପ୍ରଭାତ ଦାସ, ଶରତ ପଟ୍ଟନାୟକ, ବିପିନ୍ ପଟ୍ଟନାୟକପ୍ରମୁଖଙ୍କ ପ୍ରଚେଷ୍ଟାରେ ଏହି ରାଜ୍ୟସ୍ତରୀୟ ଟୁର୍ଣ୍ଣାମେଂଟ ସଫଳ ଭାବେ ଆୟୋଜିତ ହୋଇଥିବାରୁ ଅନୁଷ୍ଠାନର ସଭାପତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ